# ସୁଧୁରିନି ରାଶନ କାର୍ଡ ବିଭ୍ରାଟ

ଯାଜପୁର,୧୨।୩(ହର୍ଷବର୍ଦ୍ଧନ ବେହେରା):

■ ଆବେଦନ କରି ଅପେକ୍ଷାରେ ବହୁ ଯୋଗ୍ୟ ବ୍ୟକ୍ତି

■ ତଦନ୍ତ ନିର୍ଦ୍ଦେଶ ଦେଲେ ଖାଦ୍ୟ ଯୋଗାଣ ବିଭାଗ ଉପସଚିବ

ଜାତୀୟ ଖାଦ୍ୟ ସୁରକ୍ଷା ଆଇନ-୨୦୧୩ ଆଧାରରେ ଓଡ଼ିଶାରେ ରାଶନକାର୍ଡ ହିତାଧିକାରୀ ଚୟନ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଛି। ଏହିକ୍ରମରେ ୨୦୧୭ ପଞ୍ଚାୟତ ନିର୍ବାଚନ ପୂର୍ବରୁ ୨୦୧୫ରେ ରାଜ୍ୟରେ ନୂଆ ରାଶନ କାର୍ଡ ବଣ୍ଟନ ହୋଇଥିଲା। ନୂଆ ତାଲିକାରେ ପ୍ରତି ଜିଲାରେ ରାଶନକାର୍ଡ ପାଇବାକୁ ଯୋଗ୍ୟ ହଜାରହଜାର ଗରିବ ପରିବାର ବାଦ ପଡିଥିବାବେଳେ ବହୁ ଥିଲାବାଲା ଲୋକ ସ୍ଥାନପାଇଥିଲେ। ଏହାକୁ ନେଇ ସେତେବେଳେ ବିକ୍ଷୋଭ, ଧାରଣା, ପଞ୍ଚାୟତ କାର୍ଯ୍ୟାଳୟ ତାଲା ପକାଇବା ଭଳି ଘଟଣାମାନ ଘଟିଥିଲା। ତେବେ ରାସଶକାର୍ଡ ପାଇବାରୁ ବଞ୍ଚିତ ହୋଇଥିବା ସମସ୍ତ ଯୋଗ୍ୟ ବ୍ୟକ୍ତିଙ୍କୁ କାର୍ଡ ପ୍ରଦାନର ବ୍ୟବସ୍ଥା କରାଯିବ ବୋଲି ତତ୍କାଳୀନ ଯୋଗାଣ ବିଭାଗ ମନ୍ତ୍ରୀ ବିବୃତି ରଖିଥିଲେ। କିନ୍ତୁ ଇତିମଧ୍ୟରେ ୧୦ ବର୍ଷ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ରାଶନକାର୍ଡ ବିଭ୍ରାଟ ସୁଧୁରି ପାରୁନାହିଁ। ନୂଆ ସରକାର ଆସିବା ପରେ ପ୍ରତି ବ୍ଲକ ଅଞ୍ଚଳରେ କେତେକ ଅଯୋଗ୍ୟଙ୍କୁ ତାଲିକାରୁ ବାଦ ଦିଆଯାଇଥିଲା। କିନ୍ତୁ ଜନଶୁଣାଣି ପୋର୍ଟାଲରେ ହୋଇଥିବା କେତେକ ଅଭିଯୋଗଗୁଡିକୁ ଅବଲୋକନ କଲେ ଯାଜପୁର ଜିଲାରେ ଏବେ ବି ବହୁ ଯୋଗ୍ୟ ବ୍ୟକ୍ତି ରାଶନକାର୍ଡ ପାଇ ନ ଥିବାବେଳେ ଅଯୋଗ୍ୟ ଏହାର ଫାଇଦା ନେଉଥିବା ଜଣାପଡିଛି। ଏହିକ୍ରମରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଡେପୁଟି ସେକ୍ରେଟାରୀ(ଉପସଚିବ) ଟିମୋ କହଁର ଆବଶ୍ୟକ ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯାଜପୁର ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଏହିସବୁ ସମସ୍ୟାର ତୁରନ୍ତ ସମାଧାନ କରା ନ ଗଲେ ଏହା ଆଗାମୀ ପଞ୍ଚାୟତ ନିର୍ବାଚନକୁ ପ୍ରଭାବିତ କରିବ ବୋଲି ଚର୍ଚ୍ଚା ହେଉଛି।

୨୩ ବର୍ଷ ପରେ ରାଜ୍ୟ ସରକାର ନୂଆ କରି ରାଶନ ରିହାତି ପାଇବାର ଯୋଗ୍ୟ ଲୋକଙ୍କ ତାଲିକା ପ୍ରସ୍ତୁତ କରି କମ୍ପ୍ୟୁଟରୀକରଣ କରିଥିଲେ। ଯେଉଁ ଲୋକମାନେ ସମାଜରେ ଅବହେଳିତ ଓ ଆର୍ଥିକ ଅନଗ୍ରସର ହୋଇ ରହିଛନ୍ତି, ସେମାନଙ୍କୁ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରିବାକୁ ଏହି ବ୍ୟବସ୍ଥା କେନ୍ଦ୍ର ସରକାରଙ୍କ ପକ୍ଷରୁ ହୋଇଥିଲା। ରାଜ୍ୟର ମୋଟ ଜନସଂଖ୍ୟାର ୭୮% ଲୋକଙ୍କୁ ଏହି ଯୋଜନାରେ ସାମିଲ କରାଯିବାକୁ ଲକ୍ଷ୍ୟଧାର୍ଯ୍ୟ ହୋଇଥିଲା। ଏହାସତ୍ତ୍ୱେ ଏବେ ବି କାର୍ଡ ପାଇବାକୁ ଯୋଗ୍ୟ ଅନେକ ଗରିବ ଶ୍ରେଣୀର ଲୋକ ହିତାଧିକାରୀ ତାଲିକାରେ ସାମିଲ ହୋଇ ପାରିନାହାନ୍ତି, ଯାହାର ଯାଜପୁର ଜିଲାରେ ଅନେକ ଉଦାହରଣ ରହିଛି। ସେଥିମଧ୍ୟରୁ ଜନଶୁଣାଣି ପୋର୍ଟାଲରେ ହୋଇଥିବା ଅଭିଯୋଗ ଅନୁସାରେ ଦଶରଥପୁର ବ୍ଲକ ଚମ୍ପେଇପାଳ ପଞ୍ଚାୟତର କୁଆଁରପୁର ଗ୍ରାମର ଜୟନ୍ତୀ ସେଠୀ ୨୦୨୪ ମାର୍ଚ୍ଚରୁ ରାଶନକାର୍ଡ ପାଇଁ ଆବେଦନ କରିଛନ୍ତି। ଜୟନ୍ତୀଙ୍କ ସ୍ୱାମୀ ଦିନ ମଜୁରିଆ। ସେମାନଙ୍କ ୫ଜଣ ସଦସ୍ୟ ରହିଛନ୍ତି। କିନ୍ତୁ ରାଜନୈତିକ ବିଦ୍ୱେଷ ମନୋଭାବ ରଖି ତାଙ୍କୁ ରାଶନକାର୍ଡ ଏଯାଏ ଦିଆଯାଇ ନାହିଁ ବୋଲି ସେ ତାଙ୍କ ଆବେଦନପତ୍ରରେ ଦର୍ଶାଇଛନ୍ତି। ଧର୍ମଶାଳା ବ୍ଲକ କାଏମା ପଞ୍ଚାୟତ ଅଧୀନ ଅରଖପଡ଼ା ଗ୍ରାମର ବିକାଶ ସେଠୀ ଜଣେ ଥାଲାସେମିଆ ରୋଗୀ। ତାଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର। କିନ୍ତୁ ତାଙ୍କୁ ଅନ୍ତ୍ୟୋଦୟ ଯୋଜନାରେ ସାମିଲ କରାଯାଇ ଚାଉଳ ଦେବାକୁ ବହୁବାର ଲିଖିତ ଆବଦନ କରିଥିଲେ ବି ଏଯାଏ ସଫଳତା ମିଳି ପାରିନାହିଁ। ସେହିପରି ବରୀ ବ୍ଲକ ରାଉତସାହି ଗ୍ରାମର ତନ୍ମୟ ନାଏକ ରାଶନକାର୍ଡ ପାଇବାକୁ ବିଭିନ୍ନ ସମୟରେ ଅନୁରୋଧ କରିଛନ୍ତି। କିନ୍ତୁ କୌଣସି କାରଣ ନ ଦର୍ଶାଇ ତାଙ୍କୁ ଅନୁରୋଧ ପତ୍ରକୁ ଖାରଜ କରାଯାଇଛି। ତେଣୁ ଉପଯୁକ୍ତ ଭାବେ ତଦନ୍ତ କରି ସେମାନଙ୍କୁ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରିବାକୁ ତନ୍ମୟ ଜନଶୁଣାଣି ପୋର୍ଟାଲରେ ଦାବି କରିଛନ୍ତି। ବରୀ ବ୍ଲକ ଭୁରୁଙ୍ଗା ଗ୍ରାମର ଟିକିନା ଜେନା ରାଶନକାର୍ଡ ପାଇବାକୁ ବ୍ଲକ କାର୍ଯ୍ୟାଳୟରେ ସମସ୍ତ ପ୍ରକାର କାଗଜପତ୍ର ଦାଖଲ କରିଛନ୍ତି। କିନ୍ତୁ ଆଜକୁ ପ୍ରାୟ ୧ ବର୍ଷ ହେବ ରାସଶକାର୍ଡ ପାଇବାକୁ ବ୍ଲକ କାର୍ଯ୍ୟାଳୟକୁ ଦୌଡି ଦୌଡି ସେ ନିରାଶ ହୋଇଛନ୍ତି। ସେହିପରି ପ୍ରଥମାଖଣ୍ଡି ଗ୍ରାମର ନମିତା ବାରିକ, ଦଶରଥପୁର ବ୍ଲକ ମନ୍ଦାରଖଣ୍ଡ ଗ୍ରାମର ଶୁଭଶ୍ରୀ ପଣ୍ଡା ଭଳି ବହୁ ଯୋଗ୍ୟ ବ୍ୟକ୍ତି ରାଶନକାର୍ଡ ପାଇବାରୁ ବଞ୍ଚିତ ହୋଇଛନ୍ତି। ଅନ୍ୟପକ୍ଷେ ବହୁ ଅଯୋଗ୍ୟ ରାଶନକାର୍ଡର ଫାଇଦା ନେଉଛନ୍ତି ବୋଲି ବିଞ୍ଝାରପୁର ବ୍ଲକ ଅଞ୍ଚଳର ରାଜୁ କୁମାର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିଛନ୍ତି। ଏସଂକ୍ରାନ୍ତରେ ଜିଲା ଯୋଗାଣ ଅଧିକାରୀ ଦିଲୀପ କୁମାର ପାଣିଗ୍ରାହୀଙ୍କୁ ପଚାରିବାରେ ସେ କହିଛନ୍ତି, ଜନଶୁଣାଣି ପୋର୍ଟାଲ ଅଭିଯୋଗର ମାସେ ମଧ୍ୟରେ ସମାଧାନ କରା ନ ଗଲେ ସମ୍ପୃକ୍ତ ଅଧିକାରୀଙ୍କ ଦରମା ବନ୍ଦ କରାଯାଉଛି। ଅଭିଯୋଗ ଉପରେ ଆବଶ୍ୟକ ତଦନ୍ତ କରି ପଦକ୍ଷେପ ଗ୍ରହଣ କରାଯାଇଛି। ଅଯୋଗ୍ୟ ହିତାଧିକାରୀଙ୍କ ସବିଶେଷ ତଥ୍ୟ ସହିତ ଅଭିଯୋଗ କରାଗଲେ ନିଶ୍ଚିତ ଭାବେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।




ସେଲ୍‌ଫି କର୍ଣ୍ଣର ଧରିତ୍ରୀ

DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ମାହେଶ୍ୱରୀ



@ ପ୍ରଦୀପ



@ ପ୍ରଶାନ୍ତ



@ ରୂପେଶ



@ ସୁଶୀଲ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଯୁଦ୍ଧ ଯୋଗୁ ସଙ୍କଟରେ ଘରୋଇ ଗ୍ୟାସ୍



ଜନଜାତି ମହିଳାମାନେ ଜଙ୍ଗଲରୁ ଜାଳେଣି କାଠ ସଂଗ୍ରହ କରି ଫେରୁଛନ୍ତି।

ମହାକାଳପଡ଼ା, ୧୨।୩ (ପ୍ରତାପ ଚନ୍ଦ୍ର ସ୍ୱାଇଁ):

■ ଜଙ୍ଗଲରୁ କାଠ ସଂଗ୍ରହ କଲେ ଜନଜାତିଙ୍କ ଚୁଲି ଜଳେ

■ ଚିଙ୍ଗୁଡ଼ିଘେରିରେ ଘରୋଇ ଗ୍ୟାସ୍

ଇରାନ୍ ସହିତ ଆମେରିକା ଓ ଇସ୍ରାଏଲ ଯୁଦ୍ଧ ଯୋଗୁ ପ୍ରାକୃତିକ ତୈଳ ଓ ଗ୍ୟାସ୍ ଆମଦାନୀରେ ସଙ୍କଟ ପ୍ରତିଫଳିତ ହେଉଛି। ଫଳରେ ବିଶ୍ୱ ବଜାରରେ ତୈଳ ଓ ଗ୍ୟାସ୍ ଯୋଗାଣରେ ସଙ୍କଟ ଦେଖାଯାଇଛି। ସେଥିପାଇଁ ଭାରତର ତୃଣମୂଳସ୍ତରରେ ଗ୍ରାମାଞ୍ଚଳରେ ଘରୋଇ ଜାଳେଣି ଗ୍ୟାସ୍ ଆବଶ୍ୟକତା ଯୋଗାଣରେ ବାଧକ ସାଜିଛି। କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଞ୍ଚଳରେ ଦୁଇଟି ପ୍ରମୁଖ ଗ୍ୟାସ୍ ବିତରଣ ସଂସ୍ଥା ଥିଲେ ମଧ୍ୟ ଖାଉଟିମାନଙ୍କୁ ଲମ୍ଫାଧାଡ଼ି ଦେବାକୁ ପଡୁଛି, ଯାହା ଦୁଇ ଏଜେନ୍ସିକୁ ଗ୍ୟାସ୍ ଆସୁଛି ତାହା ସମୁଦ୍ରକୁ ଶଂଖେ ବୋଲି କେତେକ ଖାଉଟି ଅଭିଯୋଗ କରିଛନ୍ତି। ଅଥଚ ଉପକୂଳ ଉପାନ୍ତ ତଥା ମହାନଦୀ ଅବବାହିକା ଅଞ୍ଚଳରେ ଗଢ଼ି ଉଠିଥିବା ବେଆଇନ ଚିଙ୍ଗୁଡିଘେରି ଦଲାଲମାନେ ଏଜେନ୍ସିକୁ ହାତବାରିସି କରି ଗ୍ୟାସ୍ ଟାଙ୍କି ଆଣି ବ୍ୟବହାର କରୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଆମେମାନେ ବାଧ୍ୟ ହୋଇ ଝାଟି ଜଙ୍ଗଲରୁ ଶୁଖିଲା କାଠ ଡାଳ ସଂଗ୍ରହ କରି ସକାଳେ ପଖାଳ ତୋରାଣି ମୁନ୍ଦେ ପିଇ ସନ୍ଧ୍ୟାରେ ଫେରୁଛୁ ବୋଲି ଜନଜାତି ମହିଳାମାନଙ୍କ ମଧ୍ୟରେ ଦୁଃଖୀ ଭକ୍ତା, ସହଚରୀ ଆହାଡ଼ି, ଲକ୍ଷ୍ମୀ ଭକ୍ତା, ଫୁଲ ସିଂ ଓ ପାର୍ବତୀ ସିଂ ପ୍ରମୁଖ କହିଛନ୍ତି।

# ୨୦ରୁ ଜିଲା ମହୋତ୍ସବ 'ଯଯାତି'

ଯାଜପୁରଟାଉନ,୧୨।୩
(ପ୍ରଯଲ୍ଲା ପ୍ରିୟଦର୍ଶିନୀ ମହାନ୍ତି):

■ ୧୮ରେ ଆୟୋଜନ ହେବ ପଥ ଉତ୍ସବ

ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ଜିଲା ମହୋତ୍ସବ 'ଯଯାତି' ପାଇଁ ଏକ ଖବରଦାତା ସମ୍ମିଳନୀ ଗୁରୁବାର ସ୍ଥାନୀୟ ଇଣ୍ଡୋର ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଯୁଧିଷ୍ଠିର ନାଏକ ଏଥିରେ ଯୋଗଦେଇ ବିବରଣୀ ପ୍ରଦାନ କରିଥିଲେ। ଆସନ୍ତା ୨୦ରୁ ୨୪ ତାରିଖ ପର୍ଯ୍ୟନ୍ତ ପ୍ରଶାସନିକ ଭବନ ପଡ଼ିଆଠାରେ ଜିଲା ମହୋତ୍ସବ ବର୍ଣ୍ଣାଢ୍ୟ ପରିବେଶରେ ଅନୁଷ୍ଠିତ ହେବ। ଏଥିରେ ସ୍ଥାନୀୟ କଳାକାରଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଲୋକନୃତ୍ୟ ପରିବେଷଣ କରାଯିବ। ସେହିପରି ରାଜ୍ୟ ବାହାରୁ ମଧ୍ୟ ପ୍ରତିଭାବାନ କଳାକାର ଯଯାତିକୁ ଆସିବା ନେଇ ଯୋଜନା ରହିଛି। ୫ ଦିନ ଧରି ଅନୁଷ୍ଠିତ ଏହି ମହୋତ୍ସବରେ ରାଜ୍ୟର ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ଅତିଥି ଭାବେ ନିମନ୍ତ୍ରଣ କରାଯାଇଛି। ମହୋତ୍ସବ ପୂର୍ବରୁ ପୂର୍ବାଭାସ ସ୍ୱରୂପ ମାର୍ଚ୍ଚ ୧୮ତାରିଖ ସକାଳେ 'ପଥ ଉତ୍ସବ' ଆୟୋଜିତ ହେବାନେଇ ଯୋଜନା ରହିଛି। ରାଜପଥରେ ସ୍ପୋର୍ଟସ, ଜୁମ୍ବା, ନୃତ୍ୟ ସଙ୍ଗୀତ ପରିବେଷଣ, ରଙ୍ଗୋଲି, ପାରମ୍ପରିକ କଳା ଅନୁଷ୍ଠିତ ହେବ। ଯାଜପୁରର ଆଧ୍ୟାତ୍ମିକ ପରିବେଶକୁ ଦୃଷ୍ଟିରେ ରଖି ମାର୍ଚ୍ଚ ୧୮ରୁ ୨୦ ଯାଏ ପ୍ରତ୍ୟୁଷରେ ଗଙ୍ଗା ଆଳତୀ ଢାଞ୍ଚାରେ ଦଶାଶ୍ୱମେଧ ଘାଟରେ ବୈତରଣୀ ଆଳତୀ ଅନୁଷ୍ଠିତ ହେବ। ସ୍ଥାନୀୟ ଉତ୍ପାଦର ପ୍ରସାର ଏବଂ ଆତ୍ମନିର୍ଭର ଭାରତ ଲକ୍ଷ୍ୟ ଆଧାରରେ ମହୋତ୍ସବ ପରିସରରେ ସୁଭଦ୍ରା ଶକ୍ତି ମେଳା ଏବଂ ପଲ୍ଲିଶ୍ରୀ ଓ ହସ୍ତତନ୍ତ ମେଳା ଆୟୋଜିତ ହେବ। ଏଥିରେ ପ୍ରାୟ ୨୫୦ରୁ ଉର୍ଦ୍ଧ୍ୱ ବିଭିନ୍ନ ଷ୍ଟଲ୍ ରହିବ। ଏହାସହ ପାରମ୍ପରିକ ତଥା ଆଧୁନିକ ଖାଦ୍ୟ ଷ୍ଟଲ୍ ପାଇଁ ଫୁଡ୍ କୋର୍ଟ ମଧ୍ୟ ରହିବ। ଜିଲା ମହୋତ୍ସବକୁ ଶାନ୍ତି ଶୃଙ୍ଖଳାର ସହ ମହା ଆଡ଼ମ୍ବରରେ ଆୟୋଜନ କରିବା ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି କରାଯାଇଛି ବୋଲି ଅତିରିକ୍ତ ଜିଲାପାଳ ନାଏକ ସୂଚନା ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଉପଖଣ୍ଡ ଲୋକସମ୍ପର୍କ ଅଧିକାରୀ ସତ୍ୟବ୍ରତ ପାଣିଗ୍ରାହୀ, ମିଶନ ଶକ୍ତିର ଜିଲା ପ୍ରକଳ୍ପ ସଂଯୋଜକ ସୀତାଂଶୁ ଶେଖର ସାହୁ, ଜିଲା କ୍ରୀଡ଼ା ଅଧିକାରୀ ଫକୀର ମୋହନ ଟୁଡୁ ଏବଂ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

# ପାଇକା ମହୋତ୍ସବ ଆୟୋଜନ ଦାବିରେ ବିକ୍ଷୋଭ



ଜିଲାପାଳଙ୍କ ଅଫିସ ଆଗରେ ମହିଳାମାନେ ବିକ୍ଷୋଭ କରୁଛନ୍ତି।

କେନ୍ଦ୍ରାପଡା, ୧୨।୩ (ଜଗନ୍ନାଥ ଧଳ):

କେନ୍ଦ୍ରାପଡା ଜିଲା ମାର୍ଶାଘାଇ ବ୍ଲକ ମଙ୍ଗରାଜପୁର ପଞ୍ଚାୟତ ପୋତାରୀ ଖେଳ ପଡିଆରେ ଫେଣ୍ଡସ ୟୁଥ କ୍ଲବ ପକ୍ଷରୁ ୧୧ତମ ପାଇକା ମହୋତ୍ସବ ୧୧ରୁ ୧୬ ତାରିଖ ପର୍ଯ୍ୟନ୍ତ ଆରମ୍ଭ ହୋଇଥିଲା। ମାତ୍ର ଏହି ମହୋତ୍ସବ ପାଇଁ ଅନୁମତି ନ ଥିବା ଦର୍ଶାଇ ଜିଲା ପ୍ରଶାସନ ପକ୍ଷରୁ ବୁଧବାର ରାତିରେ ବନ୍ଦ କରାଯାଇଥିଲା। ଜିଲା ପ୍ରଶାସନର ଏହି କାର୍ଯ୍ୟକୁ ଅଞ୍ଚଳବାସୀ ତୀବ୍ର ବିରୋଧ କରିଛନ୍ତି। ଗୁରୁବାର ପୂର୍ବାହ୍ନ ଠାରୁ ସନ୍ଧ୍ୟାରେ ରିପୋର୍ଟ ଲେଖା ପର୍ଯ୍ୟନ୍ତ ଗ୍ରାମବାସୀ ମହୋତ୍ସବ ଆୟୋଜନ ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେଇଛନ୍ତି । ସ୍ଥାନୀୟ ଅଞ୍ଚଳର ଶତାଧିକ ମହିଳା ଓ ପୁରୁଷ ଜିଲା ପ୍ରଶାସନର ଏହା ଏକ ଭୁଲ ନିଷ୍ପତି ଦର୍ଶାଇ ବିକ୍ଷୋଭ କରିଛନ୍ତି।

ଏ ସମ୍ପର୍କରେ ୟୁଥ କ୍ଲବ ସଭାପତି ତଥା ଜିଲା ପରିଷଦ ସଦସ୍ୟ ପ୍ରତାପ ମଲ୍ଲିକ, କ୍ଲବ କର୍ମକର୍ତ୍ତା ସର୍ବେଶ୍ୱର ଦାସ, ସୂର୍ଯ୍ୟକାନ୍ତ ସୂତାର, ସଂଗ୍ରାମ ମଲ୍ଲିକ ଓ ରମାକାନ୍ତ ଦାସ ପ୍ରମୁଖ କହିଛନ୍ତି, ଏହି ମହୋତ୍ସବ ପାରମ୍ପରିକ ଭାବେ ଗତ ୧୦ ବର୍ଷ ହେବ ୟୁଥ କ୍ଲବ ପକ୍ଷରୁ ଅନୁଷ୍ଠିତ ହେଉଛି । ମହୋତ୍ସବ ଆୟୋଜନ ପାଇଁ ବହୁ ପୂର୍ବରୁ ଜିଲା ପ୍ରଶାସନ ପକ୍ଷରୁ ଅନୁମତି ନିଆ ଯାଇଥିଲା । ମହୋତ୍ସବ ଆୟୋଜନ ଶେଷ ପର୍ଯ୍ୟାୟ ସମାପ୍ତ ସମୟରେ ଜିଲା ପ୍ରଶାସନ ପକ୍ଷରୁ ଗତ ୭ ତାରିଖରେ କୌଣସି କାରଣ ନ ଦର୍ଶାଇ ମନୋମୁଖୀ ଭାବେ ଅନୁମତିକୁ ନାକଚ କରା ଯାଇଥିବା ଦର୍ଶାଇଛନ୍ତି । ଏହି ମହୋତ୍ସବ ସ୍ଥାନୀୟ ଅଞ୍ଚଳର ଭାବଧାରା ସହିତ ଜଡିତ ହୋଇଛି । ସ୍ଥାନୀୟ ଅଞ୍ଚଳକୁ ବାହାରେ ପରିଚିତ ପାଇଁ ଏହା ଏକ ଉପଯୁକ୍ତ ମାଧ୍ୟମ। ଏହାସତ୍ତ୍ୱେ ଜିଲା ପ୍ରଶାସନ ପକ୍ଷରୁ ଏହାକୁ ବାରଣ କରିବା ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଗଣଧାରଣା ସ୍ଥଳରୁ ଏନେଇ ଆଲୋଚନା ପାଇଁ ଜିଲାପାଳ ରଘୁରାମ ଆର ଆୟରଙ୍କ ନିକଟକୁ ଯାଇଥିଲେ । ଉପ ଜିଲାପାଳଙ୍କ ସହିତ ଆଲୋଚନା କରାଯାଇ ଏହାର ସମାଧାନ ହେବ ବୋଲି ୟୁଥ କ୍ଲବ ସଭାପତି ମଲ୍ଲିକ ମତ ରଖିଛନ୍ତି।

# ବିପଦରେ ଅଲିଭ୍ ରିଡ୍‌ଲେ କଇଁଛଙ୍କ ଅଣ୍ଡାଦାନ

■ ୪ମାସରେ ୪୯ ବୋଟ୍ ଜବତ, ୩୫୪ ଗିରଫ

■ ସମୁଦ୍ର ତଟାଞ୍ଚଳ ଅବକ୍ଷୟ ସ୍ଥିତି ସଙ୍ଗିନ

କେନ୍ଦ୍ରାପଡ଼ା,୧୨।୩ (ଜଗନ୍ନାଥ ଧଳ):

ବିରଳ ଅଲିଭ୍‌ରିଡ୍‌ଲେ କଇଁଛଙ୍କ ପ୍ରଜନନ ସ୍ଥଳ ଗହୀରମଥା ଏବେ ପ୍ରକୃତିର କ୍ରୋଧ ସହ କୃତ୍ରିମ ବିପଦ ସହିତ ଲଢୁଛି। ବିଶ୍ୱପ୍ରସିଦ୍ଧ ଏହି ଅନ୍ତୁଡ଼ିଶାଳରେ ଶାବକ ଜନ୍ମ ନେବା ପୂର୍ବରୁ ବହୁ ସଂଖ୍ୟାରେ ମରିବା ସୁନିଶ୍ଚିତ ହୋଇଯାଉଛି। ସମୁଦ୍ର ତଟକ୍ଷୟ ପ୍ରଜନନ ସ୍ଥଳକୁ ସଂକୁଚିତ କରୁଛି । ସେହିପରି ୧୪୩୫ ବର୍ଗ କି.ମି.ସାମୁଦ୍ରିକ ଅଞ୍ଚଳକୁ ଗତ ନଭେମ୍ବରଠାରୁ ମେ' ମାସ ପର୍ଯ୍ୟନ୍ତ କଟକଣା ସତ୍ତ୍ୱେ ମତ୍ସ୍ୟଜୀବୀମାନେ ପଶି ଆସୁଛନ୍ତି । ବୋଟ, ଟ୍ରଲର ଓ ଜାଲ ମାଧ୍ୟମରେ ମା' କଇଁଛ ମରୁଛନ୍ତି। ଫଳରେ ଗହୀରମଥା ସାମୁଦ୍ରିକ ଅଞ୍ଚଳରେ ବିକ୍ଷିପ୍ତ ଭାବେ ମୃତ କଇଁଛ ଦେଖିବାକୁ ମିଳୁଛି ।

ଏ ସମ୍ପର୍କରେ ପ୍ରକୃତିପ୍ରେମୀ ମନୋଜ କୁମାର ନାୟକ କହିଛନ୍ତି, ଗତ ନଭେମ୍ବରରୁ ଆସନ୍ତା ମେ' ପର୍ଯ୍ୟନ୍ତ ଗହୀରମଥାର ସାମୁଦ୍ରିକ ଅଞ୍ଚଳକୁ ବିରଳ ଅଲିଭ୍‌ରିଡ୍‌ଲେଙ୍କ ଅଣ୍ଡାଦାନ ପାଇଁ କଟକଣା ହୋଇଛି । ଏହି ସମୟରେ ବନ ବିଭାଗ, ସାମୁଦ୍ରିକ ଥାନା ଓ ତଟରକ୍ଷା ବାହିନୀ ପକ୍ଷରୁ ସମୁଦ୍ରରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା କଥା। ଅବାଧ ଭାବେ ବୋଟ୍, ଟ୍ରଲର ଚଳାଚଳ ଫଳରେ ବନ ବିଭାଗ ରିପୋର୍ଟଠାରୁ ବହୁ ଅଧିକ କଇଁଛଙ୍କ ମୃତ୍ୟୁ ହୋଇଛି। ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ ସତ୍ତ୍ୱେ ଅଧିକାଂଶ ବୋଟ୍, ଟ୍ରଲରରେ ଟିଇଡି (ଟର୍ଟଲ ଏକ୍ସକ୍ଲୁଡର ଡିଭାଇସ୍) ବ୍ୟବହାର ହେଉନାହିଁ । ସେହିପରି ବନ ବିଭାଗ ବୋଟ୍‌ଗୁଡିକ ଅଧିକାଂଶ କମ୍ ଶକ୍ତିସମ୍ପନ୍ନ। ଏଥିସହିତ ବୋଟ୍‌ଗୁଡିକ ଖରାପ ରହୁଛି । ପୂର୍ବରୁ କଟକଣା ଅବଧି ମଧ୍ୟରେ ଜବତ ବୋଟ ଟ୍ରଲର ଛାଡ଼ ପାଉ ନ ଥିଲେ। ଏବେ ଜବତ ବୋଟ୍‌ଗୁଡିକ କୋର୍ଟରୁ ତୁରନ୍ତ ରିଲିଜ୍ ହେଉଥିବାରୁ ମାଲିକମାନେ ମାଛଧରା କାର୍ଯ୍ୟରେ ଲଗାଇବାକୁ ସକ୍ଷମ ହେଉଛନ୍ତି।

ବରିଷ୍ଠ ଭାଜପା ନେତା ଭୁବନମୋହନ ଜେନା କହିଛନ୍ତି, କଇଁଛଙ୍କ ଅଣ୍ଡାଦେବା ସ୍ଥାନ ଏବେ ସଙ୍କଟରେ ଅଛି । ବାବୁବାଲି, ମାଦଳି ଓ ଏକକୁଳା ଆଦିରେ ତଟକ୍ଷୟ ଜାରି ରହିଛି। ବନ ବିଭାଗ ଏହି ଅଞ୍ଚଳର ତଟକ୍ଷୟ ପ୍ରତି ସ୍ୱତନ୍ତ୍ର ଯୋଜନା ମାଧ୍ୟମରେ ସୁରକ୍ଷା ଯୋଗାଇବା କଥା । ତେବେ ଏ ନେଇ କୌଣସି ତତ୍ପରତା ନାହିଁ।

ପରିବେଶବିତ୍ ହେମନ୍ତ କୁମାର ରାଉତ କହିଛନ୍ତି, ପୂର୍ବରୁ ଚନ୍ଦ୍ରଭାଗା ଓ ହରଚଣ୍ଡୀ ତଟାଞ୍ଚଳକୁ ଅଲିଭ୍‌ରିଡ୍‌ଲେ ଆସୁଥିଲେ। ପରିବେଶ ନଷ୍ଟ ଓ ବେଆଇନ ଟ୍ରଲର ଚଳାଚଳ ଯୋଗୁ ୨୦୧୨ରୁ ଏହି ଅଞ୍ଚଳରେ ସମୂହ ଅଣ୍ଡାଦାନ ହେଉନାହିଁ। ପ୍ରାୟ ୧୦୦୦ ଅଣ୍ଡାରୁ ମାତ୍ର ଗୋଟିଏ ଏହି ବିରଳ କଇଁଛ ପ୍ରାପ୍ତବୟସ୍କ ହେଉଥିବାରୁ ଏହାର ସୁରକ୍ଷା ଜରୁରୀ ହୋଇଛି। ସାମୁଦ୍ରିକ ଅଞ୍ଚଳରେ ବେଆଇନ ଭାବେ ଗିଲ ନେଟର ବ୍ୟବହାର, ସଂରକ୍ଷିତ ଭିତରକନିକା ଅଞ୍ଚଳରେ ବେଆଇନ ବସବାସ ଓ ଚିଙ୍ଗୁଡିଘେରି ଅଲିଭ୍‌ରିଡ୍‌ଲେଙ୍କ ପାଇଁ ବିପଦ ହୋଇଛି ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ଗହିରମଥା ରେଞ୍ଜ ଅଧିକାରୀ କପିଳେନ୍ଦ୍ର ପ୍ରଧାନ କହିଛନ୍ତି, କଇଁଛଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଛି। ଗତ ୪ ମାସ ମଧ୍ୟରେ ୪୯ ବୋଟ୍, ଟ୍ରଲର ସମେତ ୩୫୪ ବେଆଇନ ପ୍ରବେଶକାରୀଙ୍କୁ ଗିରଫ କରାଯାଇଛି । ବାବୁବାଲି ଓ ମାଦେଳିରେ ସ୍ୱତନ୍ତ୍ର କ୍ୟାମ୍ପ୍ ସହିତ ସାମୁଦ୍ରିକ ପାଟ୍ରୋଲିଂ ହେଉଛି। ବିଭାଗର ଶତାଧିକ କର୍ମଚାରୀ ଏଥିରେ ଦିନରାତି ନିୟୋଜିତ ହୋଇଛନ୍ତି। ବିକ୍ଷିପ୍ତ ଭାବେ ଅଣ୍ଡାଦାନ କରିଥିବା ୪୬ କଇଁଛ ବସାରୁ ଅଣ୍ଡା ସଂଗ୍ରହ କରାଯାଇ ହ୍ୟାଚେରିରେ ରଖାଯାଇଛି। ତଟରକ୍ଷୀ ବାହିନୀ ଓ ସାମୁଦ୍ରିକ ଥାନାରୁ ଅଧିକ ସହଯୋଗ ଆଶା ରଖିଥିବା ରେଞ୍ଜ ଅଧିକାରୀ ପ୍ରଧାନ କହିଛନ୍ତି ।



ଗହୀରମଥାରେ ବନ ବିଭାଗର ପାଟ୍ରୋଲିଂ ବୋଟ୍।

# ଗ୍ୟାସ୍, ପେଟ୍ରୋଲ, ଡିଜେଲ ସଙ୍କଟ ନାହିଁ

■ଖବରଦାତା ସମ୍ମିଳନୀରେ ସ୍ପଷ୍ଟ କଲେ ଜିଲାପାଳ
■ଏଜେନ୍ସି ଝୁଲାଇବେ ଗଚ୍ଛିତ ତାଲିକା
■୨୫ ଦିନକୁ ଥରେ କରି ହେବ ଗ୍ୟାସ ବୁକିଂ

ନୟାଗଡ଼, ୧୨।୩(ଲୋକନାଥ ମିଶ୍ର)



ଖବରଦାତା ସମ୍ମିଳନୀରେ ଜିଲାପାଳ ମଧୁମିତା ରଥ ଓ ଅନ୍ୟ ଅଧିକାରୀମାନେ।

ମଧ୍ୟପ୍ରାଚ୍ୟ ଯୁଦ୍ଧର ଯନ୍ତ୍ରଣା ରୋଷେଇ ଘରେ ଅନୁଭବ ହେଉଥିବାବେଳେ ଗୁରୁବାର ସନ୍ଧ୍ୟାରେ ନୟାଗଡ଼ ଜିଲାପାଳ ମଧୁମିତା ରଥ ଓସ୍ୱାନ ଭିଡିଓ ସମ୍ମିଳନୀ କକ୍ଷରେ ଖବରଦାତା ସମ୍ମିଳନି କରି ଗ୍ୟାସ, ପେଟ୍ରୋଲ, ଡିଜେଲ ସଙ୍କଟ ନାହିଁ ବୋଲି ସ୍ପଷ୍ଟ କରି ଭୟଭୀତ ନ ହେବାକୁ ପରାମର୍ଶ ଦେଇଛନ୍ତି । ଖବରଦାତା ସମ୍ମିଳନୀରେ କହିଥିଲେ ଗ୍ୟାସ, ପେଟ୍ରୋଲ, ଡିଜେଲ ଜିଲାରେ ମହଜୁଦ୍ ଅଛି, ଲୋକମାନେ ଭୟଭୀତ ହୁଅନ୍ତୁ ନାହିଁ । ଗ୍ୟାସ ଏଜେନ୍ସି ପ୍ରତ୍ୟହ ଗଚ୍ଛିତ ପରିମାଣ ଝୁଲାଇବ। ବୁକିଂର ୨୫ ଦିନ ପରେ ପୁଣି ବୁକିଂ କରିହେବ । ଏହାର ମନିଟରିଂ କରିବାକୁ ଜିଲା ସ୍ତରରେ ଏକ କମିଟି ଗଠନ ହୋଇଛି । କମିଟିରେ ଜିଲାପାଳ, ଏସ୍‌ପି, ତହସିଲଦାର, ଆଇଆଇସି, ଅତିରିକ୍ତ ଜିଲାପାଳ ଅଛନ୍ତି । ଜିଲା ଯୋଗାଣ ଅଧିକାରୀ(ସିଏସଓ) ସଭ୍ୟ କନଭେନର ରହିଛନ୍ତି । ମାକେଟିଂ ଇନ୍ସପେକ୍ଟରମାନେ ନୋଡାଲ ଅଧିକାରୀ ଭାବେ ଗ୍ୟାସ ବିତରକ ଏଜେନ୍ସି ଉପରେ ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ଲୋକଙ୍କ ଘରେ ଯେପରି ଆଗରୁ ଗ୍ୟାସ ପହଞ୍ଚୁଥିଲା ଏବେ ସେପରି ପହଞ୍ଚିବ ବୋଲି କହିଛନ୍ତି । ହ୍ୱାଟସ୍ ଅପ ମାଧ୍ୟମ୍ୟରେ ଏକ ଗ୍ରୁପ୍ କରାଯାଇଛି। ଜିଲା ଓ ବ୍ଲକସ୍ତରରେ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ ହେବ । କଳାବଜାରୀଙ୍କୁ ରେଡ କରାଯିବ। ଜିଲାବାସୀ ଗ୍ୟାସ ସୁରୁଖୁରୁରେ ୧ମାସ ପର୍ଯ୍ୟନ୍ତ ପାଇବା ପାଇଁ ପ୍ରଶାସନ ପ୍ରସ୍ତୁତ ଅଛି । ପେଟ୍ରୋଲ ଓ ଡିଜେଲ ମଧ ଅଭାବ ନାହିଁ । ସ୍ୱାସ୍ଥ୍ୟକେନ୍ଦ୍ର, ଶିକ୍ଷା ପ୍ରତିଷ୍ଠାନ, ଆହାର କେନ୍ଦ୍ର, ଅଙ୍ଗନୱାଡି କେନ୍ଦ୍ର, ହଷ୍ଟେଲ ପରି ସରକାରୀ କାର୍ଯ୍ୟାଳୟରେ ଖାଦ୍ୟ ପ୍ରସ୍ତୁତିରେ କୌଣସି ପ୍ରକାରର ଅସୁବିଧା ନ ହେବା ପାଇଁ କମର୍ସିଆଲ ଗ୍ୟାସ ଯୋଗାଣ ଜାରି ରହିବ । ତେବେ ସଂପୃକ୍ତ ସରକାରୀ ଅନୁଷ୍ଠାନ ଗୁଡିକୁ ଗ୍ୟାସ ଯୋଗାଣ କ୍ଷେତ୍ରରେ ପ୍ରାଧାନ୍ୟ ଦିଆଯିବ । ଘରୋଇ ଗ୍ୟାସ ସିଲିଣ୍ଡର ଯୋଗାଣରେ କୌଣସି ଅସୁବିଧା ନାହିଁ। ଆଗକୁ ମିଳିବ ନାହିଁ ଦର୍ଶାଇ ଏଜେନ୍ସିକୁ ଦୌଡିବା ବା ଅଯଥାରେ ଧାଡି ଲଗାନ୍ତୁ ନାହିଁ । ଏପରିକି ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ କରିବାର ଆବଶ୍ୟକତା ନାହିଁ ବୋଲି ଜିଲାପାଳ ଜିଲାବାସୀଙ୍କୁ ନିବେଦନ କରିଛନ୍ତି । ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ବିଜୟାନନ୍ଦ ନାୟକ, ଜିଲା ଯୋଗାଣ ଅଧିକାରୀ ସି.ଏଚ.ମୂରଲୀ କ୍ରୀଷ୍ଣା ରାଓ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋସ୍ନାମୟୀ ଆଚାର୍ଯ୍ୟ ଉପସ୍ଥିତ ଥିଲେ । ଅପରପକ୍ଷେ ଖବରଦାତା ସମ୍ମିଳନୀ ପୂର୍ବରୁ ଏଲ୍‌ପିଜ ଗ୍ୟାସ ସିଲିଣ୍ଡର ଉପରେ ଏକ ସମୀକ୍ଷା ବୈଠକ ଜିଲାପାଳ କରିଥିଲେ। ବୈଠକରେ ଏସ୍‌ପି, ଅତିରିକ୍ତ ଜିଲାପାଳ, ଉପଜିଲାପାଳ, ସିଡିଏମ୍‌ଓ ଯୋଗ ଦେଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର, ଶିକ୍ଷା ପ୍ରତିଷ୍ଠାନ, ଆହାର କେନ୍ଦ୍ର, ଅଙ୍ଗନୱାଡି କେନ୍ଦ୍ର, ହଷ୍ଟେଲ ପରି ସରକାରୀ କାର୍ଯ୍ୟାଳୟରେ ଗ୍ୟାସ ବିତରଣ ବେଳେ ଗଣ୍ଡଗୋଳକୁ ଏଡାଇବା ପାଇଁ ତହସିଲଦାର, ଆଇଆଇସି, ଉପଜିଲାପାଳ ଓ ବରିଷ୍ଠ ଅଧିକାରୀ ଦୃଷ୍ଟି ଆକର୍ଷଣ କରାଯିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି । ସେହିପରି ଶିଶୁ ସୁରକ୍ଷା ଅଧିକାରୀ, ଜିଲା ସମାଜିକ ସୁରକ୍ଷା ଅଧିକାରୀ ପରି ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ ।

### ଗ୍ୟାସ ନ ଥିବାରୁ କାଠ ଚୂଲିକୁ ଫେରିଲୁ

ନୟାଗଡ଼ ବ୍ଲକ ହରିପୁରର ଗୃହିଣୀ ସସ୍ମିତା ପ୍ରଧାନ, ଶାନ୍ତିଲତା ପାତ୍ର ଓ ରଜନୀ ନାୟକ କୁହନ୍ତି ଗ୍ୟାସ ଶେଷ ହୋଇ ଯାଇଥିଲେ ମଧ ବୁକିଂ କରାଯାଇ ପାରୁ ନାହିଁ । ଘରେ ଗ୍ୟାସ ନ ଥିବାରୁ କଳାବଜାରରୁ କିଣିବା କଷ୍ଟ ହେଲାଣି । କାଠ ଜାଳି ରୋଷେଇ କରିବା ଅଭ୍ୟାସ ନ ଥିଲେ ହେଁ ପୁଣିଥରେ ପୂର୍ବ ଅବସ୍ଥାକୁ ଫେରିବାକୁ ପଡିଛି । ଗୁରୁବାରର କାଠରେ ରୋଷେଇ କରିଛୁ ବୋଲି କହିଛନ୍ତି ।

### କଳାବଜାରରେ କିଲୋ ୧୮୦

କଳାବଜାରରେ ଗ୍ୟାସ ୧୮୦ ଟଙ୍କାରେ ବିକ୍ରି ହେଉଛି । ଗୁରୁବାର ଜିଲା ସଦର ମହକୁମାରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିବାବେଳେ ଅଭିଯୋଗ ବି ହୋଇଛି। କେତେକ ହୋଟେଲ, ବ୍ୟବସାୟ ପ୍ରତିଷ୍ଠାନ ଚଢ଼ା ଦରରେ ଗ୍ୟାସ କିଣି ବ୍ୟବସାୟ ଚଳାଇବା କଷ୍ଟକର ହେଲାଣି ବୋଲି କହିଛନ୍ତି। ଖାଦ୍ୟ ପଦାର୍ଥର ପରିମାଣ କମ ହେବା ଦେଖିବାକୁ ମିଳିଲାଣି। ଅପରପକ୍ଷେ ପୂର୍ବରୁ ବ୍ୟବସାୟ ପ୍ରତିଷ୍ଠାନଗୁଡିକରେ ଘରୋଇ ସିଲିଣ୍ଡର ବ୍ୟବହାର ହେଉଥିବାବେଳ ନାମକୁ ମାତ୍ର କମର୍ସିଆଲ ସିଲିଣ୍ଡର ଦେଖାଣିଆ ଭାବେ ରହୁଥିଲା। ପ୍ରଶାସନ କମର୍ସିଆଲ ଗ୍ୟାସ ବନ୍ଦ କରି ଦେବା ପରେ ଚଢ଼ାଉ ଭୟରେ ବ୍ୟବସାୟ ପ୍ରତିଷ୍ଠାନ ଗୁଡିକ ଗ୍ୟାସରେ ରୋଷେଇ କରିବାର ଭୟ କରିବା ଆରମ୍ଭ କଲେଣି। ତେବେ ପ୍ରଶାସନ ପକ୍ଷରୁ ଚଢ଼ାଉ ନ ଥିବା ଦେଖିବାକୁ ମିଳୁଛି ।

## ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

ସେଲ୍‌ଫି କର୍ନର ଧରିତ୍ରୀ DHARITRI

metroselfie@gmail.com


@ ମାହେଶ୍ୱରୀ


@ ପ୍ରଦୀପ


@ ପ୍ରଶାନ୍ତ


@ ରୂପେଶ


@ ସୁଶୀଲ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ‘ଯୁଦ୍ଧ ନୁହେଁ, ଶାନ୍ତି ଚାହୁଁ’

## ଶରଣକୁଳ ଆଞ୍ଚଳିକ ପରିଷଦ ପକ୍ଷରୁ ପଥପ୍ରାନ୍ତ ସଭା



ବୈଠକରେ ଆଞ୍ଚଳିକ ପରିଷଦ କର୍ମକର୍ତ୍ତା ଆଲୋଚନା କରୁଛନ୍ତି।

ଶରଣକୁଳ, ୧୨।୩ (ଦୀପକ କର)

ଆମେରିକା ଓ ଇସ୍ରାଏଲ ମିଳିତ ଭାବେ ଇରାନ୍ ଉପରେ ଅନୈତିକ ଆକ୍ରମଣ କରି ସର୍ବୋଚ୍ଚ ନେତା ଖାମେନେଇ ଓ ତାଙ୍କ ପରିବାରଙ୍କୁ ହତ୍ୟା କରିଛନ୍ତି। ଇରାନ୍‌ର ଏକ ବିଦ୍ୟାଳୟରେ କ୍ଷେପଣାସ୍ତ୍ର ମାଡ଼ କରି ୧୭୦ ଛାତ୍ରୀଙ୍କୁ ହତ୍ୟା କରିବା ସହ ମଧ୍ୟପ୍ରାଚ୍ୟରେ ଆତଙ୍କ ସୃଷ୍ଟି କରିବା ପ୍ରତିବାଦରେ ଶରଣକୁଳ ବିକାଶ ପରିଷଦ ସଦସ୍ୟ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଆବାହକତ୍ୱରେ ଲଡୁବାବା ମନ୍ଦିର ସମ୍ମୁଖରେ ଏକ ପଥପ୍ରାନ୍ତ ସଭା ବୁଧବାର ବିଳମ୍ବିତ ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା। ସଭାରେ ଅନ୍ୟତମ ସଦସ୍ୟ ଗୋଲକ ବିହାରୀ ମୁଦୁଲି ସଭାପତିତ୍ୱ କରିଥିଲା ବେଳେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶ୍ରମିକ ନେତା ବିଶ୍ୱନାଥ ମହାପାତ୍ର ଯୋଗଦେଇ ଆମେରିକାର ସାମ୍ରାଜ୍ୟବାଦୀ ଆକ୍ରମଣ ଯୋଗୁ ସାରା ବିଶ୍ୱରେ ଧନଜୀବନ ହାନି ସହିତ ଦରଦାମ ବୃଦ୍ଧିର ଶିକାର ସାଧାରଣ ମଣିଷ ଭୋଗୁଛି, ସେଥିପାଇଁ ଏହି ଯୁଦ୍ଧକୁ ଯଥାଶୀଘ୍ର ବନ୍ଦ କରି ‘ଯୁଦ୍ଧ ନୁହେଁ, ଶାନ୍ତି ଚାହୁଁ ବୋଲି ମତ ରଖିଥିଲେ। ଏହି ସଭାରେ ସୁଶାନ୍ତ ମହାପାତ୍ର, ସରୋଜ ନାଏକ, ଆଲୋକ ପ୍ରଧାନ, ଅଧାପକ ଯୁଧିଷ୍ଠିର ଖଟେଇ, ଧନେଶ୍ୱର ସାହୁ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଓ ସନ୍ତୋଷ ଦାଶ ପ୍ରମୁଖ ଯଥାଶୀଘ୍ର ଯୁଦ୍ଧ ବନ୍ଦ କରିବା ସହ ଶାନ୍ତି ମାର୍ଗରେ ଯିବା ପାଇଁ ମତବ୍ୟକ୍ତ କରିଥିଲେ।

# ଜିଲାପାଳଙ୍କ କାର୍ଯ୍ୟାଳୟରେ ଲିଫ୍ଟ ବ୍ୟବସ୍ଥା ପାଇଁ ଜିଲାପାଳଙ୍କୁ ଫେରାଦ

ନୟାଗଡ଼, ୧୨।୩(ଲୋକନାଥ ମିଶ୍ର)

ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟରେ ଶାରୀରିକ ଅକ୍ଷମ ଓ ବୟସ୍କ ବ୍ୟକ୍ତିଙ୍କ ସୁବିଧା ପାଇଁ ଲିଫ୍ଟ ବ୍ୟବସ୍ଥା କରାଇବା ନିମନ୍ତେ ଦାବି ଉଠିଛି। ଏନେଇ ଜୟ ନୟାଗଡ଼ ଫାଉଣ୍ଡେଶନର ପ୍ରତିଷ୍ଠାତା ଶେଖ୍ ଅବଦୁଲ ଆହାଦ ଜିଲାପାଳଙ୍କୁ ଭେଟି ଆଲୋଚନା କରିବା ସହ ସ୍ମାରକପତ୍ର ବୁଧବାର ଦେଇଛନ୍ତି। ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟକୁ ପ୍ରତ୍ୟହ ଭିନ୍ନକ୍ଷମ ଏବଂ ବୟସ୍କମାନେ ନିଜର ଅଭିଯୋଗ ତଥା ବିଭିନ୍ନ କାର୍ଯ୍ୟ ସଂକ୍ରାନ୍ତରେ ଆସୁଛନ୍ତି, ଯେଉଁମାନେ କି ଶିଡ଼ି ବ୍ୟବହାର କରି ଉପର ମହଲାକୁ ଯିବାକୁ ହଇରାଣ ହେଉଛନ୍ତି। ସେମାନଙ୍କ ସୁବିଧା ନିମନ୍ତେ ଲିଫ୍ଟ ବ୍ୟବସ୍ଥା ହେବାର ଆବଶ୍ୟକତା ରହିଥିବା ଦର୍ଶାଯାଇଛି। ସ୍ମାରକପତ୍ର ପାଇବା ପରେ ପଦକ୍ଷେପ ନେବାକୁ ଜିଲାପାଳଙ୍କଠାରୁ ପ୍ରତିଶ୍ରୁତି ମିଳିଥିବା ଆହାଦ କହିଛନ୍ତି।



ନୟାଗଡ଼ ଜିଲାପାଳଙ୍କ ନିକଟରେ ଲିଫ୍ଟ ବ୍ୟବସ୍ଥା ପାଇଁ ଫେରାଦ ହେଉଛନ୍ତି।

# ପଦା ହୋଇଥିବା ଜଙ୍ଗଲ ଜମିର ମାପଚୁପ

■ବନ ବିଭାଗକୁ ଫେରିଲା ଜବରଦଖଲ ଜମି
■ସୀମାନ୍ତରେ ଖନନ ହେଲା ଟ୍ରେଞ୍ଚ

ନୟାଗଡ/ନୂଆଗାଁ, ୧୨।୩
(ଲୋକନାଥ ମିଶ୍ର/ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ତହସିଲ ବେରୁଆଁବାରୀ ପଞ୍ଚାୟତ ବନ୍ଧାଭୂଇଁର ଜବରଦଖଲରେ ରହିଥିବା ଜଙ୍ଗଲ ଜମି ପୁଣି ବନବିଭାଗର ଖାତାକୁ ଫେରିଛି । ବୁଧବାର ନୂଆଗାଁ ତହସିଲଦାର ହେମନ୍ତ କୁମାର ନାୟକ, ଓଡଗାଁ ରେଞ୍ଜର ଅଭିମନ୍ୟୁ ମଲ୍ଲିକ, ବାହାଡାଖୋଲା ଫାଣ୍ଡି ଅଧିକାରୀ ଦେବରାଜ ମଲ୍ଲିକ ପ୍ରମୁଖ ପହଞ୍ଚି ଜବରଦଖଲ ଜମିକୁ ବନବିଭାଗ ହେପାଜତକୁ ଫେରାଇ ନେଇଛନ୍ତି। ଅନ୍ୟପକ୍ଷେ ଜବରଦଖଲ ଜମି ଉଦ୍ଧାର ହେବା ପରେ ବନବିଭାଗ ପକ୍ଷରୁ ଟ୍ରେଞ୍ଚ ଖୋଳା ଯାଇଥିବା ଓଡଗାଁ ରେଞ୍ଜର ସୂଚନା ଦେଇଛନ୍ତି । ପ୍ରକାଶ ଯେ, ବନ୍ଧାଭୂଇଁର ୫ ଏକର ରିଜର୍ଭ ଜଙ୍ଗଲ ପଦା ହୋଇ ସାରିଥିଲା । ଜଙ୍ଗଲ ଜମିରୁ ଗଛ କାଟି ଜେସିବିରେ ପଦାକରି ଜମି କରାଯାଇଥିଲା । ଗତ ଫେବୃଆରୀରେ ବେଆଇନ ଇଟାଭାଟିର ତଦନ୍ତ ସହ ପଦା ହୋଇଥିବା ଜଙ୍ଗଲର ଅନୁରୂପ ଭାବେ ତଦନ୍ତ କରିବାକୁ ବନ୍ଧାଭୂଇଁର ଗୋବିନ୍ଦ ଚନ୍ଦ୍ର ସାହୁ ଜିଲାପାଳଙ୍କୁ ତଦନ୍ତ କରିବାକୁ ଅନୁରୋଧ କରିଥିଲେ । ଏନେଇ ୨୦୨୬ ଫେବୃଆରୀ ୧୯ରେ ପଦା ହୋଇଗଲା ଜଙ୍ଗଲ ଜମି ଶୀର୍ଷକ ଖବର ପ୍ରକାଶନ ପରେ ପ୍ରଶାସନିକ ତତ୍ପରତା ପ୍ରକାଶ ପାଇଥିଲା । ପରେ ଜବରଦଖଲରେ ଥିବା ଜଙ୍ଗଲ ଜମିକୁ ଉଦ୍ଧାର କରିବାକୁପ୍ରଚେଷ୍ଟା କରାଯାଇଥିଲା ।


ବନବିଭାଗ ପକ୍ଷରୁ ଟ୍ରେଞ୍ଚ ଖୋଳା ଯାଉଛି।

# ବିଭିନ୍ନ ଜଙ୍ଗଲରେ ନିଆଁ ଲିଭାଇଲା ଦମକଳ

ଦଶପଲ୍ଲା, ୧୨।୩
(ପ୍ରକାଶ କୁମାର ପାଣି)

ଦଶପଲ୍ଲା ବ୍ଲକର ବିଭିନ୍ନ ସ୍ଥାନର ଜଙ୍ଗଲରେ ଥିବା ଗୁରୁବାର ନିଆଁ ଲାଗି ପରିସ୍ଥିତି ଅଣାୟତ ହୋଇଥିଲା। ତେବେ ଦଶପଲ୍ଲା ଏବଂ ନୂଆଗାଁ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଖରା ଯେତିକି ବଢୁଛି ଜଙ୍ଗଲରେ ନିଆଁ ସେତିକି ବଢ଼ିବାରେ ଲାଗିଛି। ବନବିଭାଗ ନଆଁ ଲିଭାଇ ନ ପାରିବାରୁ ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳକୁ ଯିବାକୁ ପଡୁଛି। ତେବେ ଗୁରୁବାର ଦଶପଲ୍ଲ ଏବଂ ନୂଆଗାଁର ୪ ଟି ଦମକଳ ଗାଡିର ନିଆଁ ଲିଭା କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ବନ କର୍ମଚାରୀମାନେ ଦିନ ରାତି ଏହି ନିଆଁ ଲିଭା କାର୍ଯ୍ୟରେ ଲାଗିଥିବା ବେଳେ ଗୋଟିଏ ସ୍ଥାନରେ ନିଆଁ ଲିଭାଇଲା ବେଳେ ଅନ୍ୟ ଏକ ସ୍ଥାନରେ ଲାଗୁଥିବା ଜଣାଯାଇଛି। ନେଳିଗୁଡା,ଡୁମାଣ୍ଡି ,କଲେଜ ନିକଟ ଏବଂ ବିଭିନ୍ନ ସ୍ଥାନରେ ନିଆଁ ଲାଗିଥିଲା ଜଣାଯାଇଛି। ତେବେ ଏହି ଜଙ୍ଗଲ ନିଆଁରେ ବହୁ ମୁଲ୍ୟବାନ ଗଛ ନଷ୍ଟ ହେବା ସହ ଜଙ୍ଗଲ ନିକଟସ୍ଥ ଗ୍ରାମ ପ୍ରତି ବିପଦ ରହିଥିବା ଜଣାଯାଇଛି।

# ସୁନାମୁହିଁ ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି

ଖଣ୍ଡପଡ଼ା, ୧୨।୩
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହର ଉପକଣ୍ଠରେ ଅବସ୍ଥିତ ସୁନାମୁହିଁ ପରିବେଶ ପର୍ଯ୍ୟଟନସ୍ଥଳୀର ବିକାଶ ନିମନ୍ତେ ଖଣ୍ଡପଡ଼ା ଏନ୍‌ଏସି କର୍ତ୍ତୃପକ୍ଷ ଓ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ମିଳିତ ଉଦ୍ୟମ ଜାରି ରହିଥିଲେ ହେଁ ଗତ ୧୦ ବର୍ଷ ମଧ୍ୟରେ ଉକ୍ତ ପର୍ଯ୍ୟଟନସ୍ଥଳୀର ଆଶାନୁରୂପକ ବିକାଶ ହୋଇ ପାରିନାହିଁ। ସୁରକ୍ଷା ବ୍ୟବସ୍ଥା ଆଦୌ ନ ଥିବାରୁ ସଞ୍ଜ ନଇଁଲେ ସୁନାମୁହିଁ ପର୍ଯ୍ୟଟନସ୍ଥଳୀ ପରିସରରେ ଅସାମାଜିକ ଓ ନିଶାସକ୍ତଙ୍କ ଭିଡ଼ ଜମୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଖଣ୍ଡପଡ଼ା ପୋଲିସ ପ୍ରଶାସନ ଓ ଏନ୍‌ଏସି କର୍ତ୍ତୃପକ୍ଷ ସେଥିପ୍ରତି ଦୃଷ୍ଟି ଦେବାକୁ ସହରବାସୀ ଦାବି କରିଛନ୍ତି। ସେହିପରି ପର୍ଯ୍ୟଟନସ୍ଥଳୀ ପରିସରରେ ପାନୀୟଜଳ, ଉଜ୍ଜ୍ୱଳ ଆଲୋକୀକରଣ ବ୍ୟବସ୍ଥା ସହ ପର୍ଯ୍ୟଟକଙ୍କ ନିମନ୍ତେ ଆବଶ୍ୟକ ବିଶ୍ରାମ କକ୍ଷ ଓ ସୁନାମୁହିଁ ଜଳଭଣ୍ଡାରରେ ସମସ୍ତଙ୍କ ନିମନ୍ତେ ବୋଟିଂର ବ୍ୟବସ୍ଥା କରାଗଲେ ଦୈନିକ ବିଭିନ୍ନ ସ୍ଥାନରୁ ଶହଶହ ସଂଖ୍ୟାରେ ପର୍ଯ୍ୟଟକ ଓ ଶିକ୍ଷାନୁଷ୍ଠାନ ଛାତ୍ରୀଛାତ୍ରମାନଙ୍କ ସମାଗମ ପର୍ଯ୍ୟଟନସ୍ଥଳୀରେ ହୋଇପାରନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ସେହିପରି ପର୍ଯ୍ୟଟନସ୍ଥଳୀ ସମ୍ମୁଖରେ ଯାନବାହନ ପାର୍କିଂ ନିମନ୍ତେ ଆବଶ୍ୟକ ବ୍ୟବସ୍ଥା ସହ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବା ଆମ୍ବ ଆକୃତିର ଭେଣ୍ଡିଂ ଜୋନ୍‌କୁ ତୁରନ୍ତ କାର୍ଯ୍ୟକ୍ଷମ କରିବା, ପର୍ଯ୍ୟଟନସ୍ଥଳୀର ମୁଖ୍ୟ ଫାଟକ ସମ୍ମୁଖସ୍ଥ ମାଟି ଅଂଶର ସିମେଣ୍ଟ କଂକ୍ରିଟକରଣ, ରାସ୍ତାପାର୍ଶ୍ୱରୁ ଉଠା ଦୋକାନୀମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର ଦିଗରେ ଜିଲା ପ୍ରଶାସନ ଓ ଖଣ୍ଡପଡ଼ା ଏନ୍‌ଏସି କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ସେହିପରି ପରିବେଶ ପର୍ଯ୍ୟଟନସ୍ଥଳୀ ପରିସରରେ ସବୁଜ ପରିବେଶ ସୃଷ୍ଟି ନିମନ୍ତେ ଖଣ୍ଡପଡ଼ା ବନବିଭାଗ ଓ ଉଦ୍ୟାନ ବିଭାଗ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।


ସୁନାମୁହିଁ ପର୍ଯ୍ୟଟନସ୍ଥଳୀ।

# ୩୩ ଦୋଳ ବିମାନରେ ବିରାଜିତ ରାଧାକୃଷ୍ଣ ଫଗୁଖେଳିଲେ

- ପ୍ରସିଦ୍ଧ କୁଆଖିଆ ମେଳଣ ଉଦ୍‌ଯାପିତ
- ଗୋପୀନାଥ ଜୀଉ, ବୃନ୍ଦାବନଚନ୍ଦ୍ରଙ୍କ ଲୀଳା ଖେଳାରେ ଭକ୍ତ ବିଭୋର



ମେଳଣରେ ସାମିଲ ହୋଇଥିବା ଦୋଳ ବିମାନ ।

**ରସୁଲପୁର, ୧୨।୩ (ରଞ୍ଜିତ ରାଉତ):**

ଯାଜପୁର ଜିଲାର ପ୍ରସିଦ୍ଧ କୁଆଖିଆ ମେଳଣ ବୁଧବାର ରାତିରେ କୁଆଖିଆ ବଜାରଠାରେ ଆରମ୍ଭ ହୋଇ ଗୁରୁବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୩୩ଖଣ୍ଡ ଦୋଳ ବିମାନ ଯୋଗ ଦେଇଥିଲେ। ପ୍ରତ୍ୟେକ ବିମାନରେ ପ୍ରଭୁ ରାଧାକୃଷ୍ଣଙ୍କ ଯୁଗଳମୂର୍ତ୍ତି ପୂଜା ପାଇବା ସହ ମେଳଣରେ ଫଗୁ ଖେଳି ଚାର ମଣ୍ଡପରେ ବିରାଜମାନ ହୋଇଥିଲେ। ସୁସଜ୍ଜିତ ବିମାନଗୁଡିକ ବିରାଟ ପଟୁଆରେ ଭଜନସଂକୀର୍ତ୍ତନ, ନାଚଗୀତର ସହ ରଙ୍ଗବେରଙ୍ଗ ପ୍ରାକୃତିକ ରଙ୍ଗ ଖେଳି ଆଗକୁ ବଢିଥିଲେ। ଯାଜପୁର ବ୍ଲକ ଅଞ୍ଚଳର ଢିହ ସାହି ସ୍ଥିତ ପ୍ରଭୁ ଗୋପୀନାଥ ଜୀଉ ଓ ରସୁଲପୁର ବ୍ଲକ ଅନ୍ତର୍ଗତ ହରିପୁରସ୍ଥିତ ପ୍ରଭୁ ବୃନ୍ଦାବନଚନ୍ଦ୍ରଙ୍କ ଲିଳାଖେଳାରେ ଭକ୍ତମାନେ ବିଭୋର ହୋଇଉଠିଥିଲେ। ପ୍ରଭୁ ଗୋପୀନାଥ ଓ ବୃନ୍ଦାବନଚନ୍ଦ୍ର ଦୁଇଟି ପୃଥକ ବିମାନରେ ବିପରୀତ ଦିଗରୁ ଆସି ସାରଙ୍ଗପୁର ମେଳଣ ପଡିଆ ଗଡାଣି ପାଖରେ ମୁହାଁମୁହିଁ ହୋଇଥିଲେ। ଏହି ସମୟରେ ଉଭୟ ବିମାନର ସଂକୀର୍ତ୍ତନ ମଣ୍ଡଳିଙ୍କ ମଧ୍ୟରେ ନଦୀଆ କୀର୍ତ୍ତନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଘଂଟୁଆ,ପାଟୁଆ, ଶଙ୍ଖୁଆ, ଢୋଲ, ଶିଙ୍ଘ, ତେଲିଙ୍ଗି ବାଜାକୁ ନେଇ ପ୍ରତିଯୋଗିତା ଭକ୍ତଙ୍କୁ ବାନ୍ଧି ରଖିଥିଲା। ଉଭୟ ବିମାନ ଗଡାଣିରେ ଆଗୁଆ ଗଡି ଚାର ମଣ୍ଡପ ଅଭିମୁଖେ ଯିବାକୁ ଉଦ୍ୟମ କରିଥିଲେ। ଶେଷରେ ଗୋପୀନାଥ ଜୀଉଙ୍କୁ ସମ୍ମାନ ଜଣାଇ ବୃନ୍ଦାବନଚନ୍ଦ୍ର ବାଡ ଛାଡିଥିଲେ। ଏହି ମସୟରେ ଭକ୍ତମାନେ ଭାବବିହ୍ୱଳ ହୋଇଉଠିଥିଲେ। ଆଗପଛ ହୋଇ ଉଭୟ ବିମାନ ଚାର ମଣ୍ଡ ଅଭିମୁଖେ ଯାଇଥିଲେ। ଏଥି ପୂର୍ବରୁ ଅନ୍ୟ ବିମାନ ଗୁଡିକ ମଣ୍ଡପରେ ବିରାଜମାନ ହୋଇ ସାରିଥିଲେ। ପ୍ରଭୁ ଗୋପୀନାଥ ଓ ବୃନ୍ଦାବନଚନ୍ଦ୍ର ପହଁଚିବା ପରେ ମଣ୍ଡପରେ ସାମୂହିକ ପୂଜାପାଠ ଓ ଭୋଗଲାଗି କରାଯାଇ ବିମାନ ଗୁଡିକୁ ମେଲାଣି ଦିଆଯାଇଥିଲା।

ସାରଙ୍ଗପୁର ଗ୍ରାମର ବିମାନ ଥାନପତି ଆସନରେ ବିରାଜମାନ ହୋଇ ଅନ୍ୟ ବିମାନଗୁଡିକୁ ଆବାହନ କରିଥିଲେ। ବାଲିପାଟଣାର ଗୋପୀନାଥ ଜୀଉ, ହରିପୁରର ବୃନ୍ଦାବନଚନ୍ଦ୍ର, ଢିହସାହି ଗୋପୀନାଥ, ଚଣ୍ଡିପୁର, ଓରାଳି, ଚଣ୍ଡିବାଙ୍କ, ମହାରଣାସାହି, ନୂଆମିର୍ଜାପୁର, ମୀରପାଟଣା, କଚେରୀଗାଁ, ମନ୍ଦାରପୁର, ରାଣୀବନ୍ଧି, କେଶରପଡା, ବାଟୀଜଙ୍ଗା, ଶ୍ରୀବନ୍ତପୁର, ଭାତୁଡିପଶି, ଗଙ୍ଗାଧରପୁର (ବଙ୍ଗାଳିସାହି), ପ୍ରଥମାଖଣ୍ଡି, ପ୍ରଥମାଖଣ୍ଡି (ତଳସାହି), ଗୋପାଳପୁରର (ହିଙ୍ଗୁଳାସାହି), (ବଉଳମୂଳ), (ଗୋପାଳସାହି), (ଗୋବିନ୍ଦପାଟଣା), (ଚକଗୋପାଳପୁର), (ପାଟଣାସାହି), ନଠୁଆବର, ପାଞ୍ଚଗୋଛିଆ, ଗନ୍ଧଣ, ମହାଖଳା, ବିଲିପଡା, ମଲପଡା ଶାସନ, ଜହଳ, ଜଳହରା ଆଦି ଠାକୁରବାଡିରୁ ବିମାନ ଆସି ମେଳଣରେ ଯୋଗଦେଇ ହୋଲି ଖେଳିଥିଲେ।

ଖରାର ପ୍ରକପ ସତ୍ୱେ ୫୦ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ମେଳଣରେ ସାମିଲ ହୋଇଥିଲେ। ମେଳଣ ପଡିଆରେ ବିଭିନ୍ନ ପ୍ରକାର ଦୋକାନ ଖୋଲିଥିଲା। ଶ୍ରଦ୍ଧାଳୁମାନେ ମନପସନ୍ଦର ଖାଦ୍ୟର ମଜା ନେଇଥିଲେ। ମହିଳାମାନେ ବିଭିନ୍ନ ପ୍ରକାରର ମନପସନ୍ଦର ଘରକରଣା ସାମଗ୍ରୀ କ୍ରୟ କରିଥିଲେ। ମେଳଣକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବାରେ ଯାଜପୁର ଜିଲା ପ୍ରଶାସନ, ପୋଲିସ ପକ୍ଷରୁ ବ୍ୟାପକ ସହାୟତା ପ୍ରଦାନ କରାଯାଇଥିଲା। କୁଆଖିଆ ମେଳଣ ପରିଚାଳନା କମିଟି ପକ୍ଷରୁ ଶ୍ରଦ୍ଧାଳୁଙ୍କ ସକାଶେ ପାନୀୟ ଜଳ, ସୂଚନାକେନ୍ଦ୍ର, ବିଶ୍ରାମଗାର ଆଦିର ବନ୍ଦୋବସ୍ତ କରାଯାଇଥିଲା। ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଦହି ସରବତ ପ୍ରଦନା କରାଯାଇଥିଲା। ବିମାନଗୁଡିକୁ ମେଲାଣି ଦେବା ସମୟରେ ପରିଚାଳନା କମିଟି ସଭାପତି ବନୋଜ ସ୍ୱାଇଁ, ସମ୍ପାଦକ ଦେବକାନ୍ତ ପଲେଇ, କୋଷାଧ୍ୟକ୍ଷ ମନୋଜ ସାହୁଙ୍କ ସମେତ କମିଟର ଅନ୍ୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଛୋଟ ପିଲାଙ୍କ ହାତରେ ଟ୍ରାକ୍ଟର

**କାଏମା, ୧୨।୩ (ଶିବପ୍ରସାଦ ମହାନ୍ତି):**

ଗୋଟିଏ ରେଜିଷ୍ଟ୍ରେଶନ ନମ୍ବରରେ ଏକାଧିକ ଗାଡ଼ି

ପରିବହନ ବିଭାଗ ପକ୍ଷରୁ ଟ୍ରାକ୍ଟର ଗୁଡ଼ିକ ପାଇଁ ଅନେକ ନିୟମ ରହିଥିଲେ ମଧ୍ୟ ଏହି ନିୟମକୁ ଗାଡ଼ି ମାଲିକ ପାଳନ କରୁନାହାନ୍ତି। ଧର୍ମଶାଳା ବ୍ଲକ୍ ଅଞ୍ଚଳରେ ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳୁଛି। ଏଠାରେ ଟ୍ରାକ୍ଟରଗୁଡ଼ିକ ବିନା ଫିଟନେସ୍, ଇନ୍ସୁରାନ୍ସ ଓ ପରମିଟରେ ରାସ୍ତାରେ ଚାଲୁଛି। କେବଳ ଏତିକି ନୁହେଁ ବରଂ ଛୋଟଛୋଟ ପିଲା ଯାହାଙ୍କ ବୟସ ୧୮ବର୍ଷରୁ କମ ସେମାନେ ଟ୍ରାକ୍ଟର ଚଳାଉଛନ୍ତି। ସେମାନେ ଦ୍ରୁତ ଗତିରେ ଗାଡି ଚାଳନା କରୁଥିଲେ ବି ପ୍ରଶାସନ ଏ ସବୁକୁ ନଜର ଅନ୍ଦାଜ କରିଆସୁଛି। ଯଦି ବି କେବେ କେମିତି ପ୍ରଶାସନ ଦୃଷ୍ଟିରେ ଆସି ଯାଉଛି କଡ଼ା କାର୍ଯ୍ୟାନୁଷ୍ଠାନ ବଦଳରେ ଲାଞ୍ଚ କାରବାରରେ ଗାଡ଼ି ଛଡ଼ା ଯାଉଥିବା ଅଭିଯୋଗ ହୋଇଛି। ଫଳରେ ପିଲାଙ୍କ ହାତରେ ମାଲିକ ଗାଡ଼ି ଧରେଇ କମ ଟଙ୍କା ଦରମା ଦେଇ ରାସ୍ତାରେ ଯାଉଥିବା ପଥିକ ଏବଂ ସାଧାରଣ ଲୋକଙ୍କ ଜୀବନ ସହ ଖେଳଖେଳୁଛନ୍ତି। ଧର୍ମଶାଳା ନିର୍ବାଚନମଣ୍ଡଳୀରେ ଖଣି ଖାଦାନ ଓ ବାଲି ପାଇଁ ସବୁ ସମୟରେ ମାଲ ପରିବହନ ଗାଡ଼ିଗୁଡ଼ିକ ଉପରେ ବିଶେଷ ଭାବେ ନିର୍ଭର କରିବାକୁ ପଡ଼ିଥାଏ। କିନ୍ତୁ ଛୋଟ ପିଲାଙ୍କ ହାତରେ ବଡ଼ଗାଡ଼ି ଦେବା ଏକଚିନ୍ତାର ବିଷୟ ପାଲଟିଛି। ଅନ୍ୟପକ୍ଷରେ ଟ୍ରାକ୍ଟର ଚଳାଉଥିବା ବହୁ ଚାଳକଙ୍କ ପାଖେ ଲାଇସେନ୍ସ ରହୁନାହିଁ। କେତେଜଣ ମଦ୍ୟପାନ କରି ଗାଡ଼ି ଚଳାଉଛନ୍ତି। ସ୍କୁଲ, କଲେଜ, ଟ୍ୟୁସନକୁ ପିଲାମାନେ ଯାତାୟାତ କରୁଥିବାବେଳେ ମହିଳା ଓ ପୁରୁଷମାନେ ମଧ୍ୟ ଘରୁ ନିଜ କାମରେ ବାହାରକୁ ଯାଇଥାନ୍ତି। ଫଳରେ ବେଆଇନଭାବେ ଚଳାଚଳ କରୁଥିବା ଟ୍ରାକ୍ଟରଗୁଡ଼ିକ ସେମାନଙ୍କ ପାଇଁ ବିପଦ ସୃଷ୍ଟି କରୁଛି। ସେହିପରି ଯାହାର ଏକାଧିକ ଟ୍ରାକ୍ଟର ଅଛି ସେମାନଙ୍କ ମଧ୍ୟରୁ କେତେଜର ଗାଡ଼ି ମାଲିକ ଚତୁରତା କରି ଗୋଟିଏ ରେଜିଷ୍ଟ୍ରେଶନ ନମ୍ବରରେ ଏକରୁ ଏକାଧିକ ଟ୍ରାକ୍ଟର ଚଳାଉଥିବା ମଧ୍ୟ ଖବର ମିଳିଛି। ଏକାଧିକ ଗାଡ଼ି ଗୁଡ଼ିକର ଟ୍ୟାକ୍ସ, ଫିଟନେସ ଓ ଇନ୍ସୁରାନସ୍ କରାଯାଉନାହିଁ। ଏହା ଉପରେ ପରିବହନ ମନ୍ତ୍ରୀ ଦୃଷ୍ଟି ଦେବା ସହ ଅମାନିଆଙ୍କୁ ସାବାଡ଼ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ଅଗ୍ନିକାଣ୍ଡରେ ଜଳିଗଲା ୩ ବଖରା

**ବିଞ୍ଝାରପୁର, ୧୨।୩ (ରାମକୃଷ୍ଣ ଦାସ):**

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଘଣ୍ଟିଆଳି ପଞ୍ଚାୟତ ଲେଙ୍କାସାହି ଗ୍ରାମର ଦୀପକ ଧଳଙ୍କ ଘରେ ଗୁରୁବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ତାଙ୍କର ୩ ବଖରା ଘର ଓ ଗୁହାଳ ସମେତ ଏକ ଛଣଗଦା ଜଳି ପାଉଁଶ ହୋଇଯାଇଛି। ନିଆଁର ପ୍ରକୋପ ଏତେ ପ୍ରଖରଥିଲା ଯେ ଚାହୁଁଚାହୁଁ ସବୁ ଜଳିଯାଇଥିଲା। ସ୍ଥାନୀୟ ଗ୍ରାମବାସୀଙ୍କ ସହୟତାରେ ଗୁହାଳରୁ ଗାଇବାଛୁରୀଙ୍କୁ ଉଦ୍ଧାର କରାଯାଇଥିଲା। ଖବର ପାଇ ବିଞ୍ଝାରପୁର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ହେଲେ ସେତେବେଳକୁ ସବୁକିଛି ଜଳି ପାଉଁଶ ହୋଇ ଯାଇଥିଲା। ଅଗ୍ନି ବିପନ୍ନ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି।

# ଦୁର୍ଘଟଣାରେ ଆହତ ବ୍ୟବସାୟୀଙ୍କ ମୃତ୍ୟୁ

**ଯାଜପୁର ସଦର, ୧୨।୩ (ସମର ବିଜୟ ଶରଣ):** ଦୁର୍ଘଟଣାରେ ଆହତ ହୋଇଥିବା ଯାଜପୁର ବ୍ଲକ ଅନ୍ତର୍ଗତ କବିରପୁର ଗ୍ରାମର ବ୍ୟବସାୟୀ ଅମିୟ କୁମାର ବଳ(୫୨)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ମୃତ୍ୟୁ ହୋଇଛି। ସେ ୧୭।୧୦।୨୦୨୫ରେ ୧୬ନମ୍ବର ଜାତୀୟ ରାଜପଥର କୁଆଖିଆ ବଜାର ନିକଟରେ ବାଇକ ଯୋଗେ ଘରକୁ ଫେରୁଥିବାବେଳେ ଏକ ମାଲ ବୋଝେଇ ଟ୍ରକ ତାଙ୍କ ବାଇକକୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ରାସ୍ତାରେ ପଡ଼ି ଗୁରୁତର ହୋଇଥିଲେ। ତାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅମିୟ ଗଜୀପାଢ଼ୀ ଛକରେ ଚା'ପାନ ଦୋକାନ କରିଥିଲେ। ତାଙ୍କ ପରଲୋକ ଖବର ଜଣାପଡିବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଗଜୀ ପାଢ଼ୀ ଛକର ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ କରାଯିବା ସହ ଶୋକ ପାଳନ କରାଯାଇଛି। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଅନ୍ତିମ ଦର୍ଶନ କରିବା ସହ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ଅମିୟ ଜଣେ ଅତ୍ୟନ୍ତ ମେଳାପି ବ୍ୟକ୍ତି ଥିଲେ। ନିକଟସ୍ଥ ଦଶହରା ପଡ଼ିଆରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଥିଲା।

# କଲର୍ କ୍ଲାଉଡ୍ ପବ୍ଲିକ ସ୍କୁଲର ବାର୍ଷିକୋତ୍ସବ



ବାର୍ଷିକୋତ୍ସବ ଅବସରରେ ମଞ୍ଚାସୀନ ଅତିଥି।

**ଧର୍ମଶାଳା, ୧୨।୩ (ବଟକୃଷ୍ଣ ପରିଡା):**

ଧର୍ମଶାଳା ବ୍ଲକ ଜାରକାସ୍ଥିତ କଲର୍ କ୍ଲାଉଡ୍ ପବ୍ଲିକ ସ୍କୁଲର ବାର୍ଷିକୋତ୍ସବ କଲର୍ ଫେଷ୍ଟ ୨୦୨୬ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଅତିଥି ଭାବରେ ସମାଜିକକର୍ମୀ ମିନତି ସାହୁ, ଧର୍ମଶାଳା ଥାନା ଅଧିକାରୀ ଚିନ୍ମୟୀ ସାହୁ ଓ ବିଇଓ ଅଭୟ କୁମାର ବେହେରା ପ୍ରମୁଖ ଯୋଗଦେଇ ଉପସ୍ଥିତ ଛାତ୍ରୀଛାତ୍ର, ଶିକ୍ଷକ ଓ ଅଭିଭାବକଙ୍କୁ ପିଲାଙ୍କ ଭବିଷ୍ୟତ ନେଇ ଉପାଦେୟ ପରାମର୍ଶ ଦେଇଥିଲେ। ସ୍କୁଲର ଅଧ୍ୟକ୍ଷା ବନ୍ଦିତା ଦାସ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ସ୍କୁଲର ନିର୍ଦ୍ଦେଶକ ଅଭିଜିତ୍ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ୮ ଜଣ ବ୍ୟକ୍ତି ବିଶେଷ ଓ ଦୁଇଟି ଅନୁଷ୍ଠାନକୁ ସେବା ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିରେ ଅତିଥି ୩ ଜଣଙ୍କ ସମେତ ରୋଟାରିଆନ୍ ପ୍ରଦୀପ୍ତ ବରାଳ, ଇନର୍ ହୁଇଲ କ୍ଲବ ସଭାନେତ୍ରୀ ଲୋପାମୁଦ୍ରା ଷେଣ୍ଡ, ପୋଲିସ ହାବିଲଦାର ମନୋଜ ବିଶ୍ୱାଳ ଓ ପ୍ରବୋଧ ଦାସ, ଆଶା କର୍ମୀ ପୁଷ୍ପଲତା ରାଉତ ପ୍ରମୁଖଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହିତ ଅଂଶୁମାନ ଟ୍ରଷ୍ଟ ଓ ଆମ ସେବା ପରିବାରର ସଦସ୍ୟଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷୟିତ୍ରୀ ଉର୍ମିଳା ଦାସ ମଞ୍ଚ ସଞ୍ଚାଳନ କରିଥିଲେ। ପରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷୟିତ୍ରୀଶିକ୍ଷକ ଉତ୍ସବକୁ ପରିଚାଳନା କରିଥିଲେ।

# ବଢୁଛି ଦରଦାମ, କଳାବଜାର ଆଶଙ୍କା

**ସିଂହପୁର, ୧୨।୩ (ଅନଙ୍ଗ ଉଦୟ ବେଉରିଆ):**

ମଧ୍ୟପ୍ରାଚ୍ୟରେ ଯୁଦ୍ଧଯୋଗୁ ବିଭିନ୍ନ ଅଞ୍ଚଳରେ ନିତ୍ୟାବଶ୍ୟକ ସାମଗ୍ରୀର ଦରଦାମ ବଢୁଥିବା ଦେଖିବାକୁ ମିଳୁଛି। ବିଞ୍ଝାରପୁର ବ୍ଲକ ଅଞ୍ଚଳରେ ଗ୍ୟାସଠାରୁ ଆରମ୍ଭ କରି ଦୈନନ୍ଦିନ ପ୍ରୟୋଜନୀୟ ସାମଗ୍ରୀ ପର୍ଯ୍ୟନ୍ତ ଦାମ ହଠାତ ବୃଦ୍ଧିପାଇଛି। ଏହାକୁ ନେଇ ଜଳଖିଆ ଦୋକାନ, ଠେଲା ଦୋକାନ ଓ ହୋଟେଲରେ ଖାଦ୍ୟ ସାମଗ୍ରୀର ଦାମ ବଢ଼ିବା ସାଧାରଣ ଲୋକଙ୍କୁ ଚିନ୍ତାରେ ପକାଇଛି। ସେହିପରି ଖାଇବା ତେଲ, ଡାଲି, ମସଲା ଦର ମଧ୍ୟ ବୃଦ୍ଧି ପାଉଛି, ଯାହାର ପ୍ରଭାବ ସିଧାସଳଖ ଗ୍ରାମାଞ୍ଚଳରେ ମାଧ୍ୟବିତ୍ତଙ୍କ ଉପରେ ପଡୁଛି। ଏହି ସମୟରେ କଳାବଜାର ହେବାର ବ୍ୟାପକ ଆଶଙ୍କା ରହିଛି। ଯଦି କଳାବଜାରରେ ରୋକ ନ ଲଗାଯାଏ, ତେବେ ସାଧାରଣ ଲୋକ ଅଧିକ ଅସୁବିଧାର ସମ୍ମୁଖୀନ ହେବେ। ଏହି ପରିସ୍ଥିତିରେ ଜିଲା ପ୍ରଶାସନ, ଫୁଡ ସେଫଟି ବିଭାଗ ଓ ଯୋଗାଣ ବିଭାଗ ନିୟମିତ ତଦାରଖ କରିବା ସହ ଚଢ଼ାଉ କରିବାକୁ ସାଧାରଣରେ ଦାବି ହୋଇଛି।

# ମହିମା ଆଶ୍ରମର ବାର୍ଷିକ ଉତ୍ସବ



ମହିମା ଧର୍ମାବଲମ୍ବୀ ପୂଜାର୍ଚ୍ଚନା କରୁଛନ୍ତି।

**ବଡ଼ଚଣା, ୧୨।୩ (ଦିଲୀପ କୁମାର ମହାନ୍ତି):**

ବଡ଼ଚଣା ବ୍ଲକ ପାରିଆ ପଞ୍ଚାୟତ ଅନ୍ତର୍ଗତ ବରୁଣିଆ ଗ୍ରାମ ପାହାଡ଼ ପାଦଦେଶସ୍ଥିତ ମହିମା ଆଶ୍ରମର ୧୩ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଶ୍ରମର ତତ୍ତ୍ୱାବଧାରକ ଅବଧୂତ ସୁକାନ୍ତ ବାବାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ବ୍ରାହ୍ମ ମୁହୂର୍ତ୍ତରୁ ଅଖଣ୍ଡ ଘୃତ ବତୀ ପ୍ରଜ୍ୱଳନ ସହ ବ୍ରହ୍ମ ଧ୍ୱନି ସ୍ଥାପନ, ଧର୍ମସଭା, ପ୍ରବଚନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମହିମା ଗାଦିର ପରିଚାଳକ ବ୍ରହ୍ମ ଅବଧୂତ ବାବା ପ୍ରସନ୍ନ ଦାସ, ସାଧୁ କ୍ଷମାନନ୍ଦ ଦାସ, ସାଧୁ ହରମୋହନ ଦାସ, ସାଧୁ ଅନାଦି ଦାସ, ସାଧୁ ସୁନାକାର ଦାସ, ସାଧୁ ଯଦୁମଣି ଦାସ, ସାଧୁ ବୈରାଗୀ ଦାସ ପ୍ରମୁଖ ଯୋଗ ଦେଇଥିଲେ। ସ୍ଥାନୀୟ ସରପଞ୍ଚ ବେଣୁଧର ବିଶ୍ୱାଳ, ଭକ୍ତ ନିରଞ୍ଜନ ସ୍ୱାଇଁ, କାଳନ୍ଦୀ ସାହୁ, ଭାସ୍କର ଓଝା, ରମେଶ ଚନ୍ଦ୍ର ସ୍ୱାଇଁ, ବିଜୟାନନ୍ଦ ପଣ୍ଡା, ପ୍ରାକ୍ତନ ସରପଞ୍ଚ ମାନସ ରଞ୍ଜନ ପଣ୍ଡା, ଗୌତମ ରାଉତ, ବିଷ୍ଣୁପ୍ରସାଦ ଲେଙ୍କା, ଶିକ୍ଷାବିତ ଧୀରେନ୍ଦ୍ର ରାଉତ, ଜିତେନ୍ଦ୍ର ନାୟକ, ଶକ୍ତିରଞ୍ଜନ ରାଉତ, ଭିକାରି ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

# ପରିବା ଚାଷ ପ୍ରେମରେ ସସ୍ମିତା

ଯୁବ ଗୋଷ୍ଠୀଙ୍କ ପାଇଁ ପାଲଟିଛନ୍ତି ଉଦାହରଣ





ପରିବା କ୍ଷେତ ପାଖରେ ମହିଳା ଚାଷୀ ସସ୍ମିତା ବେହେରା।

**ବ୍ରହ୍ମବରଦା, ୧୨।୩ (ଯଯାତି କେଶରୀ ବେହେରା):**

ଆଜିର ସମୟରେ ଲୋକେ ପାଠ ପଢ଼ି ଚାକିରି କରି ବେଶ ୨ ପଇସା ରୋଜଗାର କରିବା ପଛରେ ଦୌଡୁଥିବାବେଳେ ବ୍ରହ୍ମବରଦା ଅଞ୍ଚଳର ମହିଳା ସସ୍ମିତ ବେହେରା ଚାଷ ପ୍ରେମରେ ପଡ଼ିଛନ୍ତି। ସେ ଜଣେ ଗୃହିଣୀ ହେଲେବି କୌଣସି ଗୁଣରେ କମନୁହନ୍ତି। କମ୍ପ୍ୟୁଟର ଚଳାଇବା କ୍ଷେତ୍ରରେ ହେଉ ଅବା ପରିବାର ସୁପରିଚାଳନା କ୍ଷେତ୍ରରେ ହେଉ କିମ୍ବା ଚାଷ କ୍ଷେତ୍ରରେ ସବୁଥିରେ ସେ ପାରଙ୍ଗମ। ୩୮ ବର୍ଷୀୟା ସସ୍ମିତା ବ୍ରହ୍ମବରଦା ଡିଗ୍ରୀ ମହାବିଦ୍ୟାଳୟରୁ କଳାରେ ସ୍ନାତକ ଡିଗ୍ରୀ ହାସଲ କରିବାପରେ କମ୍ପ୍ୟୁଟର ଶିକ୍ଷା ଗ୍ରହଣ କରିଥିଲେ। ବିବାହ ପରେ ସ୍ୱାମୀ ବିଶ୍ୱଜିତ ବେହେରାଙ୍କ ଜନସେବା କେନ୍ଦ୍ରରେ ସହଯୋଗ କରୁଛନ୍ତି। କିନ୍ତୁ ସେ ଚାଷୀ ପରିବାରର ହୋଇଥିବାରୁ ଚାଷପ୍ରତି ତାଙ୍କର ଦୁର୍ବଳତା ରହିଆସିଥିଲା। ସ୍ୱାମୀଙ୍କୁ ବ୍ୟବସାୟରେ ସହଯୋଗ କରିବା ସହିତ ଆଦମ୍ୟ ଇଚ୍ଛାଶକ୍ତି ବଳରେ ସେ ନିଜ ବାଡ଼ିରେ ବିନା ରାସାୟନିକ ସାର ପ୍ରୟୋଗରେ ରଙ୍ଗିନି ଫୁଲକୋବି, ପତ୍ରକୋବି, ଗାଜର, ଝୁଡ଼ଙ୍ଗ, ବିମସ, ବାଇଗଣ, ଟମାଟୋ, ଶିମ୍ବ, ମଟର ଛୁଇଁ, ସଜନା ଛୁଇଁ, କଦଳୀ, ବରକୋଳି, ଆଳୁ, ସାରୁ, ମକା, ରସୁଣ, ହଳଦୀ, ଅଦା, ଧନିଆପତ୍ର, ପୋଦିନାପତ୍ର, କୋଶଳା ଶାଗ ଓ ଲେଉଟିଆ ଶାଗ ଚାଷ କରିଛନ୍ତି। ନାରୀ ଶକ୍ତିର ପରିଚୟ ଦେଇ ଯୁବ ଗୋଷ୍ଠୀଙ୍କ ପାଇଁ ସେ ଉଦାହରଣ ପାଲଟିଛନ୍ତି। ଦୁଇ ଦେଶୀ ଗାଈର ଗୋବର ନିଜ ଚାଷଜମିରେ ବ୍ୟବ୍ୟହାର କରୁଛନ୍ତି। ଗାଈ ଦୁଗ୍ଧକୁ ନିକଟ ଦୁଗ୍ଧକେନ୍ଦ୍ରର ବିକ୍ରର କରି ବେଶ ଦୁଇପଇସା ରୋଜଗାର କରିପାରିଛନ୍ତି। ସେହିପରି ଉତ୍ପାଦିତ ଦ୍ରବ୍ୟକୁ ନିଜେ ବ୍ୟବହାର କରିବା ସହିତ ଅବଶିଷ୍ଟାଂଶ ଦ୍ରବ୍ୟକୁ ବ୍ୟବସାୟୀଙ୍କୁ ବିକ୍ରି କରି ପରିବାର ପ୍ରତିପୋଷଣ କରିବାରେ ସସ୍ମିତା ସ୍ୱାମୀଙ୍କୁ ସହଯୋଗ କରୁଥିବା କହିଛନ୍ତି।

# ଅବଧି ଶେଷ ପରେ ବି ସରୁନି ନିର୍ମାଣ କାର୍ଯ୍ୟ

ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥ

**ଚଣ୍ଡିଖୋଲ, ୧୨।୩ (ପ୍ରଦୀପ୍ତ କୁମାର ପୃଷ୍ଟି):**



କଟିକଟା ଛକଠାରେ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଛି।

ଓଡ଼ିଶାର ପ୍ରଥମ ୮ ଲେନ ବିଶିଷ୍ଟ ଚଣ୍ଡିଖୋଲ-ପାରାଦୀପ ୫୩ନଂ. ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟ ଚାଲିଛି। ଏହି ରାସ୍ତା ନିର୍ମାଣ ୨୦୨୫ ଡିସେମ୍ବର ସୁଦ୍ଧା ଶେଷ ହେବ ବୋଲି ଚୁକ୍ତି ହୋଇଥିଲେ ମଧ୍ୟ ସରି ପାରୁନାହିଁ। ନିର୍ମାଣ କାର୍ଯ୍ୟ ଅଧା ପନ୍ତରିଆ ଅବସ୍ଥାରେ ପଡ଼ିଥିବା ହେତୁ ବାରମ୍ବାର ଦୁର୍ଘଟଣା ଘଟୁଛି। ଏହି ଜାତୀୟ ରାଜପଥର ଚଣ୍ଡିଖୋଲଠାରୁ ପାରାଦୀପ ଯିବା ରାସ୍ତାର ବେଣାପୁର, ନାନପୁର ଓ କଟିକଟା ଛକ ନିକଟରେ ରାସ୍ତା ନିର୍ମାଣ କାର୍ଯ୍ୟ ସରୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ଚଣ୍ଡିଖୋଲଠାରୁ ପାରାଦୀପ ପର୍ଯ୍ୟନ୍ତ ୭୬.୬୦୦ କି.ମି. ରାସ୍ତା ୮ ଲେନ ବିଶିଷ୍ଟ କରାଯାଉଛି। ଏହାକୁ ୪ ଠିକା ସଂସ୍ଥା ନେଇ କାର୍ଯ୍ୟ କରୁଛନ୍ତି। ଏଥିପାଇଁ ପ୍ରାଥମିକ ପର୍ଯ୍ୟାୟରେ ୨୦୨୩ ଡିସେମ୍ବରରେ ଟେଣ୍ଡର ସରିଥିଲା। ରାସ୍ତା ନିର୍ମାଣ କାର୍ଯ୍ୟ ୨ ବର୍ଷ ଅର୍ଥାତ ୨୦୨୫ ନଭେମ୍ବର ସୁଦ୍ଧା ଶେଷ ହେବ ବୋଲି ଚୁକ୍ତି ହୋଇଥିଲା। ୨୦୨୪ ମାର୍ଚ୍ଚ ୫ରେ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି ଏହାର ଶିଳାନ୍ୟାସ କରିଥିଲେ।

ଚଣ୍ଡିଖୋଲଠାରୁ ୧୮ କି.ମି. ଦୂର ରାସ୍ତା ଅଗ୍ରୱାଲ ଇନଫ୍ରା ଷ୍ଟ୍ରକଚର ଲିମିଟେଡ ନାମକ ଠିକା ସଂସ୍ଥା ଟେଣ୍ଡର ନେଇଥିବା ବେଳେ ୧୮ କି.ମି.ରୁ ୩୯କି.ମି. ପର୍ଯ୍ୟନ୍ତ ପିଏସକେ ଇନଫ୍ରା ଷ୍ଟ୍ରକଚର ଲିମିଟେଡ ନାମକ ଠିକା ସଂସ୍ଥା କାର୍ଯ୍ୟ କରୁଛି। ୩୯କି.ମି.ରୁ ୬୦ କି.ମି. ପର୍ଯ୍ୟନ୍ତ ୨୧ କିଲୋମିଟର ପର୍ଯ୍ୟନ୍ତ ରାଜବୀର କନଷ୍ଟ୍ରକସନ କମ୍ପାନୀ କାମ କରୁଛି। ସେହିଭଳି ୬୦ରୁ ୭୬.୬୦୦ କି.ମି. ପର୍ଯ୍ୟନ୍ତ ଆରଭିଏନଏଲ୍ କାର୍ଯ୍ୟ କରୁଛି। ଏହି ରାସ୍ତା ପାଇଁ ପ୍ରାରମ୍ଭିକ ପର୍ଯ୍ୟାୟରେ ୩ ହଜାର କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ ଏହାପରେ ଅଟକଳ ମୂଲ୍ୟ ବୃଦ୍ଧି ପାଇଛି। ବିଭିନ୍ନ ସ୍ଥାନରେ ଛୋଟ ଛୋଟ ଗଳି ପୋଲ ସଂଖ୍ୟା ନୂତନ ଭାବେ ତିଆରି ହେବା ଯୋଗୁ ଏହାର ଅଟକଳ ମୂଲ୍ୟରେ ପରିବର୍ତ୍ତନ ହୋଇଛି। ତେବେ ବହୁ ସ୍ଥାନରେ ରାସ୍ତା କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ କେତେକ ସ୍ଥାନରେ ସେତୁ ନିର୍ମାଣ କାର୍ଯ୍ୟରେ ବିଳମ୍ବ ଘଟିଛି। କିନ୍ତୁ ଠିକା ସଂସ୍ଥାଗୁଡ଼ିକର ମନମନି ଯୋଗୁ କିଛି ସ୍ଥାନରେ ରାସ୍ତା କାର୍ଯ୍ୟ ବିଳମ୍ବ ହେଉଛି। ଫଳରେ ରାସ୍ତା ଅବସ୍ଥା ଖରାପ ହୋଇଯାଇଛି। ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ କଟିକଟା ଛକର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ତୁରନ୍ତ ଏଠାରେ କାର୍ଯ୍ୟ ଶେଷ କରିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଜାତୀୟ ରାଜପଥ ପ୍ରକଳ୍ପ ନିର୍ଦ୍ଦେଶକ ଭାରତ ପ୍ରକାଶଙ୍କୁ ପଚାରିବାରୁ ସେ କହିଛନ୍ତି, ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥ ପ୍ରକଳ୍ପ କାର୍ଯ୍ୟ ଦ୍ରୁତଗତିରେ ଚାଲିଛି। ଖୁବ୍‌ଶୀଘ୍ର କାର୍ଯ୍ୟ ଶେଷ ହୋଇଯିବ। ଏବେ ଦେଖିବାକୁ ଅପେକ୍ଷା କେବେ ଏହି କାର୍ଯ୍ୟ ଶେଷ ହେଉଛି।

# କୃଷି କାର୍ଯ୍ୟରେ ବାଧା, ମେଗା ପାନୀୟ ଜଳ ପ୍ରକଳ୍ପକୁ ବିପଦ ଆଶଙ୍କା

ପଟ୍ଟାମୁଣ୍ଡାଇ, ୧୨।୩(କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳ ଦେଇ ପ୍ରବାହିତ ବ୍ରାହ୍ମଣୀ ନଦୀରୁ ବେଆଇନ ଏବଂ ଅତ୍ୟଧିକ ବାଲି ଖନନ ଯୋଗୁ ଜଳସ୍ତର ହ୍ରାସପାଇଛି। ଯଦ୍ଵାରା ପରିବେଶ ଏବଂ ଭୂତଳ ଜଳସ୍ତର ବିପଦପୂର୍ଣ୍ଣ ହେବା ସହ ଚାଷ ଓ ପାନୀୟ ଜଳକୁ ପ୍ରଭାବ ପକାଉଛି। ଏହାକୁ ନେଇ ଲୋକେ ନାନା ହଇରାଣ ହରକତ ହେଉଛନ୍ତି ବୋଲି ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ଧୋୟାଞ୍ଚଳ ନଦୀପଠାରୁ ମେଶିନ ଦ୍ଵାରା ବେଆଇନ ବାଲି ଖନନ ଯୋଗୁ ନଦୀଗର୍ଭରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ ପାଣି ପ୍ରବାହକୁ ବାଧା ଦେଉଛି ଏବଂ ନିକଟବର୍ତ୍ତୀ ଜଳଉତ୍ସଗୁଡ଼ିକ ଶୁଖିଯାଉଛି। ଲିଫ୍ଟ ବୋରିଂ ପ୍ରକଳ୍ପକୁ ନଦୀଜଳ ପହଞ୍ଚି ପାରୁନି। କୃଷି ପାଇଁ ଜଳ ପରିଚାଳନା ହୋଇନପାରି ଫସଲ ହାନି ଘଟୁଛି। ଏନେଇ ନଦୀକୂଳିଆ ଅମୃତମଣୋହି ପଞ୍ଚାୟତବାସୀ ବାରମ୍ବାର ଅଭିଯୋଗ କରି ଆସୁଥିଲେ ମଧ୍ୟ ଜିଲା ପ୍ରଶାସନ କର୍ଣ୍ଣପାତ କରୁନାହିଁ। ଯାହାକୁ ନେଇ ସ୍ଥାନୀୟ ଲୋକ ଓ ବାଲି ବେପାରୀଙ୍କ ମଧ୍ୟରେ ତୁ ତୁ ମେଁ ଲାଗି ବାହୁବାର ଆପରାଧିକ ମାମଲା ମଧ୍ୟ ଥାନାକୁ ଆସିଛି। ଗତ ୪/୫ ଦିନ ପୂର୍ବରୁ ଏଭଳି ଏକ ଘଟଣା ଆଦର୍ଶ ଥାନାରେ ରଫାଦଫା କରାଯାଇଥିବା ଜଣାପଡ଼ିଛି।


ଅମୃତମଣୋହି ଘାଟରେ ବାଲି ଖେଳା ହୋଇ ଗଦା ହୋଇ ରହିଛି।

ପଟ୍ଟାମୁଣ୍ଡାଇ ଅଞ୍ଚଳରେ ପାନୀୟ ଜଳ ସମସ୍ୟା ଚିନ୍ତାର କେନ୍ଦ୍ରବିନ୍ଦୁ ପାଲଟିଛି। ଦୈନିକ ହଜାର ହଜାର ଟ୍ରିପ୍ ବାଲି ଯାଉଥିବାରୁ ନଦୀ ସିଷ୍ଟମ୍‌ରେ ଜଳର ପରିମାଣ ହ୍ରାସପାଇଛି। ଯାହାକୁ ନେଇ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଚାଲୁଥିବା ମେଗା ପାନୀୟ ଜଳ (ନଦୀଜଳ ବିଶୋଧନ) ପ୍ରକଳ୍ପକୁ ବିପଦର ଆଶଙ୍କା ସୃଷ୍ଟି ହେଉଛି। ଓଡ଼ିଶାର ଏକାଧିକ ନଦୀଜଳ ସ୍ତର ହ୍ରାସ ଏବଂ ଭୂତଳ ଜଳସ୍ତର କମିବାରୁ ଅନେକ ମେଗା ପାନୀୟ ଜଳ ପ୍ରକଳ୍ପ ଅଧାରେ ଅଟକିଛି। ଖରାଦିନରେ ବ୍ରାହ୍ମଣୀନଦୀ ଜଳ ଶ୍ରୀରାମପୁର ପର୍ଯ୍ୟନ୍ତ ଦୋକଷିଆ ହୋଇଯାଉଛି। ଭୂତଳ ଜଳ ଲୁଣା ହୋଇଯିବା ଯୋଗୁ ପାନୀୟ ଜଳ ପ୍ରକଳ୍ପ ଉପରେ ଚାପ ବଢ଼ୁଛି। ପ୍ରତିକାର ବ୍ୟବସ୍ଥା ପାଇଁ ବହୁ କୋଟି ସରକାରୀ ଅର୍ଥ ବ୍ୟୟରେ ରିଚାର୍ଜ ପିଟ୍ ପ୍ରସ୍ତୁତ ସହ ନଦୀରେ କୋଟି କୋଟି ଟଙ୍କା ବ୍ୟୟରେ ଆନ୍ତଃ ନଦୀଜଳ ସଂରକ୍ଷଣ ପ୍ରକଳ୍ପ କରାଯାଉଛି। ହେଲେ ଜିଲା ପ୍ରଶାସନିକ ଅଧିକାରୀଙ୍କ ଦୁର୍ନୀତିଖୋର ମନୋଭାବ ହେଉ କି ଦୂରଦୃଷ୍ଟି ଅଭାବରୁ ନଦୀଜଳ ସୁରକ୍ଷିତ ରଖିବା ପାଇଁ ବାଲି ଉତ୍ତୋଳନ ବନ୍ଦ କରାଯାଉନାହିଁ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

## ବଙ୍ଗାରି ଗ୍ରାମରେ ଶ୍ରୀଶ୍ରୀ ଦଧିବାମନଜୀଉଙ୍କ ନୂତନ ଗୃହ ପ୍ରବେଶ



ପାଟକୁରା, ୧୨।୩(ରବୀନ୍ଦ୍ର ନାଥ ବାରିକ)

ଗରଦପୁର ବ୍ଲକ ତଳକୁସୁମା ପଞ୍ଚାୟତ ବଙ୍ଗାରି ଗ୍ରାମର ଆରାଧ୍ୟ ଶ୍ରୀ ଶ୍ରୀ ଦଧିବାମନ ଜୀଉଙ୍କ ନୂତନ ଗୃହ ପ୍ରବେଶ ଗୁରୁବାର ହୋମ ଯଜ୍ଞ, ନାମ ସଂକୀର୍ତ୍ତନ, ଶ୍ରଦ୍ଧାଳୁଙ୍କ ହରିବୋଲ ହୁଳହୁଳି ଧ୍ୱନି ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ବଙ୍ଗାରି ଗ୍ରାମବାସୀ ସାମୁହିକ ଭାବେ ଏହି ଯଜ୍ଞକାର୍ଯ୍ୟରେ ଉପସ୍ଥିତ ରହି ଠାକୁରଙ୍କୁ ନୂତନ ଗୃହର ସିଂହାସନରେ ଆସୀନ କରାଇ ଥିଲେ। ପ୍ରାୟ ୨ ଶହ ବର୍ଷ ହେବ ଗ୍ରାମରେ ପୂଜା ପାଉଥିବା ଶ୍ରୀ ଶ୍ରୀ ଦଧିବାମନଜୀଉ ଓ ରାଧାଗୋବିନ୍ଦଙ୍କ ନିଜସ୍ୱ ମନ୍ଦିରଗୃହ ରକ୍ଷଣାବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ ଅବସ୍ଥାରେ ଥିଲା । ଗ୍ରାମବାସୀଙ୍କ ଉଦ୍ୟମରେ ଓ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠିରେ ଏକ ନୂତନ ଗୃହ ନିର୍ମାଣ କରାଯାଇ ଠାକୁରଙ୍କ ଗୃହ ପ୍ରବେଶ କରାଯାଇଛି । ଯଜ୍ଞରେ ରଞ୍ଜନ ସାହୁ ଓ ସହଧର୍ମଣୀ ତପସ୍ୱିନୀ ସାହୁ କର୍ତ୍ତା ଭାବେ କାର୍ଯ୍ୟ ନିର୍ବାହ କରିଥିଲେ। ଗ୍ରାମର ସମସ୍ତ ଜନସାଧାରଣଙ୍କ ପ୍ରତ୍ୟକ୍ଷ ସହଯୋଗରେ ଶ୍ରୀ ଶ୍ରୀ ଦଧିବାମଜୀଉଙ୍କ ନୂତନ ଗୃହପ୍ରତିଷ୍ଠା ଓ ଗୃହ ପ୍ରବେଶ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ।

# ୮ ବର୍ଷରେ ଏଲ୍‌ଟି ଟାରିଫ ବଢ଼ିଛି ୧୦୫.୧୫ ପଇସା

**ବିଧାନସଭାରେ ଜଗତ୍‌ସିଂହପୁର ବିଧାୟକଙ୍କ ପ୍ରଶ୍ନର ଉତ୍ତର**

ଜଗତ୍‌ସିଂହପୁର, ୧୨।୩
(ପ୍ରମୋଦ କୁମାର ନାୟକ)

ରାଜ୍ୟରେ ୨୦୧୪-୧୫ରେ ବିଦ୍ୟୁତ୍ ୟୁନିଟ୍ ପିଛା କେତେ ମୂଲ୍ୟ ଥିଲା ଓ ବର୍ତ୍ତମାନ କେତେ ଅଛି ସେ ସମ୍ପର୍କିତ ତଥ୍ୟ ଜାଣିବା ପାଇଁ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ବିଧାନସଭାରେ ଅଣତାରକା ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ (ଶକ୍ତି) କନକ ବର୍ଦ୍ଧନ ସିଂଦେଓ ଦର୍ଶାଇଛନ୍ତି, ରାଜ୍ୟରେ ୨୦୧୪-୧୫ରୁ ୨୦୨୪-୨୫ ପର୍ଯ୍ୟନ୍ତ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗଙ୍କ ଦ୍ଵାରା ବିଭିନ୍ନ ବର୍ଗର ଉପଭୋକ୍ତାଙ୍କ ପାଇଁ ବିଦ୍ୟୁତ୍ ଟାରିଫ ଧାର୍ଯ୍ୟ କରାଯାଇଛି। ଯେଉଁଥିରେ ୮ ବର୍ଷ ଭିତରେ ଅର୍ଥାତ୍ ୨୦୧୮-୧୯ରୁ ୨୦୨୫-୨୬ ଭିତରେ ହାରାହାରି ଲୋ ଟେନ୍‌ସନ (ଏଲ୍‌ଟି) ଟାରିଫ ୟୁନିଟ୍ ପିଛା ୧୦୫.୧୫ ପଇସା ବୃଦ୍ଧି ପାଇଛି। ୨୦୧୮-୧୯ରେ ଏହି ଟାରିଫ ୩୯୮.୭୨ ଥିବାବେଳେ ୨୦୨୫-୨୬ରେ ୫୦୩.୮୭ ପଇସାକୁ ବୃଦ୍ଧି କରାଯାଇଛି। ସାଧାରଣତଃ ଘରୋଇ ଏବଂ କ୍ଷୁଦ୍ର ବ୍ୟବସାୟିକ ଗ୍ରାହକଙ୍କ ପାଇଁ ଏଲ୍‌ଟି ବିଦ୍ୟୁତ୍ ଟାରିଫ ଲଗାଯାଏ। ପରିସଂଖ୍ୟାନ ଦେଖିଲେ ଜଣାଯାଏ, ୨୦୧୪-୧୫ରେ ଏଲ୍‌ଟି ଟାରିଫ ୟୁନିଟ୍ ପିଛା ୩୬୯.୬୩ ପଇସା ଥିଲା, ଯାହା ୨୦୧୫-୧୬ରେ ୩୯୬.୫୩ ପଇସାକୁ ବୃଦ୍ଧି ପାଇଥିଲା। ୨୦୧୬-୧୭ରେ ଏହା ୩୯୩.୩୬, ୨୦୧୭-୧୮ରେ ୩୯୮.୯୫, ୨୦୧୮-୧୯ରେ ୩୯୮.୭୨, ୨୦୧୯-୨୦ରେ ୪୦୬.୨୧, ୨୦୨୦-୨୧ରେ ୪୩୩.୮୧, ୨୦୨୧-୨୨ରେ ୪୬୬.୦୭, ୨୦୨୨-୨୩ରେ ୪୭୮.୪୪, ୨୦୨୩-୨୪ରେ ୪୯୭.୭୧, ୨୦୨୪-୨୫ରେ ୪୯୯.୫୮ ଓ ୨୦୨୫-୨୬ରେ ୫୦୩.୮୭ ପଇସାକୁ ବୃଦ୍ଧି ପାଇଛି ।

# ବ୍ଲକ ଯୋଗାଣ ନିରୀକ୍ଷକଙ୍କ ଗ୍ୟାସ୍ ଡିପୋ, ତେଲ ଟାଙ୍କିରେ ଚଢାଉ




ଡେରାବିଶ, ୧୨।୩ (ବେବର୍ତ୍ତା ଅଜୟ ଦାସ )

ଡେରାବିଶ ବ୍ଲକ ଯୋଗାଣ ନିରୀକ୍ଷକସ୍ୱରୁପ କୁମାର ଦାସ ଗୁରୁବାର ବ୍ଲକ ଅଧିନସ୍ଥ ଛତା ସ୍ଥିତ ବନମାଳୀ ଗ୍ୟାସ୍ ଏଜେନ୍ସି ଓ ୫୩ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱସ୍ଥ ଦୁଇଟି ପେଟ୍ରୋଲ ପମ୍ପରେ ଚଢାଉ କରି ବିଭିନ୍ନ କାଗଜପତ୍ର ଯାଞ୍ଚ କରିଛନ୍ତି। ଟାଙ୍କି ଗୁଡିକରେ ଗଚ୍ଛିତ ଥିବା ପେଟ୍ରୋଲ ଓ ଡିଜେଲର ପରିମାଣ ଯାଞ୍ଚ କରିବା ସହ ପ୍ଲାଷ୍ଟିକ ବୋତଲ ଓ ଜାରରେ ତେଲ ବନ୍ଦ ନେଇ କଡାକଡି ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ମଧ୍ୟପ୍ରାଚ୍ୟରେ ଲାଗି ରହିଥିବା ଯୁଦ୍ଧ ବିଭିଷିକା ପାଇଁ ତୈଳ ଓ ଗ୍ୟାସ ସଙ୍କଟ ଦେଖାଦେବା ସମ୍ଭାବନାକୁ ଦୃଷ୍ଟିରେ ରଖି ସାଧାରଣରେ ଆତଙ୍କ ଦେଖାଦେଇଛି। କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରଣାଳୟ ପକ୍ଷରୁ ଏନେଇ କୌଣସି ବ୍ୟକ୍ତି ଭୟଭୀତ ନ ହେବାକୁ ସୂଚନା ଦିଆଯାଇଥିବା ବେଳେ ପ୍ରତ୍ୟେକ ବ୍ଲକ ଯୋଗାଣ ନିରୀକ୍ଷକ ବିଭିନ୍ନ ଗ୍ରାସ୍ ଡିପୋ ଓ ତେଲ ଟଙ୍କି ଯାଞ୍ଚ କରିବା ସହ ସାଧାରଣ ଲୋକଙ୍କୁ ଏଦିଗରେ ସଚେତନ ରହିବା ସହ ଭୟଭୀତ ନ ହେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

# ସରପଞ୍ଚଙ୍କ ମାତୃ ବିୟୋଗ

ଡେରାବିଶ, ୧୨।୩ (ବେବର୍ତ୍ତା ଅଜୟ ଦାସ)



ଡେରାବିଶ ବ୍ଲକ ଗୋଲରାହାଟ ସରପଞ୍ଚ କାଶୀନାଥ କାଣ୍ଡିଙ୍କ ମା' ମାଳତି କାଣ୍ଡି(୭୪)ଙ୍କ ଗୁରୁବାର ସକାଳେ ହୃଦ୍‌ଘାତ ଯୋଗୁ ପରଲୋକ ହୋଇଛି। ମାଳତି ସକାଳ ଜଳଖିଆ ଖାଇବା ପରେ ହଠାତ ଅସୁସ୍ଥ ହୋଇ ଟଳି ପଡିଥିଲେ। ପରିବାର ଲୋକେ କିଛି କରିବା ପୂର୍ବରୁ ଘଟଣାସ୍ଥଳରେ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା। ଏହି ଖବର ଜଣାପଡିବା ପରେ ସମିତିସଭ୍ୟ କରୁଣାକର କାଣ୍ଡି, ପୂର୍ବତନ ସରପଞ୍ଚ ତ୍ରିଲୋଚନ ରାଉତ ଓ ବିପିନ ବିହାରୀ ସାହୁ, ଗୋଲରାହାଟ ପ୍ରାଥମିକ କୃଷି ସମବାୟ ସମିତି ସଭାପତି ଖୁର୍‌ସିଦ୍ ଆଲମ୍ ଖାନ୍, ନିର୍ଦ୍ଦେଶକ ଧରଣୀଧର ପ୍ରଧାନ, ସ୍ଥାନୀୟ ଫାଣ୍ଡି ବଜାର କମିଟି ସଭାପତି ସଞ୍ଜୟ କୁମାର ସାହୁଙ୍କ ସମେତ ବହୁ ସଂଖ୍ୟାରେ ଅଞ୍ଚଳର ବରିଷ୍ଠ ବ୍ୟକ୍ତିମାନେ ସରପଞ୍ଚ କାଣ୍ଡିଙ୍କ ଦୁମୁକା ସ୍ଥିତ ବାସଭବନରେ ପହଞ୍ଚି ମୃତକାଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ମାଳତିଙ୍କ ମୃତ୍ୟୁ ପାଇଁ ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର ଓ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ସମେତ ବ୍ଲକ ଅଧିନ ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି ଓ ନେତୃତ୍ୱମାନେ ଦୁଃଖ ପ୍ରକାଶ କରିଛନ୍ତି।

# ଶିକ୍ଷକଙ୍କ ବଦଳି ବାତିଲ ଦାବିରେ ବିଦ୍ୟାଳୟ ଫାଟକରେ ଧାରଣା



କୁଜଙ୍ଗ, ୧୨।୩(ମନୋଜ ପ୍ରଧାନ)

ଏରସମା ବ୍ଲକ୍ ଅନ୍ତର୍ଗତ ଗଡ଼କୁଜଙ୍ଗ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ଅଭିଭାବିକା, ଅଭିଭାବକ, ଛାତ୍ରୀଛାତ୍ର ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତିଙ୍କ ସମେତ ସମସ୍ତ ସଭ୍ୟାସଭ୍ୟ ବିଦ୍ୟାଳୟ ଫାଟକ ଆଗରେ ଧାରଣା ଦେଇଥିଲେ। ଏହି ବିଦ୍ୟାଳୟର ଗଣିତ ଶିକ୍ଷକ ଦିଲୀପ ପ୍ରଧାନଙ୍କ ବଦଳି ବାତିଲ କରିବାକୁ ସେମାନେ ଦାବି କରିଥିଲେ।

ସେମାନଙ୍କ ଅଭିଯୋଗ ଅନୁଯାୟୀ, ଉକ୍ତ ବିଦ୍ୟାଳୟରେ ୧ମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୨୬୬ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଏଠାରେ ଚଳିତ ଶିକ୍ଷାବର୍ଷ ଆରମ୍ଭରେ ମୋଟ୍ ୬ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଶିକ୍ଷାଦାନ କରୁଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରିବା ପରେ ୫ ଜଣ ଶିକ୍ଷାଦାନ କରୁଛନ୍ତି। ବର୍ତ୍ତମାନ ପରୀକ୍ଷା ମାସ ଚାଲିଥିବା ବେଳେ ଅଚାନକ ଗଣିତ ଶିକ୍ଷକ ଦିଲୀପ କୁମାର ପ୍ରଧାନଙ୍କୁ ବାମଦେଇପୁର ପ୍ରାଥମିକ ବିଦ୍ୟାଳୟକୁ ବଦଳିକରି ଦିଆଯାଇଛି।

ଉକ୍ତ ଖବର ଜଣାପଡ଼ିବା ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଗୁରୁବାର ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ଚାଲିଥିବାବେଳେ ଅଭିଭାବିକା, ଅଭିଭାବକ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତିଙ୍କ ସମେତ ସମସ୍ତ ସଭ୍ୟାସଭ୍ୟ ପହଞ୍ଚି ଶିକ୍ଷକଙ୍କ ବଦଳି ବାତିଲ ଦାବି କରି ଫାଟକ ସମ୍ମୁଖରେ ଧାରଣା ଦେଇଥିଲେ। ସେମାନଙ୍କ ସହ ଛାତ୍ରୀଛାତ୍ର ମଧ୍ୟ ସାମିଲ ହୋଇଥିଲେ। ସେମାନେ କହିଥିଲେ, ୪ ଜଣ ଶିକ୍ଷକରେ ବିଦ୍ୟାଳୟରେ ପାଠପଢ଼ା ସମ୍ଭବ ନୁହେଁ। ଏଣୁ ଯେପର୍ଯ୍ୟନ୍ତ ଗଣିତ ଶିକ୍ଷକଙ୍କ ବଦଳି ବାତିଲ ନ ହୋଇଛି ସେପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି କହିଥିଲେ। ଖବର ପାଇ ସିଆର୍‌ସିସି ମେନକା ମଞ୍ଜରୀ ସ୍ୱାଇଁ ଧାରଣାସ୍ଥଳରେ ପହଞ୍ଚି ଧାରଣାକାରୀଙ୍କ ସହ ଆଲୋଚନା କରିଥିଲେ। ଏଥିସହ ସମ୍ପୃକ୍ତ ଶିକ୍ଷକଙ୍କ ବଦଳି ବାତିଲ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ଅଜଣା ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ

ଡେରାବିଶ, ୧୨।୩ (ବେବର୍ତ୍ତା ଅଜୟ ଦାସ)



ଡେରାବିଶ ଥାନା ଅନ୍ତର୍ଗତ ୫୩ ନମ୍ବର ଜାତୀୟ ରାଜପଥର ଲକ୍ଷ୍ମୀନାରାୟଣପୁର ଛକ ଓଭରବ୍ରିଜ ନିକଟରେ ଏକ ଅଜଣା ଗାଡି ଧକ୍କାରେ ବୁଧବାର ବିଳମ୍ବିତ ରାତିରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଯାଇଛି। ମୃତ ଯୁବକ ଜଣକ ହେଲେ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଅଧୀନ ଗୁଆମାଳ ଗ୍ରାମର ଗଣେଶ୍ୱର ବେହେରାଙ୍କ ପୁଅ ଦୀପକ(୨୬)। ସେ ପରିବାର ପ୍ରତିପୋଷଣ ପାଇଁ ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରିବା ସହ ରାତିରେ ବିଭିନ୍ନ ବିବାହ ଓ ଅନ୍ୟାନ୍ୟ ଉତ୍ସବରେ ଫଟୋଗ୍ରାଫର ଭାବେ କାମ କରି ଆସୁଥିଲେ। ଗତ ବୁଧବାର ବିଳମ୍ବିତ ରାତିରେ ନିକଟସ୍ଥ ବଳଭଦ୍ରପୁର ଏକ ଭୋଜି କାର୍ଯ୍ୟସାରି ବୁଲେଟ ନଂ ( ଓଡି ୦୫ ସିଇ ୭୨୩୪) ଯୋଗେ ନିଜର ଦୁଇ ଫଟୋଗ୍ରାଫର ସାଙ୍ଗଙ୍କୁ ଆଣିବା ପାଇଁ ଲକ୍ଷ୍ମୀନାରାୟଣପୁରକୁ ଜାତୀୟ ରାଜପଥରେ ଯାଉଥିବା ବେଳେ ପଛପଟୁ ଦ୍ରୁତ ଗତିରେ ଆସି ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ଡେରାବିଶ ଥାନା ପୋଲିସ ପହଞ୍ଚି ଯୁବକଙ୍କ ମୃତଦେହ ସହ ଦୁର୍ଘଟଣାଗ୍ରସ୍ତ ବୁଲେଟକୁ ମଧ୍ୟ ଜବତ କରିଥିଲା। ଗୁରୁବାର ବ୍ୟବଚ୍ଛେଦ କରାଯାଇ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି। ପରିବାର ପକ୍ଷରୁ ଦିଆଯାଇଥିବା ଅଭିଯୋଗ ଆଧାରରେ ଥାନା ପକ୍ଷରୁ ନଂ.୫୬/୨୬ରେ ଦୁର୍ଘଟଣା ଜନିତ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରଖାଯାଇଥିବା ପୋଲିସ ସୂଚନାରୁ ଜଣାଯାଇଛି।

# ଅଗ୍ନିବିପନ୍ନଙ୍କ ପାଇଁ ସଂକଳ୍ପ ସେବା ଫାଉଣ୍ଡେଶନର ସହାୟତା

ପାଟକୁରା, ୧୨।୩(ରବୀନ୍ଦ୍ର ନାଥ ବାରିକ)

ଗରଦପୁର ବ୍ଲକ ତେଣ୍ଡାକୁଡା ପଞ୍ଚାୟତ ବସନ୍ତପୁର ଅଗ୍ନି ବିପନ୍ନ ପରିବାର ପାଇଁ ସହାୟତାର ହାତ ବାଇଛନ୍ତି ତେନ୍ତୋଳର ସଂକଳ୍ପ ସେବା ଫାଉଣ୍ଡେଶନ ସଂସ୍ଥା । ଫାଉଣ୍ଡେଶନ ତରଫରୁ ପାଞ୍ଚଗୋଟି ଅଗ୍ନି ବିପନ୍ନ ପରିବାରଙ୍କୁ ଶୁଖିଲା ଖାଦ୍ୟ, ପିନ୍ଧିବା ପାଇଁ ବସ୍ତ୍ର, ରୋଷେଇ ପାଇଁ ତେଜେରାତି ସାମଗ୍ରୀ ଆଜି ପ୍ରଦାନ କରାଯାଇଛି । ଫାଉଣ୍ଡେଶନର ଶାଶ୍ୱତ ବିଶ୍ୱାଳ, ରାହୁଲ ବେହେରା, ଆନନ୍ଦ ମହାପାତ୍ର ଓ ବିଶାଳ ସ୍ୱାଇଁ ପ୍ରମୁଖ ବସନ୍ତପୁର ଅଗ୍ନି ବିପନ୍ନଙ୍କ ନିକଟରେ ପହଞ୍ଚି ଏହି ସହାୟତା ସାମଗ୍ରୀ ଦେଇଥିଲେ ।


ଅଗ୍ନି ବିପନ୍ନପରିବାରଙ୍କୁ ଫାଉଣ୍ଡେଶନ ତରଫରୁ ଖାଦ୍ୟ, ବସ୍ତ୍ର ଦିଆଯାଉଛି।

# କ୍ରିକେଟ ଟୁର୍ନାମେଣ୍ଟ: ପାରାଦୀପଗଡ଼ ଚାମ୍ପିୟନ

ରାହାମା, ୧୨।୩(ଶ୍ରୀକାନ୍ତ ଦାସ)

କୁଜଙ୍ଗ ବ୍ଲକ୍ ପୋତାନଇ ପଞ୍ଚାୟତର ଗଭଡ଼ିଠାରେ ୮ ଦିନ ଧରି ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ପାରାଦୀପଗଡ଼ ଚାମ୍ପିୟନ ହୋଇଥିବାବେଳେ ଏରସମା ପଞ୍ଚାୟତ ଟିମ୍ ରନରଅପ୍ ହୋଇଛି। ଏନେଇ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ପାରାଦୀପ ନିର୍ବାଚନମଣ୍ଡଳୀର କଂଗ୍ରେସ ନେତା ଆଇନଜୀବୀ ନିରଞ୍ଜନ ନାୟକ, ସମ୍ମାନିତ ଅତିଥି କୁଜଙ୍ଗ ବ୍ଲକ୍‌ର ପୂର୍ବତନ ଯୁବ କଂଗ୍ରେସ ସଭାପତି ଶ୍ରୀକାନ୍ତ ଦାସ, ଗରେଇ ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ପ୍ରବୀର ମହାନ୍ତି, ପୋତାନଇ ପଞ୍ଚାୟତର ପୂର୍ବତନ ସରପଞ୍ଚ ସୁଶାନ୍ତ ମୁଦୁଲି ଯୋଗଦେଇଥିଲେ। ବାବା ଗୋଷ୍ଟେଶ୍ୱର କ୍ରିକେଟ୍ କ୍ଲବ୍‌ର ଶୁଭ୍ରାଂଶୁ ରଞ୍ଜନ ମୁଦୁଲି, ସୌମେନ୍ଦ୍ର ମୁଦୁଲି, ବେଲ ଚନ୍ଦନ ମୁଦୁଲି, ଆଶୁତୋଷ ମୁଦୁଲି ପ୍ରମୁଖ ସହଯୋଗ କରିଥିଲେ। ଅମ୍ପାୟର ଭାବେ ସବ୍ୟସାଚୀ ଲେଙ୍କା, ସୂର୍ଯ୍ୟକାନ୍ତ ଦାସ କାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ଅବସରରେ ଚାମ୍ପିୟନ ପାରଦୀପଗଡ଼ ଟିମ୍‌କୁ ୨୫ ହଜାର ଓ ରନରଅପ୍ ଏରସମା ପଞ୍ଚାୟତ ଟିମ୍‌କୁ ୨୦ ହଜାର ଟଙ୍କାର ଆର୍ଥିକ ରାଶି ପ୍ରଦାନ କରାଯାଇଥିଲା।


ଅତିଥିଙ୍କ ଗହଣରେ ବିଜେତା ଦଳ।

# ଅଳପୁଆ ମଦ ଦୋକାନ ସ୍ଥାନାନ୍ତର ପାଇଁ ଜିଲାପାଳଙ୍କୁ ଦାବିପତ୍ର

ପଟ୍ଟାମୁଣ୍ଡାଇ, ୧୨।୩ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଅଳପୁଆ ମୁଖ୍ୟ ରାସ୍ତା କଡ଼ରେ ଥିବା ମଦ ଦୋକାନ ନେଇ ଉପୁଜିଛି ସମସ୍ୟା। ଦିନକୁ ଦିନ ଚୋରି ଡକାୟତି ପରି ଅସାମାଜିକ କାର୍ଯ୍ୟ ବୃଦ୍ଧି ପାଇବାରେ ଲାଗିଛି । ଏହି ମଦ ଦୋକାନ ଅନତି ଦୂରରେ ବହୁ ଶିକ୍ଷାନୁଷ୍ଠାନ ସମେତ ଦକ୍ତରଖାନା ରହିଛି। ଏଠାରେ ମଦ ଦୋକାନ ଖୋଲାଯିବା ଫଳରେ ପ୍ରତିଦିନ ନିଶାସକ୍ତମାନେ କ୍ପରିବେଶକୁ ଦୂଷିତ କରିବା ସହ ମହିଳାମାନଙ୍କ ପ୍ରତି ଅସଦାଚରଣ କରୁଛନ୍ତି। ସ୍କୁଲ କଲେଜ ରହିଥିବାରୁ ପିଲାମାନେ ମଧ ବିଗିଡିବାର ସମ୍ଭାବନା ଅଧିକା ରହିଛି। ତେଣୁ ଏହି ମଦ ଦୋକାନକୁ ଅନ୍ୟତ୍ର ଖୋଲିବା ନେଇ ଗ୍ରାମବାସୀ କେନ୍ଦ୍ରାପଡା ଜିଲାପାଳଙ୍କୁ ଭେଟି ଦାବି କରଛନ୍ତି।

ସୂଚନା ଅନୁସାରେ, ମଦ ଦୋକାନ ନିକଟରେ ଅଳପୁଆ ଉଚ୍ଚ ବିଦ୍ୟାଳୟ,



ଅଳପୁଆ ରାସ୍ତାକଡରେ ଖୋଲିଥିବା ମଦ ଦୋକାନ ।

କାଶୀନାଥ ମହାବିଦ୍ୟାଳୟ ଓ ବ୍ରାହ୍ମଣୀ ମହାବିଦ୍ୟାଳୟକୁ ଶହ ଶହ ଛାତ୍ରୀଛାତ୍ର ଉକ୍ତ ରାସ୍ତା ଦେଇ ଯିବଆସିବା କରନ୍ତି । ଅଳପୁଆ ପଞ୍ଚାୟତ,ରାଜସ୍ୱ କାର୍ଯ୍ୟାଳୟ ଓ ସ୍ୱାସ୍ଥ୍ୟକେନ୍ଦ୍ରକୁ ଏହା ମୁଖ୍ୟରାସ୍ତା ରହିଛି । ଏହି ରାସ୍ତା ଦେଇ ଝିଅ, ବୋହୂ, ମହିଳା ଓ ବରିଷ୍ଠନାଗରିକ ଯିବାଆସିବା କରିଥିବା ବେଳେ ଅସାଜିକତତ୍ତ୍ୱଙ୍କ ଆକ୍ରୋଶର ଶିକାର ହେଉଛନ୍ତି। ମହିଳା, ଯୁବତୀମାନେ ନିଜକୁ ଅସୁରକ୍ଷିତ ମଣଛନ୍ତି। ସନ୍ଧ୍ୟା ହେଲେ ମଦ୍ୟପାନ କରି ଗାଳିଗୁଲଜ କରିବା ସହ ବିଳମ୍ବିତ ରାତି ପର୍ଯ୍ୟନ୍ତ ଲୋକେ ମଦ ପାଇଁ ଭିଡ ଜମାଇବା ସହ ରାସ୍ତା ଉପରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରୁଛନ୍ତି। ଆଖପାଖ ପଞ୍ଚାୟତର ଯୁବକ ରୋଜଗାର କରୁଥିବା ସବୁକିଛି ମଦ ଦୋକାନରେ ଯାଉଥିବାର ମହିଳାମାନେ ଅଭିଯୋଗ କରିଛନ୍ତି। ତେବେ ଏ ମଦ ଦୋକାନ ସ୍ଥାନାନ୍ତର ସମ୍ପର୍କରେ ଅତିତରେ କେନ୍ଦ୍ରାପଡା ଜିଲାପାଳଙ୍କୁ ଅଭିଯୋଗ କରାଯାଇଥିଲା । ଏଥିରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆନଯିବାରୁ ଗୁରୁବାର ଅଳପୁଆ ସରପଞ୍ଚ ପଦ୍ମିନୀ ବେହେରା, ସମିତି ସଭ୍ୟ ରାମଚନ୍ଦ୍ର ସେଠୀ, ପ୍ରମୋଦ ନାୟକ, ଆଦିତ୍ୟ ରାଉତ, ଧର୍ମେନ୍ଦ୍ର ଜେନା, ଶ୍ରୀମନ୍ତ ଜେନା, ଚନ୍ଦନ ନାୟକ, ଜାନକୀ ସାମଲ, କବିତା ସାମଲ, ଅମିତା ନାୟକ ଓ ସଂଯୁକ୍ତା ଧଳ ପ୍ରମୁଖ କେନ୍ଦ୍ରାପଡ଼ା ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିବା ସହିତ ମଦଦୋକାନ ସ୍ଥାନାନ୍ତର ପାଇଁ ଦାବି ଜଣାଇଛନ୍ତି।

# ଅବସରପ୍ରାପ୍ତ ପୋଷ୍ଟ ମାଷ୍ଟରଙ୍କ ପରଲୋକ

ଖଣ୍ଡପଡ଼ା, ୧୨।୩ (ଅଜୟ କୁମାର ମହାରଣା)

ଖଣ୍ଡପଡା ବ୍ଲକ କଣ୍ଟିଲୋ ପଞ୍ଚାୟତ ପାଣ୍ଡୁସାହୁପାଟଣା ଗ୍ରାମର ଅବସରପ୍ରାପ୍ତ ପୋଷ୍ଟମାଷ୍ଟର ଅଦ୍ୱୈତ ପ୍ରସାଦ ସାହୁ(୮୭)ଙ୍କର ଗୁରୁବାର ସନ୍ଧ୍ୟା ୭ଟା ୩୦ରେ ପରଲୋକ ହୋଇଯାଇଛି । ଦୀର୍ଘ ଦିନ ହେବ ସେ ବାର୍ଦ୍ଧକ୍ୟ ଜନିତ ରୋଗରେ



ପୀଡିତ ଥିଲେ । ସେ ଜଣେ ଭଲିବଲ କ୍ରୀଡ଼ାବିତ, ପରୋପକାରୀ, ମିଷ୍ଟଭାଷୀ ତଥା ବନ୍ଧୁ ବତ୍ସଳ ଅଦ୍ୱୈତ ପ୍ରସାଦ ସାହୁ ଥିଲେ । ତାଙ୍କର ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି । ପରଲୋକ ଖବର ପ୍ରଚାରିତ ହେବା ପରେ ତାଙ୍କ ବାସ ଭବନରେ ଶେଷ ଦର୍ଶନ ପାଇଁ ବନ୍ଧୁ ବାନ୍ଧବ, ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ସ୍ଥାନୀୟ ଗହମପଦା ଶ୍ମଶାନ ଘାଟରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ପୁତ୍ର ବିଭୁ ପ୍ରସାଦ ମୁଖାଗ୍ନି ଦେଇଥିଲେ ।

# ମାଙ୍କଡ଼ାପଥର ଖଣି ପାଇଁ ୭ ଲକ୍ଷ ଡିଲ୍ ଅଭିଯୋଗ

## ରଣପୁରର ଅଞ୍ଚଳର ରାଜନେତା ସାଜିଲେ ସୁରକ୍ଷାକର୍ତ୍ତା

- ଧରପଗଡ଼କୁ ଏଡ଼ାଇବା ପାଇଁ ପାଟ୍ରୋଲିଂ ଟିମ୍‌ରେ ବିଶ୍ୱସ୍ତ ଯୁବକ
- କୋମଣ୍ଡ, ଭଗବତୀପ୍ରସାଦରେ ପୁଣି ବେଆଇନ ଖଣି

ନୟାଗଡ଼, ୧୨।୩ (ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଓଡଗାଁ ତହସିଲର କୋମଣ୍ଡ ଓ ଭଗବତୀପ୍ରସାଦ ଅଞ୍ଚଳରେ ପୁଣି ବେଆଇନ ମାଙ୍କଡା ପଥର ଖଣି ଖନନ ଓ ପଥର ଚାଲାଣ ହେଉଥିବା ଅଭିଯୋଗ ଉଠିଛି। ମାଲିକମାନେ ନିଜର ଖଣିକୁ ଚାଲୁ ରଖିବା ପାଇଁ ଏକ ପାଟ୍ରୋଲିଂ ଟିମ୍ ଗଠନ କରି ସେଥିରେ ନିଜର ଅନୁଗତମାନଙ୍କୁ ନିୟୋଜିତ କରିଛନ୍ତି। ବେଆଇନ ପଥର ଖନନ ଓ ଚାଲାଣ ଧରପଗଡକୁ ଏଡାଇବା ପାଇଁ ଖଣି ଆଖ ପାଖ ଅଞ୍ଚଳରେ ନିୟୋଜିତ ଯୁବକମାନେ ଚଢ଼ାଉ ପୂର୍ବର ଆଗୁଆ ସୂଚନା ଦେବାକୁ ତାଲିମ ପାଇଥିବା ଜଣାପଡିଛି । ଅପରପକ୍ଷେ ମାଙ୍କଡା ପଥର ଖନନ ଚାଲିବା ପାଇଁ ଶାସକ ଦଳର ଜଣେ ରାଜନେତା ଏହାର ମଙ୍ଗ ଧରି ସୁରକ୍ଷା କର୍ତ୍ତା ଭାବେ ସହଯୋଗ ଯୋଗାଇ ଆସୁଥିବା ଅଭିଯୋଗ ହେଉଛି। ପ୍ରଶ୍ନ ଉଠୁଛି କିଏ ସେ ରାଜନେତା ଯିଏ ବେଆଇନ ପଥର ଖଣି ଚଳାଇବା ପାଇଁ ମାସିକ ୭ ଲକ୍ଷ ନେବାକୁ ଡିଲ୍ ହୋଇଛି। ମାର୍ଚ୍ଚର ଆଗୁଆ ପ୍ରାପ୍ୟ ନେଇ ଖଣି ଚୋରଙ୍କୁ ସୁରକ୍ଷା ଦେଉଥିବା ଅଭିଯୋଗ କେତେଜଣ ଲୋକ ନିଜ ନାଁ ଗୋପନ ରଖି ପ୍ରକାଶ କରିଛନ୍ତି ।

ସେହିପରି ଅନ୍ୟ କେତେକ କର୍ମଚାରୀ ମଧ୍ୟ ମାସିକିଆ ଚାନ୍ଦା ନେଉଥିବାର ଅଭିଯୋଗ ରହିଛି। ଲୋକଙ୍କ ସୂଚନା ଅନୁସାରେ ଏବେ ପ୍ରତ୍ୟହ ରାତିରେ କୋମଣ୍ଡ ଓ ଭଗବତୀପ୍ରସାଦ ଅଞ୍ଚଳରେ ଖଣି ଖନନ ଓ ମାଙ୍କଡା ପଥର ଚାଲାଣ ହେଉଛି । ସନ୍ଧ୍ୟା ହେଲେ କାମ ଆରମ୍ଭ ହେଉଥିବାବେଳେ ପାହାନ୍ତିଆ ବେଳକୁ କାମ ଶେଷ ହୋଇ ଯାଉଛି। ଓଡଗାଁ ଆଖପାଖ ଅଞ୍ଚଳ ଓ ଗଞ୍ଜାମ ଜିଲାକୁ ମାଙ୍କଡା ପଥର ଚୋରା ଚାଲାଣ ଚାଲିଛି। ଓଡଗାଁ ଅଞ୍ଚଳକୁ ମାଙ୍କଡା ପଥର ଗୋଟା ପିଛା ୮୨ରୁ ୯୦ ଟଙ୍କାରେ ଦୂରତ୍ୱ ଅନୁସାରେ ମିଳୁଛି। ଅତି କମରେ ୧୦୦ ଖଣ୍ଡ ପଥର ଅର୍ଡର କଲେ ରାତାରାତି ଯୋଗାଇ ଦିଆଯାଉଛି। ଓଡଗାଁ ତହସିଲର କୋମଣ୍ଡ ଓ ଭଗବତୀପ୍ରସାଦ ଅଞ୍ଚଳରେ ବେଆଇନ ମାଙ୍କଡା ପଥର ଖଣି ଚର୍ଚ୍ଚାରେ ରହି ଆସିଛି । ବେଆଇନ ଖଣି ଖନନ ଓ ପଥର ଚାଲାଣ ପାଇଁ ବିଭିନ୍ନ ସମୟରେ ମାରପିଟ୍ ହଣାହଣି ହେବା ସାଧାରଣ ଘଟଣା ହୋଇ ପଡିଛି। ପୁଣି ମାସିକ ଚାନ୍ଦା ଦେଇ ଖଣି ଚଳାଇବା ଏଠାରେ ସାଧାରଣ ଘଟଣା । ନିକଟରେ ଚାନ୍ଦା ନେଇ ଖଣି ଚଳାଇବାର ସୁରକ୍ଷା ଦେଉଥିବା ଅଡିଓ ଭାଇରାଲ ହୋଇଥିଲା । ଏଥିରେ ଥାନା ପୋଲିସ, ଉପଜିଲାପାଳ, ଖବରଦାତା, ରାଜନୈତିକ ନେତା, ଶାସକ ଦଳ ନେତାଙ୍କ ପରି ଅନେକ ନେତାଙ୍କ ନାଁ ଚର୍ଚ୍ଚାକୁ ଆସିଥିଲା। ଘଟଣା ସମ୍ପର୍କରେ ଜିଲାପାଳଙ୍କ ନିକଟରେ କଂଗ୍ରେସ ପକ୍ଷରୁ ଅଭିଯୋଗ ହୋଇଥିଲା। ତେବେ ପ୍ରସଙ୍ଗ ଶୀତଳ ଭଣ୍ଡାରକୁ ଚାଲି ଯାଇଥିଲା। ସେହିଭଳି ବେଆଇନ ଖଣି ଖନନକୁ ସୁରକ୍ଷା ଦେଇ ଜଣେ ଆରଆଇ ନିଲମ୍ବିତ ହୋଇଥିବାବେଳେ ଜଣେ ତହସିଲଦାରଙ୍କ ବଦଳି ହୋଇଥିଲା। ପରେ ପୁଣି ୭ ଲକ୍ଷର ଡିଲ୍ ଅଭିଯୋଗ ଓ ଅନ୍ୟମାନେ ପୁଣି ଚାନ୍ଦା ନେଉଥିବାର ଅଭିଯୋଗ ଉଠିଲାଣି । ଘଟଣା ସମ୍ପର୍କରେ ଜିଲା ଖଣି ଅଧିକାରୀ ଈଶ୍ୱର ପ୍ରଧାନଙ୍କ ୯୫୫୬୦୪୦୧୩୫ନମ୍ବରକୁ ଯୋଗାଯୋଗ କରାଯାଇଥିଲା। ହେଲେ ସେ ଫୋନ ଉଠାଇ ନ ଥିବାରୁ ମତାମତ ସଂଗ୍ରହ କରାଯାଇ ପାରି ନାହିଁ।

# ୭ବର୍ଷ ବିତିଲା, ନୀଳମାଧବ ମନ୍ଦିର ପରାମର୍ଶଦାତା କମିଟି ଗଠନ ନୋହିଲା



ନୀଳମାଧବ ମନ୍ଦିର ।

ଖଣ୍ଡପଡ଼ା, ୧୨।୩ (ଅଜୟ କୁମାର ମହାରଣା)

ଖଣ୍ଡପଡା ଦେବୋତ୍ତର ପରିଚାଳନା ଅଧିନରେ ଥିବା କଣ୍ଟିଲୋସ୍ଥିତ ଶ୍ରୀନୀଳମାଧବ ଜୀଉ ମନ୍ଦିରର ବିଭିନ୍ନ ପୂଜା ନୀତି ତଥା ଶୃଙ୍ଖଳିତ ପରିଚାଳନା ପାଇଁ ରାଜ୍ୟ ଦେବୋତ୍ତର କମିଶନରଙ୍କ ଦ୍ୱାରା ଏକ କମିଟି ଗଠନ କରାଯାଇଥାଏ। ଏହି କ୍ରମରେ ନୟାଗଡ଼ ଦେବୋତ୍ତର ଇନ୍ସପେକ୍ଟରଙ୍କ ରିପୋର୍ଟକ୍ରମେ ଦେବୋତ୍ତର କମିଶନର ଓଡ଼ିଶାଙ୍କ କାର୍ଯ୍ୟାଳୟ ଆଦେଶ ନଂ ୪୩୩୮(୧୫) ଖଣ୍ଡପଡା ଦେବୋତ୍ତର ୨୭।୭।୧୭ ଅନୁଯାୟୀ ଓ ଏଚଆରଇ ଆକ୍ଟ ୧୯୫୧ କ୍ରମେ ଏକ ୧୫ଜଣିଆ ପରାମର୍ଶଦାତା କମିଟି ନିଯୁକ୍ତି ଦେଇଥିଲେ। ଯାହାର କାର୍ଯ୍ୟକାଳ ୨ବର୍ଷ ପାଇଁ ଧାର୍ଯ୍ୟ ହୋଇଥିଲା । ତେବେ ସମ୍ପୃକ୍ତ କମିଟିର କାର୍ଯ୍ୟକାଳ ଜୁଲାଇ ୨୦୧୯ରେ ଶେଷ ହୋଇଯାଇଥିବା ବେଳେ ଏଯାବତ କୌଣସି କମିଟି ଗଠନ କରାଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି । ନିର୍ଦ୍ଧାରିତ ସମୟରେ କମିଟି ଗଠନ କରାଯାଉ ନ ଥିବାରୁ ମନ୍ଦିରର ବିଭିନ୍ନ ପରିଚାଳନାଗତ କାର୍ଯ୍ୟକ୍ରମରେ ବିଶୃଙ୍ଖଳା ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି । ତେବେ ଖଣ୍ଡପଡା ଦେବୋତ୍ତର କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ତହସିଲଦାର ବିଶ୍ୱ ବିଶୃତ ତ୍ରିପାଠୀଙ୍କ ସହ ଯୋଗାଯୋଗ କରିବାରେ ଏହି କମିଟି ଗଠନ ଲାଗି ଦେବୋତ୍ତର କମିଶନଙ୍କ କାର୍ଯ୍ୟାଳୟରୁ ଚିଠି ପ୍ରେରଣ କରାଯାଇଛି । ଚିଠି ମିଳିବା ପରେ ଆଡଭାଇଜରୀ କମିଟି ଗଠନ ଲାଗି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

# ହିନ୍ଦୁ ନବବର୍ଷରେ ଛୁଟି ଘୋଷଣା ଦାବି

## ଆରଏସ୍ଏସ୍ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର

ନୟାଗଡ଼, ୧୨।୩ (ଲୋକନାଥ ମିଶ୍ର)

ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷକୁ ଛୁଟିଘୋଷଣା ପାଇଁ ଦାବି ଉଠିଛି। ଏ ସମ୍ପର୍କରେ ଆରଏସ୍ଏସ୍ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇ ଛୁଟି ଘୋଷଣା କରିବକୁ ନିବେଦନ କରାଯାଇଛି। ଏନେଇ ଆର୍ଏସ୍ଏସ ଓଡଗାଁ ଖଣ୍ଡର ସହସଂଯୋଜକ ପ୍ରତାପ ଚନ୍ଦ୍ର ଦାସ କୁହନ୍ତି, ଚୈତ୍ର ଶୁକ୍ଳପକ୍ଷ ପ୍ରତିପଦାକୁ ହିନ୍ଦୁ ନବବର୍ଷ ରୂପେ ପାଳନ କରାଯାଉଥିବାବେଳେ ଦିବସର ମହାତ୍ମ୍ୟ ବିଷୟରେ ଅନେକ ହିନ୍ଦୁ ଧର୍ମାବଲମ୍ବୀ ଅବଗତ ନୁହଁନ୍ତି। ଚଳିତମାସ ୧୯ ତାରିଖରେ ହିନ୍ଦୁ ନବବର୍ଷ ପଡୁଥିବା ବେଳେ ସମ୍ପୃକ୍ତ ଦିବସକୁ ସରକାରୀ ଛୁଟି ଦିବସରୂପେ ସରକାର ଘୋଷଣା କଲେ ଦିବସର ମହାତ୍ମ୍ୟ ବିଷୟରେ ପ୍ରଚାର ପ୍ରସାର ହୋଇପାରନ୍ତା । ଦିବସର ମହତ୍ତ୍ୱ ଉପରେ କହିଛନ୍ତି ସମ୍ପୃକ୍ତ ଦିବସରେ ସୃଷ୍ଟିକର୍ତ୍ତା ବ୍ରହ୍ମା ସୃଷ୍ଟିର ସର୍ଜନା କରିବାସହ କାଳ ଗଣନା ଆରମ୍ଭ କରିଥିଲେ। ମର୍ଯ୍ୟାଦା ପୁରୁଷ ପ୍ରଭୁ ଶ୍ରୀରାମ ଏବଂ ଧର୍ମରାଜ ଯୁଧିଷ୍ଠିରଙ୍କର ଏହି ତିଥିରେ ରାଜ୍ୟାଭିଷେକ ହୋଇଥିଲା। ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଦ୍ୱାରା ଏହିଦିନ ଆର୍ଯ୍ୟସମାଜ ପ୍ରତିଷ୍ଠା ହୋଇଥିଲା। ସନ୍ଥ ଝୁଲେଲାଲା, ଗୁରୁ ଅଙ୍ଗଦେବ ଏବଂ ଆର୍ଏସ୍ଏସ୍ ପ୍ରତିଷ୍ଠାତା ଡ଼.କେଶବ ବଳିରାମ ହେଡ଼ଗେୱାରଙ୍କ ଜନ୍ମତିଥି ମଧ୍ୟ ଏହିଦିନ ରହିଛି। ଦିବସର ମହାତ୍ମ୍ୟ ଦୃଷ୍ଟିରୁ ଶ୍ରୀଦାସଙ୍କ ସହ ବିଷ୍ଣୁପ୍ରସାଦ ଭଞ୍ଜ, ସୁଶାନ୍ତ କୁମାର ସାହୁ, ରାଜେଶ ସେଠୀ ଓ ହିମାଦ୍ରୀ ମହାରଣା ପ୍ରମୁଖ ମଧ୍ୟ ଛୁଟିଘୋଷଣା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି ।

# ସମସ୍ୟା ସମାଧାନ ପାଇଁ କାଉନସିଲରଙ୍କ ଦାବିପତ୍ର

ଦିଗପହଣ୍ଡି, ୧୨।୩ (ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି ସହରର ବହୁବିଧ ବିକାଶ ପାଇଁ ୧୧ ନଂ. ୱାର୍ଡ କାଉନସିଲର ଜ୍ୟୋତ୍ସ୍ନା ଜେନା ଓ ତାଙ୍କ ପ୍ରତିନିଧି ରମେଶ ଚନ୍ଦ୍ର ଜେନା ଏନଏସି ନିର୍ବାହୀ ଅଧିକାରୀ ଅବିନାଶ ମିଶ୍ରଙ୍କୁ ଏକ ୮ ଦଫା ସମ୍ବଳିତ ଦାବିପତ୍ର ଗୁରୁବାର ଦେଇଛନ୍ତି। ସହରର ୩ ନଂ ୱାର୍ଡ ଗୁପ୍ତେଶ୍ୱର ମନ୍ଦିର ପିଏଚଡି ଅଫିସ ରୋଡ଼ଠାରୁ ମା’ ଫୁଲସୁନ୍ଦରୀ ମନ୍ଦିର ରାସ୍ତାରେ ଡ୍ରେନେଜ ବ୍ୟବସ୍ଥା ନଥିବାରୁ ବର୍ଷାଜଳ ସାଙ୍ଗକୁ ନାଳ ନର୍ଦ୍ଦମା ପାଣି ଜମି ରହୁଛି। ଲୋକେ ଏଥିପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ସ୍ଥାୟୀ ପ୍ରତିକାର କରିବା, ଗ୍ରୀଷ୍ମ ପ୍ରବାହକୁ ଗୁରୁତ୍ୱ ଦେଇ ସହରର ପୁରୁଣା ବସଷ୍ଟାଣ୍ଡ, ପଥଚାରୀ ଓ ଫୁଟପାଥ ବ୍ୟବସାୟୀଙ୍କୁ ଥଣ୍ଡା ପାନୀୟ ଜଳ ଯୋଗାଇ ଦେବା, ସହରର ବିଭିନ୍ନ ୱାର୍ଡରେ ଲାଗି ରହିଥିବା ପାଇପ ପାଣି ସମସ୍ୟାର ସମାଧାନ କରିବା, ନିର୍ମାଣାଧୀନ ଓଭରହେଡ ଟାଙ୍କି ନିର୍ମାଣ କାର୍ଯ୍ୟ ତୁରନ୍ତ ଶେଷ କରିବା, ଆବେଦନ କରିଥିବା ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ, ନୂତନ ରାଶନ କାର୍ଡ ପ୍ରଦାନ, ୱାର୍ଡ ଅଧୀନ ସାହି ବସ୍ତିର ନାଳନର୍ଦ୍ଦମାଗୁଡ଼ିକୁ ସଫା କରିବା ସହ ଅନ୍ୟାନ୍ୟ ଦାବି ଦାବିପତ୍ରରେ ଉଲ୍ଲେଖ ରହିଛି। ଏନେଇ ନିର୍ବାହୀ ଅଧିକାରୀ ମିଶ୍ରଙ୍କୁ ପଚାରିବାରୁ ସେ କହିଲେ, କାଉନସିଲର ଜଣକ ବୁଧବାର ରାତି ୮ଟାରେ ତାଙ୍କୁ ଦାବିପତ୍ର ଦେଇଥିଲେ। ଦାବିଗୁଡ଼ିକ ପ୍ରତି ଗୁରୁତ୍ୱ ଦେଇ ଯାହା ଆବଶ୍ୟକ ହେବ ସେହି କାର୍ଯ୍ୟ କରାଯିବ ବୋଲି କହିଛନ୍ତି। ଏନଏସି ଅଧକ୍ଷ ପ୍ରଫୁଲ୍ଲ ପଣ୍ଡାଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ କହିଲେ, କାଉନସିଲରଙ୍କ ଦାବିପତ୍ରର ନକଲ ପାଇଛି। ଡ୍ରେନେଜ ବ୍ୟବସ୍ଥାର ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯାଉଛି। ପାଇପ ଯୋଗେ ପାନୀୟଜଳ ଯୋଗାଣ କାମ ଏନଏସି କାର୍ଯ୍ୟାଳୟର ନୁହେଁ, ପାନୀୟଜଳ ଯୋଗାଣ ଓ ଜନସ୍ୱାସ୍ଥ୍ୟ ବିଭାଗର। ଏନେଇ ସମ୍ପୃକ୍ତ ବିଭାଗର କର୍ତ୍ତୃପକ୍ଷଙ୍କୁ ଚିଠି ଲେଖିବି ବୋଲି ସେ କହିଛନ୍ତି। ସାହି ବସ୍ତିର ନାଳ ନର୍ଦ୍ଦମା ସଫେଇ କାମ ଚାଲୁ ରହିଛି। ସହରର ଐତିହ୍ୟ ସମ୍ପନ୍ନ ବଡ଼ବନ୍ଧ(ପୋଖରୀ)ର ପୁନଃରୁଦ୍ଧାର ଓ ବିକାଶ ପାଇଁ ସହରବାସୀଙ୍କ ଦୀର୍ଘଦିନର ଦାବି ପ୍ରସ୍ତାବିତ ପ୍ରକଳ୍ପକୁ ସରକାର ମଞ୍ଜୁର କରିଛନ୍ତି। ଖୁବ ଶୀଘ୍ର ଏହାର ଟେଣ୍ଡର ହେବ। ପୋଖରୀର ଦୂଷିତ ଜଳ ନିଷ୍କାସନ କାର୍ଯ୍ୟ ଗୁରୁବାରଠାରୁ ଆରମ୍ଭ ହୋଇଛି। ସମସ୍ତ କାର୍ଯ୍ୟରେ କାଉନସିଲରମାନଙ୍କ ସହଯୋଗ ନିହାତି ଆବଶ୍ୟକ ବୋଲି ଅଧକ୍ଷ ପଣ୍ଡା କହିଛନ୍ତି।

# ଛାତ୍ର ବୃତ୍ତି ଅର୍ଥ ପ୍ରଦାନ ଦାବିରେ ଛାତ୍ରୀଛାତ୍ରଙ୍କ ଶୋଭାଯାତ୍ରା



ପାରଳାଖେମୁଣ୍ଡି, ୧୨।୩ (ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ଆର୍.ଉଦୟଗିରି ବ୍ଲକ ଅନ୍ତର୍ଗତ ରାମଗିରିସ୍ଥିତ ଡ. ବି. ଆର୍. ଆମ୍ବେଡକର ଜାତୀୟ ସ୍ନାତକ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବୃତ୍ତି ଅର୍ଥ ପ୍ରଦାନ ଦାବିରେ ଗୁରୁବାର ରାସ୍ତାକୁ ଓହ୍ଲାଇଛନ୍ତି। ମହାବିଦ୍ୟାଳୟର ଯୁକ୍ତ ୩ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ବର୍ଷ କଳା ଛାତ୍ରୀଛାତ୍ରଙ୍କୁ ଛାତ୍ରବୃତ୍ତି ଏଯାଏ ନ ମିଳିବା ପ୍ରତିବାଦରେ ସେମାନେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚି ଦାବି ଉପସ୍ଥାପନା କରିଛନ୍ତି। ଛାତ୍ରୀଛାତ୍ରମାନେ ଜଣାଇଛନ୍ତି ଯେ, ୨୦୨୫-୨୬ ଶିକ୍ଷାବର୍ଷ ଲାଗି ଆବେଦନ କରିଥିବା ଛାତ୍ରବୃତ୍ତି ଆମେ ଏପର୍ଯ୍ୟନ୍ତ ପାଇନାହିଁ। ଗଜପତି ଜିଲାର ଅନ୍ୟ ସମସ୍ତ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଛାତ୍ରବୃତ୍ତି ପାଇଥିବା ବେଳେ ଆମ ମହାବିଦ୍ୟାଳୟରେ ପ୍ରାୟ ଅଧିକାଂଶ ଆଦିବାସୀ, ଜନଜାତି, ଗରିବ ଛାତ୍ରୀଛାତ୍ର ଥାଇ ସୁଦ୍ଧା ଏଯାଏ ଛାତ୍ରବୃତ୍ତି ପାଇନାହାନ୍ତି। ଚଳିତ ବର୍ଷ କୌଣସି କାରଣରୁ ଛାତ୍ରବୃତ୍ତି ନ ମିଳିଲେ ଆଗାମୀ ବର୍ଷ ଆମେ ନାମ ଲେଖାଇବାରେ ଅସୁବିଧା ସୃଷ୍ଟି ହେବ ବୋଲି ଛାତ୍ରୀଛାତ୍ରମାନେ ପ୍ରକାଶ କରିଛନ୍ତି। ଏନେଇ ସେମାନେ ଗଜପତି ଜିଲାପାଳଙ୍କୁ ଭେଟି ଜଣାଇଛନ୍ତି। ଚଳିତବର୍ଷ ଛାତ୍ରବୃତ୍ତି ନ ମିଳିଲେ ଆଗାମୀ ଦିନରେ ପୁଣି ଆନ୍ଦୋଳନ କରିବାକୁ ବାଧ ହେବୁ ବୋଲି ସେମାନେ ପ୍ରକାଶ କରିଛନ୍ତି ।

# ସୁନା କିଣିବା ବାହାନାରେ ଚୋରି ୩ ମହିଳାଙ୍କ ସମେତ ୪ ଗିରଫ

ମୋହନା, ୧୨।୩ (ମନ୍ମଥ ମିଶ୍ର)

ଦୋକାନକୁ ଗହଣା କିଣିବା ବାହାନାରେ କେତେ ଜଣ ଗ୍ରାହକ ଆସି ସୁନା ଚୋରି କରି ନେଇଥିବା ଅଭିଯୋଗର ତଦନ୍ତ କରି ମୋହନା ପୋଲିସ ଏଥିରେ ସମ୍ପୃକ୍ତ ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଗଞ୍ଜାମ ଜିଲା ବ୍ରହ୍ମପୁର ହରିଡ଼ାଖଣ୍ଡି ଅଞ୍ଚଳର ଝୁମୁରି ଦାସ, ବିରାଜିନୀ ଦାସ, ରଘୁପତିନଗରର ସୁଶୀଳା ଦାସ ଓ ଫୁଲ ସୁନ୍ଦରୀ ସାହିର ସନ୍ତୋଷ ଦାସ। ପାଣ୍ଡାଛକ ନିକଟରେ ଥିବା ସାଇବା ଜୁଏଲାରୀ ଦୋକାନ ମାଲିକ କୁତବୁଦ୍ଦିନ ମଲିକ (୪୪) ଦୋକାନରୁ ସୁନା ଚୋରି ହୋଇଥିବା ଜାଣିବା ପରେ ମୋହନା ଥାନାରେ ଏତଲା ଦେଇଥିଲେ। ଅଭିଯୋଗକୁ ଭିତ୍ତିକରି ମୋହନା ଥାନା ଅଧିକାରୀ ଓମ ନାରାୟଣ ପାତ୍ର ଏହାର ତଦନ୍ତ କରି ୪୮ ଘଣ୍ଟା ଭିତରେ ଉପରୋକ୍ତ ଅଭିଯୁକ୍ତମାନଙ୍କୁ ବ୍ରହ୍ମପୁର ଅଞ୍ଚଳରୁ ଗିରଫ କରିଥିଲେ। ଏନେଇ କେସ୍ ନଂ. ୪୫/୨୬ରେ ମାମଲା ରୁଜୁ ହୋଇଛି। ଏସ୍ଆଇ ଚକ୍ରଧର ହାଁସଦା ଏହାର ତଦନ୍ତ ଜାରି ରଖିଛନ୍ତି। ଖବରରୁ ଜଣାପଡିଛି, ସୋମବାର ମଧ୍ୟାହ୍ନ ସାଢ଼େ ଗୋଟାଏରେ ସୁନା ଦୋକାନରେ କୁତବୁଦ୍ଦିନଙ୍କ ସାନପୁଅ ନିଶାରୁଦ୍ଦିନ ମଲିକ ଦୋକାନରେ ବସିଥିବା ବେଳେ କେତେ ଜଣ ମହିଳା ଓ ଜଣେ ଯୁବକ ସୁନା କିଣିବାକୁ ଆସିଥିଲେ। ସେମାନେ ସୁନା କିଣିବା ବାହାନାରେ ସୁନା ଦେଖେଇବାକୁ କହି ୨୬ ଗ୍ରାମ ୩୮୦ ମିଲିଗ୍ରାମର ୧୮ କ୍ୟାରେଟର ସୁନା ହାତ ସଫେଇ କରି ନେଇଯାଇଥିଲେ। ସେମାନେ ଯିବା ପରେ ଦେଖିବା ବେଳକୁ ର୍ୟାକ୍‌ରେ ସୁନା ପ୍ୟାକେଟ ନ ଥିଲା। ଦୋକାନର ସିସି କ୍ୟାମେରାରେ ଏସବୁ ରେକର୍ଡ଼ ହୋଇଥିଲା। ସଙ୍ଗେସଙ୍ଗେ ମାଲିକ କୁତବୁଦ୍ଦିନ ଥାନାରେ ଅଭିଯୋଗ କରିଥିଲେ।

# ଲୋକେ ସଚେତନ ହେଲେ ବନ୍ୟପ୍ରାଣୀ ଶିକାର କମିବ

ଭଞ୍ଜନଗର, ୧୨।୩ (ବାବୁଲା ପ୍ରଧାନ)

ଟାଟା ପାୱାର, ଗଞ୍ଜାମ ଜିଲା ଭଞ୍ଜନଗର ଘୁମୁସର ଉତ୍ତର ବନଖଣ୍ଡ ଏବଂ ସ୍ନେହା ଅନୁଷ୍ଠାନର ମିଳିତ ସହଯୋଗରେ ଗୁରୁବାର ଗଜ ସଂରକ୍ଷଣ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ହୋଇଛି। ଏଥିରେ ଭଞ୍ଜନଗର ବ୍ଲକର ପଞ୍ଚାୟତ ଲୋକ ପ୍ରତିନିଧି, ଗଜ ସାଥୀ ଏବଂ ବନ ବିଭାଗ କର୍ମଚାରୀ ସାମିଲ ହୋଇଥିଲେ। ଡିଏଫ୍ଓ ହିମାଂଶୁ ଶେଖର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ବନ୍ୟପ୍ରାଣୀ ସୁରକ୍ଷା ସହ ଲୋକଙ୍କ ଧନ ଜୀବନ କିଭଳି ସୁରକ୍ଷିତ ରହିପାରିବ ସେନେଇ ଗୁରୁତ୍ୱାରୋପ କରିଥିଲେ। ବନ୍ୟପ୍ରାଣୀ ସୁରକ୍ଷା କରିବାକୁ ଲୋକଙ୍କ ସହଭାଗିତା ଲୋଡା। ଲୋକେ ଯେତେ ସଚେତନ ହୋଇ ବିଭାଗକୁ ସହଯୋଗ କରିବେ ଶିକାର ସେହି ଅନୁସାରେ କମିପାରିବ, ଏଥିରେ ପଞ୍ଚାୟତ ଲୋକ ପ୍ରତିନିଧିମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଡିଏଫ୍ଓ କହିଥିଲେ। ବନ୍ୟପ୍ରାଣୀ ଶିକାର ଉପରେ ସୂଚନା ଦେଲେ ସୂଚନାକାରୀଙ୍କୁ ୩ ହଜାରରୁ ୫ ହଜାର ଟଙ୍କା ପର୍ଯ୍ୟନ୍ତ ପୁରସ୍କାର ମିଳିବ। ସୂଚନାକାରୀଙ୍କ ନାମ ସମ୍ପୂର୍ଣ୍ଣ ଗୁପ୍ତ ରଖାଯିବ ବୋଲି ଟାଟା ପାୱାର ପକ୍ଷରୁ କୁହାଯାଇଥିଲା। ବନ୍ୟପ୍ରାଣୀ ଆକ୍ରମଣରେ



ଅତିଥିମାନେ ଶପଥ ନେଉଛନ୍ତି ।

- ଗଜ ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମ
- ଶିକାର ସୂଚନା ଦେଲେ ୫ ହଜାର ପୁରସ୍କାର

ମଣିଷ ହେଉ କିମ୍ବା ଗୃହପାଳିତ ପ୍ରାଣୀ ଯିଏ ମୃତାହତ ହେଲେ ବନ ବିଭାଗ ସହାୟତା ରାଶି ଦେଉଛି। ଏବେ ପୂର୍ବଅପେକ୍ଷା ଏହିସହାୟତା ରାଶି ବହୁପରିମାଣରେ ବଢ଼ିଯାଇଛି। ବାଘ୍ହାକୁ ବିଦ୍ୟୁତ୍ ହୁକଁ କରି ଶିକାର କରାଯାଉଛି। ବାରାହା ଶିକାରକୁ ରୋକିଲେ ଅନ୍ୟ ବନ୍ୟପ୍ରାଣୀ ସୁରକ୍ଷିତ ରହିପାରିବେ ବୋଲି ଉପସ୍ଥିତ ବକ୍ତାମାନେ କହିଥିଲେ। ବାଘ୍ହା ସମେତ ଜଙ୍ଗଲି ମାଂସ ନ ଖାଇବାକୁ ଉପସ୍ଥିତ ଶତାଧିକ ଲୋକ ଏହି ଅବସରରେ ଶପଥ ନେଇଥିଲେ । ଅନୁକମ୍ପା ଆପ ମାଧମରେ ସହାୟତା ରାଶି କିଭଳି ମିଳୁଛି ସେନେଇ ମଧ ତାଲିମ ପ୍ରଦାନ କରାଯାଇଥିଲା। ବନ୍ୟପ୍ରାଣୀ କ୍ଷତି କରୁଥିବା ଫସଲ ବଦଳରେ ମାଛ, ମହୁ, ହଳଦୀ, ଲଙ୍କା ଭଳି ବିକଳ୍ପ ଚାଷ କରିବାକୁ ଅଧିକାରୀମାନେ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସିଏଫ ବିବେକ ଦାସ, ବିମଳ ପ୍ରଧାନ, ଟାଟା ପାୱାର ଏସଡିଓ, ମୁଜାଗଡ଼ ରେଞ୍ଜର ବିଦ୍ୟାଧର ସାହୁ, ହାତୀ ଗବେଷକ ହରି କ୍ରିଷ୍ଣା, ସ୍ନେହାର ଫିଲ୍ଡ ଅଫିସର୍ ଅରବିନ୍ଦ ମାଝୀ ବକ୍ତବ୍ୟ ରଖିଥିଲେ। ପ୍ରକଳ୍ପ ପରିଚାଳକ ରଞ୍ଜିତ ପଟ୍ଟନାୟକ ସଂଯୋଜନା କରିଥିଲେ। ପ୍ରଶାନ୍ତ ରାଉତ ସହଯୋଗ କରିଥିଲେ।

# ବୁକିଂ ହେଉନି ଘରୋଇ ଗ୍ୟାସ

ବାଲିଗୁଡା, ୧୨।୩ (ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡାରେ ୩ ଦିନ ହେଲା ଘରୋଇ ରନ୍ଧନ ଗ୍ୟାସ୍ ବୁକିଂ ହୋଇପାରୁନି। କର୍ମସିଆଲ ଗ୍ୟାସ୍ ଅଭାବ ଯୋଗୁ ଏହାର ପ୍ରଭାବ ଛୋଟ ଜଳଖିଆ ଦୋକାନଠାରୁ ଆରମ୍ଭ କରି ହୋଟେଲ ଓ ରେଷ୍ଟୁରାଣ୍ଟ ଉପରେ ପଡିଛି। ରନ୍ଧନ ଗ୍ୟାସ୍‌ର ୬୦ ଟଙ୍କା ଦରବୃଦ୍ଧି ହୋଇଥିଲେ ସୁଦ୍ଧା ବାଲିଗୁଡାରେ ଦୁଇଦିନ ହେଲା ବ୍ୟବସାୟଭିତ୍ତିକ ଗ୍ୟାସ୍ ଯୋଗାଣ ବନ୍ଦ ରହିଛି। ଗ୍ୟାସ ନେବାର ୨୫ ଦିନ ପରେ ପରବର୍ତ୍ତୀ ଗ୍ୟାସ ପାଇଁ ବୁକିଂ କରିବାକୁ ବର୍ତ୍ତମାନ ସରକାର ବ୍ୟବସ୍ଥା କରିଥିବା ବେଳେ ଗତ ୩ଦିନ ହେଲା ଘରୋଇ ରନ୍ଧନ ଗ୍ୟାସ ବୁକିଂ ହୋଇପାରୁନାହିଁ। କେତେ ଜଣ ବ୍ୟକ୍ତି ମଧ୍ୟ ଗ୍ୟାସର କଳାବଜାର ଆରମ୍ଭ କରିଦେଇଥିବା ବିଭିନ୍ନ ମହଲରୁ ଅଭିଯୋଗ ହେଲାଣି। ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ସୁଗୁଡା ମୁର୍ମୁଙ୍କୁ ପଚାରିବାରୁ ଆମ ପାଖରେ ରନ୍ଧନ ଗ୍ୟାସ ମହଜୁଦ ଅଛି। ଜିଲାରେ ଯେତେ ପରିମାଣର ଘରୋଇ ରନ୍ଧନ ଗ୍ୟାସ ମହଜୁଦ ରହିବା କଥା, ସେହି ପରିମାଣରେ ନାହିଁ। ଅନ୍ୟପକ୍ଷରେ ଗ୍ୟାସ୍ ବୁକିଂ ହୋଇପାରୁ ନ ଥିବା ନେଇ ତାଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ କହିଲେ।

# ବ୍ୟାଙ୍କ କର୍ମଚାରୀଙ୍କ ମୃତଦେହ ଜବତ

ଦିଗପହଣ୍ଡି, ୧୨।୩ (ଅଶେଷ ନାଥ ମିଶ୍ର):

ଦିଗପହଣ୍ଡି ସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖାର ବରିଷ୍ଠ କିରାଣି ଥିବା ମୟୂରଭଞ୍ଜ ଜିଲା ବାରିପଦା ସହରର ଗୌରବ ମାରାଣ୍ଡି (୩୪)ଙ୍କ ମୃତଦେହକୁ ବୁଧବାର ଅପରାହ୍ନରେ ପୋଲିସ ଜବତ କରିଛି। ସେ ଦିଗପହଣ୍ଡି ପୁଞ୍ଜିକଂୟା ଛକ ମେନରୋଡ଼ରେ ରହୁଥିବା ବ୍ୟାଙ୍କ ସିକ୍ୟୁରିଟି ଗାର୍ଡ ବାଳକୃଷ୍ଣ ଦୋରାଙ୍କ ଘରର ୨ୟ ମହଲାରେ ଭଡ଼ା ରହୁଥିଲେ। ଗୌରବ ମସ୍ତିଷ୍କ ଜ୍ୱରରେ ସଂକ୍ରମିତ ରହି ଚିକିତ୍ସିତ ହେଉଥିଲେ। ସୋମବାରଠାରୁ ଛୁଟି ନେଇ ଘରେ ରହୁଥିଲେ। ଦିଗପହଣ୍ଡି ପୋଲିସ ସନ୍ଧ୍ୟାରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଥିଲା। ଗୌରବଙ୍କ ଆକସ୍ମିକ ମୃତ୍ୟୁରେ ଦିଗପହଣ୍ଡି ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ଶ୍ରୀପଦ ପ୍ରସାଦ ସାହୁଙ୍କ ସମେତ ସମସ୍ତ କର୍ମଚାରୀ ବୃନ୍ଦ ଗଭୀର ଶୋକ ପ୍ରକାଶ କରିବା ସହ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

# ମା’ ରତନେଈ ପୀଠର ବିକାଶ ପାଇଁ ଦାବି

ବୁଗୁଡ଼ା, ୧୨।୩ (କାଳି ଚରଣ ଦାଶ)

ଗଞ୍ଜାମ ଜିଲା ବୁଗୁଡ଼ା ସହରର ପୂର୍ବ ଦିଗରେ ରହିଛି ଭାମଶିଆଳି ପଞ୍ଚାୟତ କୁଆନଳା ଗ୍ରାମ ନିକଟ ଜଙ୍ଗଲ ମଧ୍ୟରେ ମା’ ରତନେଈଙ୍କ ପୀଠ। ଏହି ପୀଠର ବିକାଶ ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଅନ୍ୟପଟେ ବନଦେବୀ ସିଂହ ବାହିନୀ ବାଉଁଶ, ଶାଳ ପିଆଶାଳ, ସାହାଡ଼ା ଗଛ ମୂଳରେ ରହିଛନ୍ତି। ମାଘ ପୂର୍ଣ୍ଣିମା ଅବସରରେ ଯଜ୍ଞ ଓ ସଙ୍କୀର୍ତ୍ତନ ହୁଏ। ଯଜ୍ଞ ସ୍ଥଳରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ପ୍ରତ୍ୟେକ ସଂକ୍ରାନ୍ତିରେ ସ୍ଥାନୀୟ ଲୋକେ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରନ୍ତି।

# ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ




ଦିଗପହଣ୍ଡି/ପାଟପୁର, ୧୨।୩ (ଅଶେଷ ନାଥ ମିଶ୍ର/ସିମାଞ୍ଚଳ ସାହୁ)

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ପାଟପୁର ସ୍ଥିତ ବିଶ୍ୱାସରାୟ ବିଜ୍ଞାନ କଲେଜରେ ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଛି। ପ୍ରଶିକ୍ଷିକା ଏସ୍.ଉଷାରାଣୀ ଦୋରା ଯୁକ୍ତ ୨ ପ୍ରଥମ ବର୍ଷରେ ପଢୁଥିବା ଉଭୟ ବିଜ୍ଞାନ ଓ କଳା ବିଭାଗର ୯୦ ଛାତ୍ରୀଙ୍କୁ ୮ ଦିନ ବ୍ୟାପୀ ଆତ୍ମରକ୍ଷା ସମ୍ବନ୍ଧିତ ବିଭିନ୍ନ କଳା କୌଶଳ ସମ୍ପର୍କିତ ତାଲିମ ପ୍ରଦାନ କରିଥିଲେ। ଇତିହାସ ବିଭାଗ ଅଧ୍ୟାପିକା ଡ.ସେଲିନା କୁମାରୀ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ କଲେଜ ଅଧକ୍ଷ ମେଜର ଡ.ଶଙ୍କର ପ୍ରସାଦ ଅଧିକାରୀ ଅଧକ୍ଷତା କରିଥିଲେ। ପାଟପୁର ଥାନା ଏସଆଇ ଚର୍ଚ୍ଚିକା ଶବର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଶିକ୍ଷଣ ଏହାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଉପସ୍ଥିତ ଛାତ୍ରୀଙ୍କୁ ସଚେତନ କରିଥିଲେ। ନାରୀ ମାନଙ୍କ ଉପରେ ବଢ଼ି ଚାଲିଥିବା ଶାରୀରିକ ଆକ୍ରମଣରୁ କିପରି ନିଜକୁ ସୁରକ୍ଷିତ ରଖିପାରିବେ ସେ ନେଇ ଅଧକ୍ଷ କହିଥିଲେ। ରସାୟନ ବିଜ୍ଞାନ ବିଭାଗ ଅଧ୍ୟାପକ ଡ଼. କୈଳାସ ଚନ୍ଦ୍ର ସ୍ୱାଇଁ ମୁଖ୍ୟବକ୍ତା ଭାବେ ଯୋଗଦେଇ ବର୍ତ୍ତମାନ ସମୟରେ ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ତାଲିମପ୍ରାପ୍ତ ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

# ଦୀର୍ଘଦିନ ପରେ ବି ମିଳିନି ସହାୟତା

## ବନ୍ୟଜନ୍ତୁ ଆକ୍ରମଣରେ ମୃତ୍ୟୁ

ବୁଗୁଡ଼ା, ୧୨।୩ (କାଳି ଚରଣ ଦାଶ)

ବନ୍ୟଜନ୍ତୁ ଆକ୍ରମଣରେ ମୃତ୍ୟୁ ଘଟିଲେ ସରକାର ମୃତକଙ୍କ ପରିବାର ବର୍ଗଙ୍କୁ ତତ୍କାଳ ସହାୟତା ପ୍ରଦାନ କରୁଛନ୍ତି। ମାତ୍ର ଗଞ୍ଜାମ ଜିଲା ବୁଗୁଡ଼ା ଅଞ୍ଚଳରେ ଜଣେ ଗରିବ ଅନୁସୂଚିତ ଜାତିର ବ୍ୟକ୍ତିଙ୍କ ପରିବାରକୁ ଏଯାଏ ବର୍ଷେ ୭ମାସ ବିତିଥିଲେ ସୁଦ୍ଧା ପ୍ରଶାସନ କୌଣସି ସହାୟତା ଦେଇନାହିଁ।

ଗଞ୍ଜାମ ଜିଲା ବୁଗୁଡ଼ା ବ୍ଲକ ବୁଗୁଡ଼ା ଥାନା ଅନ୍ତର୍ଗତ ବି.କରଡାବାଡି ପଞ୍ଚାୟତ ଟଭାପଲ୍ଲୀ ଗ୍ରାମର ଟୁନା ନାଇକଙ୍କ ବାପା ଅନ୍ତରା ନାଇକଙ୍କ ଗତ ୧୮।୭।୨୪ରେ ଜଙ୍ଗଲକୁ କାଠ ଆଣିବା ପାଇଁ ଯାଇ ଆଉ ଫେରି ନ ଥିଲେ। ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରି ନିରାଶ ହୋଇ ବୁଗୁଡ଼ା ଥାନାରେ ଅଭିଯୋଗ କରିଥିଲେ। ନଂ. ୪୮/୨୪ରେ ବୁଗୁଡା ପୋଲିସ ଏକ ନିଖୋଜ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ୧୬।୮।୨୪ ତାରିଖ ସକାଳୁ ଟଭାପଲ୍ଲୀ ଗ୍ରାମର କେତେଜଣ ଲୋକ ବାଉଁଶ ଆଣିବାକୁ ଜଙ୍ଗଲକୁ ଯାଇ ସେଠାରେ



ନିଖୋଜ ଅନ୍ତରାଙ୍କ ମୃତ ଶରୀରରେ ସେ ପିନ୍ଧିଥିବା ପୋଷାକ ଦେଖି ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ପହଞ୍ଚି ଅନ୍ତରାଙ୍କ ମୃତଦେହ ଚିହ୍ନଟ କରିଥିଲେ। ପରିବାର ଲୋକେ କୌଣସି ହିଂସ୍ରଜନ୍ତୁ ଆକ୍ରମଣରେ ତାଙ୍କର ମୃତ୍ୟୁ ହୋଇଥିବା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୧୪/୨୪ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ସେ ସମୟରେ ଜଙ୍ଗଲରୁ ଏକ ଗାଈର କ୍ଷତାକ୍ତ ମୃତଦେହ ଜବତ ହେବା, ହୀରାପୋଲି ଗ୍ରାମର ଦେବରାଜ ନାୟକଙ୍କ ଗାଈ ବାଘ ଆକ୍ରମଣରେ ମୃତ୍ୟୁ ଘଟିବା ଆଦି ପାରିପାର୍ଶ୍ୱିକ ସ୍ଥିତି ଦେଖି ଅନ୍ତରାଙ୍କ ମୃତ୍ୟୁ ବାଘ କିମ୍ବା କୌଣସି ହିଂସ୍ରଜନ୍ତୁଙ୍କ ଆକ୍ରମଣରୁ ଘଟିଥିବା ଅନୁମାନ କରାଯାଇଥିଲା। ବାଘ ଆକ୍ରମଣରେ ତାଙ୍କର ମୃତ୍ୟୁ ହୋଇଥିବା ତତ୍କାଳୀନ ଭଞ୍ଜନଗର ଏସ୍‌ଡିପିଓ ସୁଜିତ ନାୟକ ସନ୍ଦେହ କରିଥିବା ବେଳେ ଦକ୍ଷିଣ ଘୁମୁସର ଡିଏଫ୍ଓ ବିନୋଦ ଆଚାର୍ଯ୍ୟ କହିଥିଲେ, ବାଘ ଜଙ୍ଗଲ ମଧ୍ୟରେ ଗାଈ, ବାଛୁରୀ, ଛେଳି, ମେଣ୍ଢାକୁ ନେଇ ଖାଇବାର ଖବର ଆସୁଛି। ଯଦି ବାଘ ଆକ୍ରମଣରେ ଅନ୍ତରାଙ୍କ ମୃତ୍ୟୁ ହୋଇଥାନ୍ତା ତେବେ ଜଣାପଡିଥାନ୍ତା। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଏହା ସ୍ପଷ୍ଟ ହେବ ବୋଲି ଆଚାର୍ଯ୍ୟ କହିଥିଲେ। ଅନ୍ତରାଙ୍କ ମୃତ୍ୟୁକୁ ଦୀର୍ଘଦିନ ବିତିଥିଲେ ସୁଦ୍ଧା ପରିବାରକୁ କିଛି ସହାୟତା ମିଳିନି ବୋଲି ଅନ୍ତରାଙ୍କ ପୁଅ ଟୁନା କହିଛନ୍ତି। ସେ ଏନେଇ ୨୫।୧୦।୨୪ରେ ସହାୟତା ପ୍ରଦାନ ଲାଗି ଜଙ୍ଗଲ ବିଭାଗକୁ ଆବେଦନ କରିଥିଲେ। ବୁଗୁଡ଼ାରେ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣିରେ ୧୦।୨।୨୫ରେ ସେ ସହାୟତା ପାଇଁ ଜଣାଇଥିଲେ। ଏଯାଏ ଅନ୍ତରାଙ୍କ ସ୍ତ୍ରୀଙ୍କୁ ବିଧବା ଭତ୍ତା, ତତ୍କାଳୀନ ରେଡକ୍ରସରୁ ସହାୟତା ଓ ଅନୁକମ୍ପାମୂଳକ ସହାୟତା ରାଶି କିଛି ପ୍ରଶାସନ ଦେଇ ନ ଥିବା ଟୁନା ଅଭିଯୋଗ କରିଛନ୍ତି। ବୁଗୁଡ଼ା ବନାଞ୍ଚଳ ଅଧିକାରୀ ମାନସ ସାହୁ କହିଛନ୍ତି, ଜିଲାପାଳଙ୍କ ଅଭିଯୋଗ ଶୁଣାଣିରୁ ଅଭିଯୋଗ ଆସିବା ପରେ ସେ ସଂପୃକ୍ତ ପରିବାରଙ୍କୁ ଭେଟିଛନ୍ତି। ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶ ଅନୁସାରେ ଉକ୍ତ ଘଟଣାର ଅନୁସନ୍ଧାନ ହେବ ବୋଲି କହିଥିଲେ।

**ସଂକ୍ଷେପରେ**

## ଯୁବକଙ୍କ ଆତ୍ମହତ୍ୟା

**ଯାଜପୁରରୋଡ୍, ୧୨।୩ (ପବିତ୍ର ରଞ୍ଜନ ମହାନ୍ତି):**

ବ୍ୟାସନଗର ପୌର ପରିଷଦ ଅନ୍ତର୍ଗତ ମୁଣ୍ଡମାଳ ଡାହିସାହିରେ ଗୁରୁବାର ଜଣେ ଯୁବକ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଛନ୍ତି। ମୃତ ଯୁବକ ହେଲେ ସନ୍ତୋଷ ରାମଙ୍କ ପୁଅ ସୁରଜ ରାମ(୨୧)। ସକାଳେ ବ୍ୟାସସରୋବର ଛକଠାରୁ ଅନତିଦୂରରେ ଥିବା ବଡ଼ ପାଣିଟାଙ୍କି ପଛପଟ ଏକ ବରଗଛରେ ତାଙ୍କ ଝୁଲନ୍ତା ମୃତଦେହ ଦେଖିବାକୁ ମିଳିଥିଲା। ଏହାଦେଖି ସ୍ଥାନୀୟ ଲୋକେ ଯାଜପୁରରୋଡ୍ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ସାଇଣ୍ଟିଫିକ ଟିମ ସହାୟତାରେ ଘଟଣାର ତଦନ୍ତ କରିଥିଲା। ସୁରଜ ବୁଧବାର କଳିଙ୍ଗନଗରସ୍ଥିତ ଜିନ୍ଦଲ କାରଖାନାରୁ ଡ୍ୟୁଟି ସାରି ରାତିରେ ଘରକୁ ଫେରିଥିଲେ। ସେ କୌଣସି କାରଣକୁ ନେଇ ବିବ୍ରତ ଥିଲେ। ଗୁରୁବାର ଭୋର ୪ଟା୩୦ସମୟରେ ଘରୁ ବ୍ୟାସସରୋବର ଆଡେ ପଳାଇଯାଇଥିଲେ। ପରିବାର ଲୋକେ ସକାଳେ ଖୋଜାଖୋଜି କରିବା ସମୟରେ ସୁରଜଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ପାଇଥିଲେ। ସୁରଜ ଜଣେ ଝିଅଙ୍କୁ ଭଲପାଉଥିଲେ। ସେଥିରେ ବିଫଳ ହେବାରୁ ମାନସିକ ଭାରସାମ୍ୟ ହରାଇ ଏଭଳି ନିଷ୍ପତ୍ତି ନେଇଥିବା ସାଧାରଣରେ ଆଲୋଚନା ହେଉଛି। ଏନେଇ ଥାନାରେ ନଂ.୯/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ୧୨ ଲକ୍ଷ ଟଙ୍କା ଖର୍ଚ୍ଚ, ୧୨ କାଜୁ ଗଛ ମିଳୁନି

- ଚାରାରୋପଣ ନାମରେ ସରକାରୀ ଅର୍ଥ ଆତ୍ମସାତ
- କୋରେଇ ବ୍ଲକରେ ଭିବି-ଜି-ରାମ ଜି ଦୁର୍ନୀତି
- ଜାଲ ମଷ୍ଟରରୋଲରେ କାର୍ଯ୍ୟ ଦିବସ ସୃଷ୍ଟି

**କୋରେଇ, ୧୨।୩(ଚନ୍ଦ୍ରକାନ୍ତ ପତି):**


କାଜୁ ଚାରା ଲଗାଯାଇଥିବା ଗୋଚର ଜମି।

ଯାଜପୁର ଜିଲା କୋରେଇ ବ୍ଲକ ପଛିକୋଟ ପଞ୍ଚାୟତରେ ଭିବି-ଜି-ରାମ ଜି ଯୋଜନା(ପୂର୍ବରୁ ଥିବା ଏମ୍‌ଜିଏନ୍‌ଆର୍‌ଇଜିଏସ)ରେ ଚାରାରୋପଣ ନାମରେ ବ୍ୟାପକ ଅନିୟମିତତା କରାଯାଇ ସରକରୀ ଅର୍ଥ ଆତ୍ମସାତ ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ, ଏହି ପଞ୍ଚାୟତ ଅଧୀନ କଡ଼ମା ଗ୍ରାମର ୬ହେକ୍ଟର ବିଶିଷ୍ଟ ଏକ ଗୋଚର ଜମିରେ ୨୦୨୧-୨୦୨୨ ଆର୍ଥିକ ବର୍ଷରେ ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ କାଜୁ ଚାରାରୋପଣ କରାଯାଇଥିଲା। ଏଥିପାଇଁ ବିଭାଗ ପକ୍ଷରୁ ୧୨ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲା। ହେଲେ ରକ୍ଷଣାବେକ୍ଷଣ ଅଭାବରୁ କାଜୁ ଚାରାଗୁଡ଼ିକ ୬ ମାସରେ ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲା। ଏପରିକି ୧୨ ଲକ୍ଷ ଟଙ୍କା ଖର୍ଚ୍ଚ ପରେବି ସେହି ଜମିରେ ୧୨ଟି କାଜୁ ଗଛ ମଧ୍ୟ ଦେଖିବାକୁ ମିଳିଲାନାହିଁ। ଏହାସତ୍ତ୍ୱେ ପୁନର୍ବାର ୨୦୨୨-୨୦୨୩ ଏବଂ ୨୦୨୩-୨୦୨୪ ବର୍ଷରେ ଚଞ୍ଚକତା କରି ରକ୍ଷଣାବେକ୍ଷଣ ବାବଦରେ ଲକ୍ଷାଧିକ ଟଙ୍କା ଉଠାଇ ନିଆଯାଇଥିଲା, ଯାହାକୁ ନେଇ ଗ୍ରାମବାସୀ ମୃତ୍ତିକା ସଂରକ୍ଷଣ ବିଭାଗର ପ୍ରକଳ୍ପ ନିର୍ଦ୍ଦେଶକଙ୍କ ନିକଟରେ ଅଭିଯୋଗ କରିଥିଲେ। ପରବର୍ତ୍ତୀ ସମୟରେ ଅର୍ଥ କାରବାର କରି ସମ୍ପୃକ୍ତ ଠିକାଦାର ଏବଂ ଅଧିକାରୀ ମିଳିମିଶି ଏହି ଦୁର୍ନୀତିକୁ ଚାପି ଦେଇଥିଲେ। ପୁନର୍ବାର ୨୦୨୫-୨୬ ବର୍ଷରେ ଗ୍ରାମପଞ୍ଚାୟତ ପକ୍ଷରୁ ୫ ଲକ୍ଷ ଟଙ୍କା ବ୍ୟୟରେ ଏହି ଜମିରେ ଚାରାରୋପଣ କରି ଅର୍ଥ ହରିଲୁଟ ପାଇଁ ମସୁଧା କରାଯାଇଛି। ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କୁ ହାତ କରି ଏପରି କରାଯାଇଥିବା ଅଭିଯୋଗ ହୋଇଛି। କଡ଼ମା ଗ୍ରାମର ମିନକେତନ ସେଠୀ, ହଳଧର ଜେନା, ଗୟାଧର ଜେନା, ନିରଞ୍ଜନ ଭଞ୍ଜ, କ୍ଷମାକର ଦାସ, କନକଲତା ସ୍ୱାଇଁ, ଚୁନି କର, ମମତା ମଲ୍ଲିକ, ଗୀତ ମଲ୍ଲିକ, ଚୁନି କର ପ୍ରଭୃତି ଗ୍ରାମର କିଛି ହାତ ଗଣତି ପରିବାରର ୧୬୦ଜଣ ଜାଲି ଶ୍ରମିକଙ୍କ ନାଁରେ ୧୦୩୦ ଦିନର ମିଥ୍ୟା କାର୍ଯ୍ୟଦିବସ ସୃଷ୍ଟି କରାଯାଇଛି। ଅନୁରୂପ ଭାବରେ ୧୬ଜାଲ ମଷ୍ଟରରୋଲ ପ୍ରସ୍ତୁତ କରି ୨,୭୦,୮୧୬ ଟଙ୍କା ଉଠାଯାଇଛି, ଯାହାକୁ ନେଇ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବ୍ଲକର ବିଭିନ୍ନ ପଞ୍ଚାୟତରେ ହେଉଥିବା ଦୁର୍ନୀତି ପଛରେ ଯୋଜନାର ଜଣେ ସହାୟକଙ୍କ ହାତଥିବା ଅଭିଯୋଗ ହେଉଥିଲେ ହେଁ ବିଡିଓ ଏହା ଉପରେ କୌଣସି ପଦକ୍ଷେପ ନେଉନାହାନ୍ତି। ଅନ୍ୟପକ୍ଷରେ ସହାୟକ ଜଣକ ଏହି ବ୍ଲକରେ ଦୀର୍ଘବର୍ଷ ହେବ ଅବସ୍ଥାପିତ ଥିଲେ ମଧ୍ୟ ତାଙ୍କୁ ବଦଳି କରାଯାଉନାହିଁ। ଏ ସଂକ୍ରାନ୍ତରେ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ନିର୍ମଳ କାପଙ୍କୁ ପଚାରିବାରେ ସେ କହିଛନ୍ତି, ଜମି ପଡ଼ିଆ ଥିବାରୁ ଚାରାରୋପଣ କରାଯାଇଛି ଏବଂ ଏଥିରେ କୌଣସି ଦୁର୍ନୀତି ହୋଇନାହିଁ।

# ବଳାତ୍କାର ମାମଲାରେ ଦୋଷୀଙ୍କୁ ଆଜୀବନ ଜେଲ

**ଯାଜପୁର ଟାଉନ, ୧୨।୩ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଜଣେ ମହିଳାଙ୍କୁ ବଳାତ୍କାର ମାମଲାର ଗତ ୧୧ ତାରିଖରେ ରାୟ ପ୍ରକାଶ ପାଇଛି। ଯାଜପୁର ଅତିରିକ୍ତ ଜିଲା ଓ ଦୌରା ଜଜ୍ ଶରତ କୁମାର ଦେହୁରୀ ମାମଲାର ବିଚାର କରି ଦୋଷୀଙ୍କୁ ଆଜୀବନ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ୧ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ୨ମାସ ଅଧିକ ଜେଲ୍‌ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଆଇନ ସେବା ପ୍ରାଧିକରଣ ପକ୍ଷରୁ ପୀଡ଼ିତାଙ୍କୁ ୫ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି।
ମାମଲାର ବିବରଣୀ ଅନୁଯାୟୀ, ୨୦୧୮ ଜୁନ ୧୫ରେ ଯାଜପୁର ସଦର ଥାନା ସୁଜନପୁର ଅଞ୍ଚଳର ଘୁଙ୍ଗୁର ଓରଫ୍ ବ୍ରଜକିଶୋର ଜେନା ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ମଦପିଇ ଜଙ୍ଗଲରେ ପଡ଼ିଛନ୍ତି ବୋଲି ଆସି କହିଥିଲେ। ମାତ୍ର ଅଭିଯୁକ୍ତ ମହିଳାଙ୍କୁ ବଳାତ୍କାର କରିବା ଉଦ୍ଦେଶ୍ୟରେ ମିଛ କହି ସୁଜନପୁର ପେଟ୍ରୋଲ ପମ୍ପ ପଛ ପଟ ଜଙ୍ଗଲକୁ ନେଇଯାଇଥିଲେ। ସେଠାରେ ମହିଳାଙ୍କୁ ବଳାତ୍କାର କରିଥିଲେ। ମହିଳା ଜଣକ ଆସି ତାଙ୍କ ସ୍ୱାମୀଙ୍କୁ ଘଟଣା ସମ୍ପର୍କରେ କହିବା ସହିତ ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ.୧୧୩/୧୮ରେ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ଘୁଙ୍ଗୁରଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ମାମଲାର ଚୂଡ଼ାନ୍ତ ଶୁଣାଣି କରି ବିଚାରପତି ୧୧ଜଣ ସାକ୍ଷୀଙ୍କ ସାକ୍ଷ୍ୟ, ବୟାନ ଓ ପୋଲିସର ଦସ୍ତାବିଜକୁ ଆଧାର କରି ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ମାମଲାକୁ ସରକାରଙ୍କ ପକ୍ଷରୁ ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟର ଅଲିପ୍ ନାୟକ ପରିଚାଳନା କରୁଥିଲେ। ସୂଚନାଯୋଗ୍ୟ, ମହିଳାଙ୍କ ସ୍ୱାମୀ ବିହାର ଅଞ୍ଚଳର ହୋଇଥିବାବେଳେ ସେ ଦୀର୍ଘଦିନ ଧରି ସୁଜନପୁର ଅଞ୍ଚଳରେ ରହି ଗୁପଚୁପ ବେପାର କରି ଗୁଜୁରାଣ ମେଣ୍ଟାଉଥିଲେ।

# ବାଲିସାହି ମେଳଣ ଉଦ୍‌ଯାପିତ


ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ମେଳଣ କମିଟି କର୍ମକର୍ତ୍ତା।

**ଜେନାପୁର, ୧୨।୩(ଅଶୋକ ଦାସ):**

ଧର୍ମଶାଳା ବ୍ଲକ ଅଧୀନ ବାଘୁଆ ବ୍ରାହ୍ମଣୀ ଦେବୀ ଆଞ୍ଚଳିକ ମେଳଣ କମିଟି ଆନୁକୂଲ୍ୟରେ ଆୟୋଜିତ ୫୪ତମ ବାଲିସାହି ମେଳଣ ଉତ୍ସବ ଗୁରୁବାର ଧୁମ୍‌ଧାମ୍‌ରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଥାନାପତିଭାବେ ମୁରାରୀପୁରର ମୁରଲୀଧର ଜୀଉଙ୍କ ସମେତ ୧୦ରୁ ଊର୍ଦ୍ଧ୍ୱ ବିମାନ ସାମିଲ ହୋଇଥିଲେ। ବିମାନଗୁଡ଼ିକ ଭଜନ କୀର୍ତ୍ତନ ସହ ଅବିର ରଙ୍ଗ ଓ ଲୋଉଡ଼ି ଖେଳି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ମେଳଣ ପଡିଆରୁ ମା' ବ୍ରାହ୍ମଣୀ ଦେବୀଙ୍କ ପୀଠ ସମ୍ମୁଖକୁ ଆସିଥିଲେ। ପରେ ଭୋଗ ନୈବେଦ୍ୟ ସହ ଦକ୍ଷିଣା ଦିଆଯାଇଥିଲା। ମେଳଣ କମିଟି ସଭାପତି ବଟକୃଷ୍ଣ ପଣ୍ଡା, ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ, ପାଣ୍ଡବ ଚରଣ ବେହେରା, ବାଇଧର ସାହୁ, ରଘୁନାଥ ପ୍ରଧାନ, କୈଳାସ ଚନ୍ଦ୍ର ରାଉତ, ସୁଶାନ୍ତ ପ୍ରଧାନ, ଦୁଷ୍ମନ୍ତ କୁମାର ବଳ, ପ୍ରମୋଦ ଦାସ, ପ୍ରତାପ ପ୍ରଧାନ, ପ୍ରଫୁଲ ସାହୁ, ପ୍ରବିତ୍ର ସାହୁ, ଶତ୍ରୁଘ୍ନ ସାହୁ, ଶୁଭେନ୍ଦୁ ବେହେରା, ବସନ୍ତ ସାହୁଙ୍କ ସମେତ ମେଳଣ କମିଟିର ସମସ୍ତ ସଭ୍ୟ ମେଳଣ ପରିଚାଳନାରେ ସହଯୋଗ କରିଥିଲେ। ଜେନାପୁର ଥାନା ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା।

# ଆଜିଠାରୁ ରାଜ୍ୟସ୍ତରୀୟ ବାସ୍କେଟବଲ୍ ପ୍ରତିଯୋଗିତା

**ଯାଜପୁର ଟାଉନ, ୧୨।୩ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଯାଜପୁର ଜିଲା କ୍ରୀଡ଼ା ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ଜୁନିୟର ବାଳକ ଓ ବାଳିକା ବାସ୍କେଟବଲ୍ ପ୍ରତିଯୋଗିତା ମାର୍ଚ୍ଚ ୧୩ ଶୁକ୍ରବାରଠାରୁ ୧୫ ତାରିଖ ରବିବାର ଯାଏ ଅନୁଷ୍ଠିତ ହେବ। ଏଥିରେ ରାଜ୍ୟର ବିଭିନ୍ନ ସ୍ଥାନରୁ ୬ ପୁରୁଷ ଦଳ ଏବଂ ୪ ମହିଳା ଦଳ ଅଂଶଗ୍ରହଣ କରିବେ। ୧୩ ତାରିଖ ସନ୍ଧ୍ୟାରେ ଉଦ୍‌ଘାଟନୀ ମ୍ୟାଚ୍ ଏବଂ ୧୫ ତାରିଖ ସନ୍ଧ୍ୟାରେ ଫାଇନାଲ ମ୍ୟାଚ୍ ଖେଳାଯିବ। ବ୍ରହ୍ମପୁର, ପୁରୀ, କଟକ, ଭୁବନେଶ୍ୱର, ଭଦ୍ରକରୁ ଆସିଥିବା ଟିମ୍ ଏହି କ୍ରୀଡ଼ା ପ୍ରତିଯୋଗିତାରେ ଭାଗନେବେ। ପ୍ରଶାସନ ପକ୍ଷରୁ ଇଣ୍ଡୋର ଷ୍ଟାଡିୟମଠାରେ ଖେଳାଳିଙ୍କ ରହଣି ଏବଂ ଖାଦ୍ୟପେୟ ପାଇଁ ସମସ୍ତ ପ୍ରକାର ସୁବିଧା କରାଯାଇଛି। ଖେଳାଳିଙ୍କ ଗମନାଗମନ ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଛି। ସେହିଭଳି ହକି ଷ୍ଟାଡିୟମ କମ୍ପ୍ଲେକ୍ସରେ ପ୍ରତିଯୋଗିତାରେ ନିୟୋଜିତ ଅଧିକାରୀ ଏବଂ ଅଫିସିଆଲଙ୍କ ରହଣି ପାଇଁ ସୁବିଧା କରାଯାଇଛି। ମୋଟ ୧୨୦ ଜଣ ଖେଳାଳି ଏଥିରେ ଭାଗ ନେଉଛନ୍ତି। ଏନେଇ

ଗରୁବାର ଏକ ଖବରଦାତା ସମ୍ମିଳନୀ ସ୍ଥାନୀୟ ଇଣ୍ଡୋର ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ହୋଇଛି। ଏଥିରେ ଅତିରିକ୍ତ ଜିଲାପାଳ ଯୁଧିଷ୍ଠିର ନାଏକ ଯୋଗଦେଇ ବାସ୍କେଟବଲ୍ ପ୍ରତିଯୋଗିତା ସମ୍ବନ୍ଧୀୟ ସୂଚନା ପ୍ରଦାନ କରିଥିଲେ। ଏହି ସମ୍ମିଳନୀରେ ଜିଲା କ୍ରୀଡ଼ା ଅଧିକାରୀ ଫକୀର ମୋହନ ଟୁଡୁ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଓ ଉପଖଣ୍ଡ ଲୋକସମ୍ପର୍କ ଅଧିକାରୀ ସତ୍ୟବ୍ରତ ପାଣିଗ୍ରାହୀ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ରାଜ୍ୟସ୍ତରୀୟ ବାସ୍କେଟବଲ୍ ପ୍ରତିଯୋଗିତା ନେଇ ସୂଚନା ଦିଆଯାଉଛି।

# ସମାଜ ସଂସ୍କାରକ ଥିଲେ ପରମାନନ୍ଦ


ସ୍ୱାଧୀନତା ସଂଗ୍ରାମୀ ପରମାନନ୍ଦ ମହାନ୍ତିଙ୍କ ଜୟନ୍ତୀ ଉତ୍ସବରେ ଯୋଗଦେଇଥିବା ଅତିଥି ପୁସ୍ତକ ଉନ୍ମୋଚନ କରୁଛନ୍ତି।

**ରସୁଲପୁର, ୧୨।୩(ରଞ୍ଜିତ ରାଉତ):**

ରସୁଲପୁର ବ୍ଲକ ସମ୍ମିଳନୀ କକ୍ଷରେ ବୁଧବାର କୁଆଖିଆ ପ୍ରେସ୍ କ୍ଲବ ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ତଥା ଯାଜପୁରର ଗାନ୍ଧିବାଦୀ ନେତା ସ୍ୱର୍ଗତ ପରମାନନ୍ଦ ମହାନ୍ତିଙ୍କ ୧୧୦ତମ ଜୟନ୍ତୀ ପାଳିତ ହୋଇଯାଇଛି। କ୍ଲବ ସଭାପତି ବିଶ୍ୱନାଥ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିଥିମାନେ ବ୍ଲକ ପରିସରରେ ଥିବା ପରମାନନ୍ଦଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ, ମୁଖ୍ୟବକ୍ତା ଭାବରେ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ, ସମ୍ମାନିତ ଅତିଥି ଭାବରେ ଯାଜପୁର ଜିଲାପାଳ ଅମ୍ବର କୁମାର କର, ଅଧ୍ୟାପକ ବିରଞ୍ଚି ନାରାୟଣ ଦାସ ଓ ଅଚ୍ୟୁତାନନ୍ଦ ମହାନ୍ତି ପ୍ରମୁଖ ଯୋଗଦେଇ ସ୍ୱାଧୀନତା ସଂଗ୍ରାମୀ ମହାନ୍ତି ଏକାଧାରରେ ଜଣେ ସମାଜ ସଂସ୍କାରକ, ଗାନ୍ଧି ବିଚାରଧାରର ପ୍ରଚାରକ, ଗ୍ରାମୀଣ ନ୍ୟାୟନିଷ୍ଠାପର ଧୁରୀଣ ବିଚାରକ, ଜମିଦାରୀପ୍ରଥା ସୁଧାରକ, ସୁ-ଶାସକ ଭାବରେ ଜନସାଧାରଣରେ ପରିଚିତ ଥିଲେ ବୋଲି କହିଥିଲେ। ଏଥିସହିତ ତାଙ୍କ ବିଚାରଧାରା ଦ୍ୱାରା ଯୁବ ସମାଜ କାର୍ଯ୍ୟକରି ସମାଜରେ ଗାନ୍ଧୀଙ୍କ ବିଚାଧାରାକୁ ପ୍ରତିଷ୍ଠା କରିବାରେ ବର୍ତ୍ତି ହେବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଯୁବକମାନେ ସ୍ୱାଧୀନତା ସଂଗ୍ରାମୀଙ୍କ ଜୀବନୀ ସମ୍ପର୍କରେ ଅଧ୍ୟୟନ କରିବାରେ ଆଗ୍ରହ ସୃଷ୍ଟି କରିବା ସହ ପ୍ରତ୍ୟେକ ବ୍ଲକ ହେଡକ୍ୱାର୍ଟରେ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରି ସେମାନଙ୍କ ଜୟନ୍ତୀ ଓ ଶ୍ରାଦ୍ଧ ଦିବସ ପାଳନ କଲେ ଆଗାମୀ ପିଢି ସେମାନଙ୍କୁ ମନେ ରଖିପାରିବେ ବୋଲି ଅତିଥି ପ୍ରକାଶ କରିଥିଲେ। କ୍ଲବର ଉପ-ସଭାପତି କାଳନ୍ଦି ଚରଣ କଣ୍ଠ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଂପାଦକ ପ୍ରଶାନ୍ତ ନାୟକ ସଂପାଦକୀୟ ବିବରଣୀପାଠ କରିଥିଲେ। ଉକ୍ତ ସମାରୋହରେ ଗୋକର୍ଣ୍ଣିକା ସମ୍ପାଦକ ରମାକାନ୍ତ ଜେନା, ସାମାଜିକକର୍ମୀ ଗୋପିନାଥ ପତି, ଉତ୍କଳ ସାମ୍ବାଦିକ ସଂଘ ସଂପାଦକ ବେଣୁଧର ପଣ୍ଡା, ସାମ୍ବାଦିକ ସଂଘ ନେତା ଅବିନେଶ୍ୱର ଶତପଥୀ, ଭାଜପା ନେତା କାହ୍ନୁଚରଣ ଦାଶ, ଜିଲାପରିଷଦ ସଦସ୍ୟ ଶିଶିର ମହାନ୍ତି, ଶିକ୍ଷାବିତ୍ କୈଳାସ ଚନ୍ଦ୍ର ନାୟକ, ରସୁଲପୁର ସଚେତନ ନାଗରିକ ମଞ୍ଚ ସଭାପତି ବିଶ୍ୱଜିତ୍ ମହାନ୍ତି, ଅଧ୍ୟାପକ ସମରେନ୍ଦ୍ର ଦାଶ, ଖବରଦାତା ଇନ୍ଦ୍ରମଣି ନାୟକ, ଅଖିଳ ସ୍ୱାଇଁ, ମାନସ ରଞ୍ଜନ ଜେନା, ଗଗନ ବିହାରି ଦାସ, ଚିନ୍ମୟ ନାୟକ, ସରପଞ୍ଚ ସୁରେନ୍ଦ୍ର ତିଆଡି ପ୍ରମୁଖ ଯୋଗଦେଇଥିଲେ। ଅଧ୍ୟାପକ ବିରଞ୍ଚି ନାରାୟଣ ଦାସଙ୍କ ସ୍ୱ-ରଚିତ 'ଗାନ୍ଧି ମଣିଷ ପରମାନନ୍ଦ'କୁ ଅତିଥିଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ଯୁବ ଉଦ୍ୟୋଗୀ ତଥା ସାମାଜିକ କର୍ମୀ ଜନ୍ମେଜୟ ସାହୁଙ୍କୁ ପରମାନନ୍ଦ ସ୍ମୃତି ସମ୍ମାନ-୨୦୨୬ରେ ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। କ୍ଲବ ପକ୍ଷରୁ ଶରତ ଚନ୍ଦ୍ର ଦାସ, ପ୍ରକାଶ ଚନ୍ଦ୍ର ରଥ, ନିଗମାନନ୍ଦ ମହାନ୍ତି, ଅଞ୍ଜନ ପତି, ପଦ୍ମଲୋଚନ ନାୟକ, ସଞ୍ଜୀବ ସାହୁ, ଅମୂଲ୍ୟ ବରାଳ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଖବରଦାତା କୈଳାସ ଚନ୍ଦ୍ର ରାଉତ ଧନ୍ୟବାଦ ଦେଇଥିଲେ।

# ଅସଦାଚରଣ ମାମଲାରେ ଦୋଷୀଙ୍କୁ ୩ ବର୍ଷ କାରାଦଣ୍ଡ

**ଯାଜପୁର ଟାଉନ, ୧୨।୩ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଜଣେ ନାବାଳିକାଙ୍କୁ ଅସଦାଚରଣ ମାମଲାର ଗତ ୧୦ ତାରିଖରେ ରାୟ ପ୍ରକାଶ ପାଇଛି। ଯାଜପୁର ଅତିରିକ୍ତ ଜିଲା ଓ ଦୌରା ଜଜ୍ ଶରତ କୁମାର ଦେହୁରୀ ମାମଲାର ବିଚାର କରି ଦୋଷୀଙ୍କୁ ୩ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ୩ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ୩ମାସ ଅଧିକ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୦୧୬ ମସିହାରେ ଜଣେ ୬ବର୍ଷୀୟା ନାବାଳିକା ବିଲରେ ଖେଳୁଥିବା ସମୟରେ ବଡ଼ଚଣା ଥାନା ଅଞ୍ଚଳର ଅଖନ ଗୁଇଁ(୩୫) ତାଙ୍କୁ ଅସଦାଚରଣ କରିଥିଲେ। ଏହାଦେଖି ଅନ୍ୟମାନେ ଦୌଡ଼ି ଆସିବାରୁ ଅଭିଯୁକ୍ତ ନାବାଳିକାଙ୍କୁ କିଆଁବୁଦାକୁ ଠେଲି ଦେଇ ପଳାଇ ଯାଇଥିଲେ। ଏନେଇ ନାବାଳିକାଙ୍କ ପରିବାରଲୋକେ ବଡ଼ଚଣା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ.୩୨୯/୧୬ରେ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ଅଖନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ବିଚାରପତି ୮ଜଣ ସାକ୍ଷୀଙ୍କ ବୟାନ ଓ ପୋଲିସର ଦସ୍ତାବିଜ୍‌କୁ ଆଧାର କରି ଉପରୋକ୍ତ ରାୟ ଶୁଣାଇଛନ୍ତି। ମାମଲାକୁ ସରକାରଙ୍କ ପକ୍ଷରୁ ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟର ଅଲିପ୍ ନାୟକ ପରିଚାଳନା କରିଥିଲେ।

# ମୁଖ୍ୟମନ୍ତ୍ରୀ ବସ୍ ସେବା ଗାଡ଼ିକୁ ଧକ୍କାଦେଲା ହାଇୱା

**ଯାଜପୁର ସଦର, ୧୨।୩ (ସମର ବିଜୟ ଶରଣ):**

କୁଆଖିଆ-ସାତଭାୟା ୨୦ନମ୍ବର ଜାତୀୟ ରାଜପଥର ଖରସ୍ରୋତା ପୋଲ ଉପରେ ଗୁରୁବାର ମୁଖ୍ୟମନ୍ତ୍ରୀ ବସ୍ ସେବାର ଏକ ଗାଡ଼ିକୁ ବାଲି ବୋଝେଇ ହାଇୱା ଧକ୍କା ଦେଇଛି। ଏଥିରେ ମୁଖ୍ୟମନ୍ତ୍ରୀ ବସ୍ ସେବା ଗାଡ଼ି କ୍ଷତିଗ୍ରସ୍ତ ହୋଇଥିବାବେଳେ ଯାତ୍ରୀ ବର୍ତ୍ତି ଯାଇଛନ୍ତି। ଅପରାହ୍ନ ୧ଟା୩୦ରେ ଓଡି୩୪ଟି୬୫୯୨



ଗାଡ଼ି ଯାଜପୁର ଟାଉନରୁ ଯାତ୍ରୀନେଇ ବରୁଆଁ ଅଭିମୁଖେ ଯାଉଥିଲା। ଏହି ସମୟରେ ସମ୍ମୁଖ ଦିଗରୁ ଆସୁଥିବା ବାଲି ବୋଝେଇ ହାଇୱା ଓଡି୨୨ଏସି୯୭୫୭ ଏକ ବାଇକକୁ ଅତିକ୍ରମ କରିବା ସମୟରେ ବସର ଡାହାଣ ପର୍ଶ୍ୱକୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ସେଠାରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ଫଳରେ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ଖବର ପାଇ ଯାଜପୁର ସଦର ଥାନା ପୋଲିସ ପହଞ୍ଚି ଉଭୟ ଗାଡ଼ିକୁ ଜବତ କରି ଥାନାକୁ ନେଇଥିଲା। ଏହି ବ୍ୟସ୍ତବହୁଳ ରାସ୍ତା ଦେଇ ଦୈନିକ ବେଆଇନଭାବେ ବାଲି ବୋଝେଇ ହାଇୱା ଦ୍ରୁତ ଗତିରେ ଯିବାଆସିବା କରିବା ଦ୍ୱାରା ବହୁ ଦୁର୍ଘଟଣା ଘଟୁଛି ଓ ବହୁ ମୂଲ୍ୟବାନ ଧନ ଜୀବନ ନଷ୍ଟ ହେଉଛି। ଜିଲା ପ୍ରଶାସନ ସବୁ ଜାଣି ଅଜଣା ଭଳି ଏସବୁକୁ ଦେଖି ଆଖି ବୁଜି ଦେଉଛି ବୋଲି ଅଭିଯୋଗ ହୋଇଛି। ତେଣୁ ବରୁଆଁଠାରୁ ଯାଜପୁର ଜିଲା ମୁଖ୍ୟାଳୟ ପର୍ଯ୍ୟନ୍ତ ଯାନବାହନ ଚଳାଚଳ ବ୍ୟବସ୍ଥା ପ୍ରତି ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

# ବଡ଼ମଠ ଶ୍ରୀକୃଷ୍ଣ ମେଳଣ ଉଦ୍‌ଯାପିତ


ଦୋଳ ମଣ୍ଡପରେ ଶ୍ରୀଜୀଉ।


ମେଳଣ ଅବସରରେ ଆୟୋଜିତ ଘୋଡ଼ାନାଚ।

**ବିଞ୍ଝାରପୁର, ୧୨।୩ (ରାମକୃଷ୍ଣ ଦାସ):**

ଦୋଳ ଅବସରରେ ବିଞ୍ଝାରପୁର ବ୍ଲକ୍ ଅଧୀନ ମାଁସଡ଼ା ପଞ୍ଚାୟତର କଲ୍ୟାଣେଶ୍ୱରଛକସ୍ଥିତ ମେଳଣ ପଡ଼ିଆରେ ଶ୍ରୀଶ୍ରୀଶ୍ରୀ କିଶୋର କିଶୋରୀ ଜୀଉ ବଡ଼ମଠ ଶ୍ରୀକୃଷ୍ଣ ମେଳଣ ଉତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବରେ ବିଞ୍ଝାରପୁର ଅଞ୍ଚଳର ବିଭିନ୍ନ ପ୍ରାନ୍ତରୁ ଗିରିଧାରୀ ଜୀଉ, ମଦନମୋହନ ଜୀଉ, ଗୋପୀନାଥ ଜୀଉ, ରାଧାରମଣ ଜୀଉ, କିଶୋରକିଶୋରୀ ଜୀଉ, ଗୋବିନ୍ଦ ଜୀଉ, ଦାମୋଦର ଜୀଉ, ବ୍ରଜମୋହନ ଜୀଉ କୁଞ୍ଜ ସଦୃଶ ଦୋଳ ବିମାନରେ ପାରମ୍ପରିକ କାଠି ନାଚ, ସାପ ନାଚ, ଘୋଡ଼ା ନାଚ, ଷଣ୍ଢ ନାଚ, ଘୁମୁରା ନୃତ୍ୟ, ଭଜନ ଓ ସଂକୀର୍ତ୍ତନ ଶୋଭାଯାତ୍ରାରେ ବିଭିନ୍ନ ଗ୍ରାମ ପରିକ୍ରମା କରି ସକାଳେ ମେଳଣ ମଣ୍ଡପରେ ପହଞ୍ଚିଥିଲେ। ଏଠାରେ ଶ୍ରୀଜୀଉମାନଙ୍କ ଯଥାବିଧି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ଶେଷ ପର୍ଯ୍ୟାୟରେ ଅବିର ରଙ୍ଗ ଖେଳି ମେଳଣ ସମାପନ କରାଯାଇଥିଲା। ବରିଷ୍ଠ ବିଜେଡି ନେତା ରାମଚନ୍ଦ୍ର ବେହେରାଙ୍କ ଆବାହକତ୍ୱରେ ଗ୍ରାମବାସୀଙ୍କ ପକ୍ଷରୁ ଶ୍ୟାମସୁନ୍ଦର ବେହେରା, ସପନ ଦାସ, ଦିବାକର ସାହୁ, ନୃସିଂହ ମିଶ୍ର, ବିଜୟ ଚାନ୍ଦ, ରବୀନ୍ଦ୍ର ବେହେରା, ସଞ୍ଜୟ ବେହେରା, ଦିଲୀପ ବେହେରା, ବରୁଣ ସ୍ୱାଇଁ, ରାମକୃଷ୍ଣ ମିଶ୍ର, ଶିବପ୍ରସାଦ ବେହେରା, ବିବେକାନନ୍ଦ ଦାସ, ଗଙ୍ଗାଧର ଯେନା, ବିଜୟ ରାଉତ, ମହେନ୍ଦ୍ର ଜେନା, ବୁଦ୍ଧଦେବ ବେହେରା, ବିଜୟ ରାଉତ, ରବୀନ୍ଦ୍ର ସ୍ୱାଇଁ, କ୍ଷୀରୋଦ ସାଇଁ, ସମର ପଣ୍ଡା, ପ୍ରଶାନ୍ତ ମିଶ୍ର, ଗୁରୁପ୍ରସାଦ ମିଶ୍ର ଅଜୟ ଚାନ୍ଦ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ।

# ଧାନ ସଂଗ୍ରହରେ ବାଧା: ୬୯ ମଣ୍ଡି ନୋଡାଲ ଅଫିସରଙ୍କ ଦରମା ବନ୍ଦ

## କାରଣ ଦର୍ଶାଅ ନୋଟିସର ମହଲତ ଆଜି ସରୁଛି

ଜଗତ୍‌ସିଂହପୁର, ୧୨।୩
(ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲାରେ ମଣ୍ଡିଗୁଡ଼ିକରେ ଧାନ ସଂଗ୍ରହ ଚାଲିଥିବାବେଳେ ମିଲରଙ୍କ ଅଭାବ ସମସ୍ୟା ସୃଷ୍ଟି କରିଛି। ଏନେଇ ଚାଷୀ ମହଲରେ ଅସନ୍ତୋଷ ଦେଖାଦେଇଥିବାବେଳେ ମଣ୍ଡି ଦାୟିତ୍ୱରେ ଥିବା ୬୯ ନୋଡାଲ ଅଫିସର ବେଆଇନ ଭାବେ ଗତ ଫେବୃଆରୀ ୧୨ରୁ ୨୦ ତାରିଖ ମଧ୍ୟରେ ବିଭିନ୍ନ ଦିନଛୁଟିରେ ରହିବା ଚିନ୍ତାର କାରଣ ହୋଇଛି। ଏ ସମ୍ପର୍କରେ ଅଭିଯୋଗ ହେଲାପରେ ଜିଲାପାଳ ଜେ. ସୋନାଲ ପ୍ରାଥମିକ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ନୋଡାଲ ଅଫିସରମାନଙ୍କ ମାର୍ଚ୍ଚ ମାସର ଦରମା ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବନ୍ଦ କରିଛନ୍ତି। ଏଥିସହ କର୍ତ୍ତବ୍ୟରେ ଅବହେଳା ଦର୍ଶାଇ ୩ ଦିନ ମଧ୍ୟରେ କାରଣ ଦର୍ଶାଇବାକୁ ନୋଟିସ ଜାରି କରିଛନ୍ତି। ଏହାର ଅବଧି ଶୁକ୍ରବାର ସରୁଛି। ଏଥିରେ ଉଲ୍ଲେଖ ଅଛି ଧାର୍ଯ୍ୟ ସମୟ ଭିତରେ ଉତ୍ତର ନ ଦେଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଜିଲାର ପାକ୍ସ/ଡବ୍ଲ୍ୟୁଏସ୍‌ଏଚ୍‌ଜି ଧାନ ସଂଗ୍ରହ କେନ୍ଦ୍ରଗୁଡ଼ିକରେ ସୁରୁଖୁରୁରେ ଧାନ ସଂଗ୍ରହ ପାଇଁ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ), ରାଜସ୍ୱ ନିରୀକ୍ଷକ (ଆର୍‌ଆଇ), ସହକାରୀ ରାଜସ୍ୱ ନିରୀକ୍ଷକ (ଏଆର୍‌ଆଇ), ଗ୍ରାମ କୃଷି କର୍ମଚାରୀ (ଭିଏଡବ୍ଲ୍ୟୁ) ଆଦିଙ୍କୁ ମଣ୍ଡି ନୋଡାଲ ଅଫିସର ଭାବେ ନିଯୁକ୍ତି ଦିଆଯାଇଛି। କିନ୍ତୁ ସେମାନଙ୍କ ମଧ୍ୟରୁ ୬୯ଟି କେନ୍ଦ୍ରରେ ନୋଡାଲ ଅଫିସରମାନଙ୍କ ଦରମା ବନ୍ଦ ହୋଇଛି। ସେମାନଙ୍କ ମଧ୍ୟରେ ଜଗତ୍‌ସିଂହପୁର ବ୍ଲକ୍‌ର ଗୋପବନ୍ଧୁ ଆର୍‌ଆଇ, ଗୋପାଳଜୀଉ ପିଇଓ, ହନୁମାନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଆର୍‌ଆଇ, କଣ୍ଟାବଲ୍ଲଭପୁର ଆର୍‌ଆଇ, ଲକ୍ଷ୍ମୀନାରାୟଣ ପିଇଓ, ମା'ବୁଢ଼ୀ ବାସୁଲେଇ ଡବ୍ଲ୍ୟୁଏସ୍‌ଏଚ୍‌ଜି ଆର୍‌ଆଇ, ଶାଳଜଙ୍ଗା ଭିଏଡବ୍ଲ୍ୟୁ, ସାଁପୁର ପିଇଓ, ସିଂଘାରପୁର ଏଓ ଓ ସଭାମୂଳ ପିଇଓଙ୍କ ଦରମା ବନ୍ଦ ହୋଇଛି। ସେହିପରି ବିରିଡ଼ି ବ୍ଲକ୍‌ର ଅଡ଼ଙ୍ଗଗଡ଼ ପିଇଓ, ଅଲାଣ୍ଡୋ ପିଇଓ, ଗୋପୀନାଥପୁର ଆର୍‌ଆଇ, ମଙ୍ଗୁଲି ଭିଏଡବ୍ଲ୍ୟୁ, ପୁରଣ ପିଇଓ, ଉତ୍ତରଶାସନ ଭିଏଡବ୍ଲ୍ୟୁ, କୁଜଙ୍ଗ ବ୍ଲକର ଅଗପାଳ ପିଇଓ, ଭୂତମୁଣ୍ଡେଇ ଏଓ, ଗାରେଇ ପିଇଓ, ଗୋପିଆକୁଦ ପିଇଓ, ହଂସୁରା ପିଇଓ, ମଲ୍ଲାସାହି ଆର୍‌ଆଇ, ନପଙ୍ଗା ପିଇଓ, ପଙ୍କପାଳ ପିଇଓ, ସାଇଲୋ ଭିଏଡବ୍ଲ୍ୟୁ, ସାରଳା ପିଇଓ ଓ ସିଜୁ ପିଇଓଙ୍କ ଦରମା ବନ୍ଦ କରାଯାଇଛି। ବାଲିକୁଦା ବ୍ଲକ୍‌ର ଅଳାବୋଳ ପିଇଓ, ଅପଣ୍ଡରା ପିଇଓ, ବରମୁଣ୍ଡଳୀ ପିଇଓ, ବୋରିକିନା ପିଇଓ, ଦୁଆ ପିଇଓ, ଇଚ୍ଛାପୁର ପିଇଓ, କାଳିଓ ପିଇଓ, ମାଛଗାଁ ପିଇଓ, ମୂଲୁଗାଁ ଏଆର୍‌ଆଇ, ନାଗପୁର ଭିଏଡବ୍ଲ୍ୟୁ, ନହରଣା ପିଇଓ, ସଂଗ୍ରାମପୁର ପିଇଓ, ସୋଭା ଆର୍‌ଆଇ ଓ ଶ୍ରୀବାସୁଦେବ ଏସ୍‌ଏଚ୍‌ଜି ଭିଏଡବ୍ଲ୍ୟୁଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇଛି। ଏରସମା ବ୍ଲକ୍‌ର ଭିତର ଅନ୍ଧାରୀ ପିଇଓ, ଦଶିପୁର ଆର୍‌ଆଇ, ଢିଙ୍କିଆ ପିଇଓ, ଏରସମା ଆର୍‌ଆଇ, ଗଡ଼ହରିଶପୁର ପିଇଓ, ମା ଶାରଳା ଡବ୍ଲ୍ୟୁଏସ୍‌ଏଚ୍‌ଜି ଆର୍‌ଆଇ, ନୂଆଡିହି ପିଇଓ, ପଇଦା ପିଇଓ, ତିର୍ତ୍ତୋଲ ବ୍ଲକ୍‌ର ବୋଧେଇ ପିଇଓ, ଜନକଲ୍ୟାଣ ପିଇଓ, କୋଲର ପିଇଓ, କୃଷ୍ଣାନନ୍ଦପୁର ଭିଏଡବ୍ଲ୍ୟୁ, ସାମନ୍ତରାପୁର ପିଇଓ, ସନ୍ଥ ବିନୋବା ଭିଏଡବ୍ଲ୍ୟୁ, ତରଜଙ୍ଗା ପିଇଓ, ତିର୍ତ୍ତୋଲ ପିଇଓ ଓ ତୁଳଙ୍ଗ ଆର୍‌ଆଇଙ୍କ ଦରମା ବନ୍ଦ ହୋଇଛି। ରଘୁନାଥପୁର ବ୍ଲକର ଛପଡ଼ା ପିଇଓ, ଗୁଆଲିପୁର ପିଇଓ, ଜିରା ଆର୍‌ଆଇ, ପୁରୁଣାବସନ୍ତ ପିଇଓ, ରାଢ଼ଙ୍ଗ ଭିଏଡବ୍ଲ୍ୟୁ, ରେଢୁଆ ପିଇଓ, ନାଉଗାଁ ବ୍ଲକର ଡେରିକି ପିଇଓ, ନାଉଗାଁ ଆର୍‌ଆଇ, ଶିଖର ପିଇଓ ଓ ତିରୁଣା ପିଇଓଙ୍କ ମଧ୍ୟ ଦରମା ବନ୍ଦ ହୋଇଥିବା ଜଣାଯାଇଛି। ଆଗକୁ ଦେଖିବାର ଅଛି ନୋଡାଲ ଅଫିସରମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି କି ଡରାଯାଇ ଛାଡ଼ି ଦିଆଯାଉଛି।

# ପୋର୍ଟ ଡ୍ରେଜର ଭିତରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯନ୍ତ୍ରୀ ମୃତ

ପାରାଦୀପ, ୧୨।୩(ଶରତ ରାଉତ)



ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳ ମଧ୍ୟରେ ଗୁରୁବାର ଡ୍ରେଜର ଜାହାଜରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିବାରୁ ଜଣେ ଯନ୍ତ୍ରୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ କୁଜଙ୍ଗ ଥାନା ଅନ୍ତର୍ଗତ ବିଜିପୁର ଗ୍ରାମର ସ୍ମୃତିରଞ୍ଜନ ପଣ୍ଡା (୩୨)। ସେ ସାଧବ ଶିପିଂ ନାମକ ଠିକାସଂସ୍ଥା ଅଧୀନରେ କାମ କରୁଥିଲେ। ପୋତାଶ୍ରୟ ଖନନ କରୁଥିବା ଡ୍ରେଜର ମଧ୍ୟରେ ଗୁରୁବାର କାର୍ଯ୍ୟରତ ଥିଲାବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବାରୁ ଅଚେତ୍ ହୋଇଯାଇଥିଲେ। ତାଙ୍କୁ କମ୍ପାନୀ କର୍ମଚାରୀମାନେ ଉଦ୍ଧାର କରି ପ୍ରଥମେ ପୋର୍ଟ ହସ୍ପିଟାଲରେ ଓ ପରେ କଟକ ବଡ ଡାକ୍ତରଖାନା ସ୍ଥାନାନ୍ତର କରିଥିଲେ। ପୋର୍ଟ ଆମ୍ବୁଲାନ୍ସ ଜରିଆରେ କଟକ ନିଆଗଲାବେଳେ ତାଙ୍କ ଅବସ୍ଥା ଜଟିଳ ହେବାରୁ କୁଜଙ୍ଗ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ସ୍ମୃତିରଞ୍ଜନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିବାର ଆଶଙ୍କା ଥିବାରୁ ସ୍ୱାସ୍ଥ୍ୟକେନ୍ଦ୍ରରେ ପାରାଦୀପ ଲକ୍ ଥାନା ଓ କୁଜଙ୍ଗ ଥାନା ପକ୍ଷରୁ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। ସନ୍ଧ୍ୟାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ କମ୍ପାନୀ ସୂଚନା ଆଧାରରେ ପାରାଦୀପ ଆଦର୍ଶ ଥାନାରେ ଅପମୃତ୍ୟୁ ମାମଲା (ନଂ.୭/୨୬) ରୁଜୁ କରାଯାଇଛି।

# ଆଜିଠାରୁ ରାଜ୍ୟସ୍ତରୀୟ ବାସ୍କେଟବଲ୍ ପ୍ରତିଯୋଗିତା



ଖବରଦାତା ସମ୍ମିଳନୀରେ ରାଜ୍ୟସ୍ତରୀୟ ବାସ୍କେଟବଲ୍ ପ୍ରତିଯୋଗିତା ନେଇ ସୂଚନା ଦିଆଯାଉଛି।

ଯାଜପୁର ଟାଉନ, ୧୨।୩
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଯାଜପୁର ଜିଲା କ୍ରୀଡ଼ା ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ଜୁନିୟର ବାଳକ ଓ ବାଳିକା ବାସ୍କେଟବଲ୍ ପ୍ରତିଯୋଗିତା ମାର୍ଚ୍ଚ ୧୩ ଶୁକ୍ରବାରଠାରୁ ୧୫ ତାରିଖ ରବିବାର ଯାଏ ଅନୁଷ୍ଠିତ ହେବ। ଏଥିରେ ରାଜ୍ୟର ବିଭିନ୍ନ ସ୍ଥାନରୁ ୬ ପୁରୁଷ ଦଳ ଏବଂ ୪ ମହିଳା ଦଳ ଅଂଶଗ୍ରହଣ କରିବେ। ୧୩ ତାରିଖ ସନ୍ଧ୍ୟାରେ ଉଦ୍‌ଘାଟନୀ ମ୍ୟାଚ୍ ଏବଂ ୧୫ ତାରିଖ ସନ୍ଧ୍ୟାରେ ଫାଇନାଲ ମ୍ୟାଚ୍ ଖେଳାଯିବ। ବ୍ରହ୍ମପୁର, ପୁରୀ, କଟକ, ଭୁବନେଶ୍ୱର, ଭଦ୍ରକରୁ ଆସିଥିବା ଟିମ୍ ଏହି କ୍ରୀଡ଼ା ପ୍ରତିଯୋଗିତାରେ ଭାଗନେବେ। ପ୍ରଶାସନ ପକ୍ଷରୁ ଇଣ୍ଡୋର ଷ୍ଟାଡିୟମଠାରେ ଖେଳାଳିଙ୍କ ରହଣି ଏବଂ ଖାଦ୍ୟପେୟ ପାଇଁ ସମସ୍ତ ପ୍ରକାର ସୁବିଧା କରାଯାଇଛି। ଖେଳାଳିଙ୍କ ଗମନାଗମନ ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଛି। ସେହିଭଳି ହକି ଷ୍ଟାଡିୟମ କମ୍ପ୍ଲେକ୍ସରେ ପ୍ରତିଯୋଗିତାରେ ନିୟୋଜିତ ଅଧିକାରୀ ଏବଂ ଅଫିସିଆଲଙ୍କ ରହଣି ପାଇଁ ସୁବିଧା କରାଯାଇଛି। ମୋଟ ୧୨୦ ଜଣ ଖେଳାଳି ଏଥିରେ ଭାଗ ନେଉଛନ୍ତି। ଏନେଇ

ଗରୁବାର ଏକ ଖବରଦାତା ସମ୍ମିଳନୀ ସ୍ଥାନୀୟ ଇଣ୍ଡୋର ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ହୋଇଛି। ଏଥିରେ ଅତିରିକ୍ତ ଜିଲାପାଳ ଯୁଧିଷ୍ଠିର ନାଏକ ଯୋଗଦେଇ ବାସ୍କେଟବଲ୍ ପ୍ରତିଯୋଗିତା ସମ୍ବନ୍ଧୀୟ ସୂଚନା ପ୍ରଦାନ କରିଥିଲେ। ଏହି ସମ୍ମିଳନୀରେ ଜିଲା କ୍ରୀଡ଼ା ଅଧିକାରୀ ଫକୀର ମୋହନ ଟୁଡୁ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଓ ଉପଖଣ୍ଡ ଲୋକସମ୍ପର୍କ ଅଧିକାରୀ ସତ୍ୟବ୍ରତ ପାଣିଗ୍ରାହୀ ଉପସ୍ଥିତ ଥିଲେ।

# ମାଲିକଙ୍କ ଅଜାଣତରେ କ୍ଷେତରୁ ମାଟି ତାଡ଼ିନେଲେ ଦୁର୍ବୃତ୍ତ

କୁଜଙ୍ଗ, ୧୨।୩(ମନୋଜ ପ୍ରଧାନ)

କୁଜଙ୍ଗ ଥାନା ଅନ୍ତର୍ଗତ ଫତେପୁର ପଞ୍ଚାୟତ ମିରିଗିଡ଼ିଆକନ୍ଧା ଅଞ୍ଚଳରୁ କେତେଜଣ ଦୁର୍ବୃତ୍ତ ଜଣେ ଜମି ମାଲିକଙ୍କ ଅଗୋଚରରେ ତାଙ୍କ ଜମିରୁ ବ୍ୟାପକ ମାଟି ତାଡ଼ି ନେଇଛନ୍ତି। ଏନେଇ କୁଜଙ୍ଗ ବ୍ଲକ ଅନ୍ତର୍ଗତ ଗୋପିଆକୁଦ ଗ୍ରାମର ସୁଦର୍ଶନ ରାଉତ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ଅଭିଯୋଗରେ ଦର୍ଶାଇଛନ୍ତି, ସେ କଟକରେ ରହି ଆଇନଜୀବୀ ଭାବେ ନିଜ ବୃତ୍ତି ସମ୍ପାଦନ କରିଥାନ୍ତି। ମିରିଗିଡ଼ିଆ କନ୍ଧାରେ ଖାତା ନମ୍ବର ୩୧୩, ଚକ ନମ୍ବର ୪୧୪, ପ୍ଲଟ୍ ନମ୍ବର ୫୦୧ ଓ ଚକ ନମ୍ବର ୪୨୬, ପ୍ଲଟ୍ ନମ୍ବର ୫୧୩ରେ ୧ ଏକର ୮୨ ଡିସିମିଲ ଜମି ରହିଛି। ହଠାତ୍ ସୁଦର୍ଶନ ଜାଣିବାକୁ ପାଇଥିଲେ ଯେ, ତାଙ୍କ ଅନୁପସ୍ଥିତିର ସୁଯୋଗ ନେଇ କୁଜଙ୍ଗ ଥାନା ଅଞ୍ଚଳର କେତେଜଣ ବ୍ୟକ୍ତି ରାତିରେ ଜେସିବି ଓ ହାଇୱା ଜରିଆରେ ତାଙ୍କର ଜମିର ଏକ ବିସ୍ତୃତ ଅଞ୍ଚଳରୁ ବହୁପରିମାଣର ମାଟି ଉଠାଇ ନେଇଛନ୍ତି। ଫଳରେ ତାଙ୍କ ଜମିରେ ପ୍ରାୟ ୩ ଫୁଟ ଗଭୀରର ଗାତ ହୋଇଯାଇଛି। ଏନେଇ ଚଳିତବର୍ଷ ସେ କିପରି ଖରିଫ ଚାଷ କରିବେ ଚିନ୍ତାରେ ପଡ଼ିଥିବା ଦର୍ଶାଇଛନ୍ତି। ପ୍ରକାଶ ଯେ, ଦୁର୍ବୃତ୍ତମାନେ ଗତ କିଛିବର୍ଷ ହେବ ବେଆଇନ ଭାବେ ଶତାଧିକ ଚାଷୀଙ୍କ ଜମିରୁ ମାଟି ତାଡ଼ି ନେଇଛନ୍ତି। ସେମାନଙ୍କ ବିରୋଧରେ ସ୍ଥାନୀୟ ତହସିଲ ଓ ଥାନାରେ ଅଭିଯୋଗ ହେଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା ଅଭିଯୋଗ ହୋଇଆସୁଛି। ଏ ସମ୍ପର୍କରେ କୁଜଙ୍ଗ ଥାନା ଅଧିକାରୀ ବଂଶୀଧର ପ୍ରଧାନଙ୍କୁ ପଚାରିବାରେ ସେ ଅଭିଯୋଗ ପାଇଛନ୍ତି। ଘଟଣାର ତଦନ୍ତ ପାଇଁ ଅଭିଯୁକ୍ତମାନଙ୍କୁ ଡକାଯାଇଥିବା ପ୍ରକାଶ କରିଛନ୍ତି।



# ଅଗ୍ନିକାଣ୍ଡରେ ଜଳିଗଲା ୩ ବଖରା

ବିଞ୍ଝାରପୁର, ୧୨।୩(ରାମକୃଷ୍ଣ ଦାସ):

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଘଣ୍ଟିଆଳି ପଞ୍ଚାୟତ ଲେଙ୍କାସାହି ଗ୍ରାମର ଦୀପକ ଧଳଙ୍କ ଘରେ ଗୁରୁବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ତାଙ୍କର ୩ ବଖରା ଘର ଓ ଗୁହାଳ ସମେତ ଏକ ଛଣଗଦା ଜଳି ପାଉଁଶ ହୋଇଯାଇଛି। ନିଆଁର ପ୍ରକୋପ ଏତେ ପ୍ରଖରଥିଲା ଯେ ଚାହୁଁଚାହୁଁ ସବୁ ଜଳିଯାଇଥିଲା। ସ୍ଥାନୀୟ ଗ୍ରାମବାସୀଙ୍କ ସହୟତାରେ ଗୁହାଳରୁ ଗାଇବାଛୁରୀଙ୍କୁ ଉଦ୍ଧାର କରାଯାଇଥିଲା। ଖବର ପାଇ ବିଞ୍ଝାରପୁର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ହେଲେ ସେତେବେଳକୁ ସବୁକିଛି ଜଳି ପାଉଁଶ ହୋଇ ଯାଇଥିଲା। ଅଗ୍ନି ବିପନ୍ନ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି।

# ମହିମା ଆଶ୍ରମର ବାର୍ଷିକ ଉତ୍ସବ



ମହିମା ଧର୍ମାବଲମ୍ବୀ ପୂଜାର୍ଚ୍ଚନା କରୁଛନ୍ତି।

ବଡ଼ଚଣା, ୧୨।୩
(ଦିଲୀପ କୁମାର ମହାନ୍ତି):

ବଡ଼ଚଣା ବ୍ଲକ ପାରିଆ ପଞ୍ଚାୟତ ଅନ୍ତର୍ଗତ ବରୁଣିଆ ଗ୍ରାମ ପାହାଡ଼ ପାଦଦେଶସ୍ଥିତ ମହିମା ଆଶ୍ରମର ୧୩ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଶ୍ରମର ତତ୍ତ୍ୱାବଧାରକ ଅବଧୂତ ସୁକାନ୍ତ ବାବାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ବ୍ରାହ୍ମ ମୁହୂର୍ତ୍ତରୁ ଅଖଣ୍ଡ ଘୃତ ବତୀ ପ୍ରଜ୍ୱଳନ ସହ ବ୍ରହ୍ମ ଧ୍ୱନି ସ୍ଥାପନ, ଧର୍ମସଭା, ପ୍ରବଚନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମହିମା ଗାଦିର ପରିଚାଳକ ବ୍ରହ୍ମ ଅବଧୂତ ବାବା ପ୍ରସନ୍ନ ଦାସ, ସାଧୁ କ୍ଷମାନନ୍ଦ ଦାସ, ସାଧୁ ହରମୋହନ ଦାସ, ସାଧୁ ଅନାଦି ଦାସ, ସାଧୁ ସୁନାକାର ଦାସ, ସାଧୁ ଯଦୁମଣି ଦାସ, ସାଧୁ ବୈରାଗୀ ଦାସ ପ୍ରମୁଖ ଯୋଗ ଦେଇଥିଲେ। ସ୍ଥାନୀୟ ସରପଞ୍ଚ ବେଣୁଧର ବିଶ୍ୱାଳ, ଭକ୍ତ ନିରଞ୍ଜନ ସ୍ୱାଇଁ, କାଳନ୍ଦୀ ସାହୁ, ଭାସ୍କର ଓଝା, ରମେଶ ଚନ୍ଦ୍ର ସ୍ୱାଇଁ, ବିଜୟାନନ୍ଦ ପଣ୍ଡା, ପ୍ରାକ୍ତନ ସରପଞ୍ଚ ମାନସ ରଞ୍ଜନ ପଣ୍ଡା, ଗୌତମ ରାଉତ, ବିଷ୍ଣୁପ୍ରସାଦ ଲେଙ୍କା, ଶିକ୍ଷାବିତ ଧୀରେନ୍ଦ୍ର ରାଉତ, ଜିତେନ୍ଦ୍ର ନାୟକ, ଶକ୍ତିରଞ୍ଜନ ରାଉତ, ଭିକାରି ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

# ଦୁର୍ଘଟଣାରେ ଆହତ ବ୍ୟବସାୟୀଙ୍କ ମୃତ୍ୟୁ

ଯାଜପୁର ସଦର, ୧୨।୩ (ସମର ବିଜୟ ଶରଣ)

ଦୁର୍ଘଟଣାରେ ଆହତ ହୋଇଥିବା ଯାଜପୁର ବ୍ଲକ ଅନ୍ତର୍ଗତ କବିରପୁର ଗ୍ରାମର ବ୍ୟବସାୟୀ ଅମିୟ କୁମାର ବଳ(୫୨)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ମୃତ୍ୟୁ ହୋଇଛି। ସେ ୧୭।୧୦।୨୦୨୫ରେ ୧୬ନମ୍ବର ଜାତୀୟ ରାଜପଥର କୁଆଖିଆ ବଜାର ନିକଟରେ ବାଇକ ଯୋଗେ ଘରକୁ ଫେରୁଥିବାବେଳେ ଏକ ମାଲ ବୋଝେଇ ଟ୍ରକ ତାଙ୍କ ବାଇକକୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ରାସ୍ତାରେ ପଡ଼ି ଗୁରୁତର ହୋଇଥିଲେ। ତାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅମିୟ ଗଜୀପାଢ଼ୀ ଛକରେ ଚା'ପାନ ଦୋକାନ କରିଥିଲେ। ତାଙ୍କ ପରଲୋକ ଖବର ଜଣାପଡିବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଗଜୀ ପାଢ଼ୀ ଛକର ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ କରାଯିବା ସହ ଶୋକ ପାଳନ କରାଯାଇଛି। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଅନ୍ତିମ ଦର୍ଶନ କରିବା ସହ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ଅମିୟ ଜଣେ ଅତ୍ୟନ୍ତ ମେଳାପି ବ୍ୟକ୍ତି ଥିଲେ। ନିକଟସ୍ଥ ଦଶହରା ପଡ଼ିଆରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଥିଲା।

# ବଳାତ୍କାର ମାମଲାରେ ଦୋଷୀଙ୍କୁ ଆଜୀବନ ଜେଲ

ଯାଜପୁର ଟାଉନ, ୧୨।୩
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଜଣେ ମହିଳାଙ୍କୁ ବଳାତ୍କାର ମାମଲାର ଗତ ୧୧ ତାରିଖରେ ରାୟ ପ୍ରକାଶ ପାଇଛି। ଯାଜପୁର ଅତିରିକ୍ତ ଜିଲା ଓ ଦୌରା ଜଜ୍ ଶରତ କୁମାର ଦେହୁରୀ ମାମଲାର ବିଚାର କରି ଦୋଷୀଙ୍କୁ ଆଜୀବନ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ୧ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ୨ମାସ ଅଧିକ ଜେଲ୍‌ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଆଇନ ସେବା ପ୍ରାଧିକରଣ ପକ୍ଷରୁ ପୀଡ଼ିତାଙ୍କୁ ୫ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ୨୦୧୮ ଜୁନ ୧୫ରେ ଯାଜପୁର ସଦର ଥାନା ସୁଜନପୁର ଅଞ୍ଚଳର ଘୁଙ୍ଗୁର ଓରଫ୍ ବ୍ରଜକିଶୋର ଜେନା ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ମଦପିଇ ଜଙ୍ଗଲରେ ପଡ଼ିଛନ୍ତି ବୋଲି ଆସି କହିଥିଲେ। ମାତ୍ର ଅଭିଯୁକ୍ତ ମହିଳାଙ୍କୁ ବଳାତ୍କାର କରିବା ଉଦ୍ଦେଶ୍ୟରେ ମିଛ କହି ସୁଜନପୁର ପେଟ୍ରୋଲ ପମ୍ପ ପଛ ପଟ ଜଙ୍ଗଲକୁ ନେଇଯାଇଥିଲେ। ସେଠାରେ ମହିଳାଙ୍କୁ ବଳାତ୍କାର କରିଥିଲେ। ମହିଳା ଜଣକ ଆସି ତାଙ୍କ ସ୍ୱାମୀଙ୍କୁ ଘଟଣା ସମ୍ପର୍କରେ କହିବା ସହିତ ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ.୧୧୩/୧୮ରେ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ଘୁଙ୍ଗୁରଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ମାମଲାର ଚୂଡ଼ାନ୍ତ ଶୁଣାଣି କରି ବିଚାରପତି ୧୧ଜଣ ସାକ୍ଷୀଙ୍କ ସାକ୍ଷ୍ୟ, ବୟାନ ଓ ପୋଲିସର ଦସ୍ତାବିଜକୁ ଆଧାର କରି ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ମାମଲାକୁ ସରକାରଙ୍କ ପକ୍ଷରୁ ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟର ଅଲିପ୍ ନାୟକ ପରିଚାଳନା କରୁଥିଲେ। ସୂଚନାଯୋଗ୍ୟ, ମହିଳାଙ୍କ ସ୍ୱାମୀ ବିହାର ଅଞ୍ଚଳର ହୋଇଥିବାବେଳେ ସେ ଦୀର୍ଘଦିନ ଧରି ସୁଜନପୁର ଅଞ୍ଚଳରେ ରହି ଗୁପଚୁପ ବେପାର କରି ଗୁଜୁରାଣ ମେଣ୍ଟାଉଥିଲେ।

# ଯୁବକଙ୍କ ଆତ୍ମହତ୍ୟା

ଯାଜପୁରରୋଡ୍, ୧୨।୩
(ପବିତ୍ର ରଞ୍ଜନ ମହାନ୍ତି)

ବ୍ୟାସନଗର ପୌର ପରିଷଦ ଅନ୍ତର୍ଗତ ମୁଣ୍ଡମାଳ ଡାହିସାହିରେ ଗୁରୁବାର ଜଣେ ଯୁବକ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଛନ୍ତି। ମୃତ ଯୁବକ ହେଲେ ସନ୍ତୋଷ ରାମଙ୍କ ପୁଅ ସୁରଜ ରାମ(୨୧)। ସକାଳେ ବ୍ୟାସସରୋବର ଛକଠାରୁ ଅନତିଦୂରରେ ଥିବା ବଡ଼ ପାଣିଟାଙ୍କି ପଛପଟ ଏକ ବରଗଛରେ ତାଙ୍କ ଝୁଲନ୍ତା ମୃତଦେହ ଦେଖିବାକୁ ମିଳିଥିଲା। ଏହାଦେଖି ସ୍ଥାନୀୟ ଲୋକେ ଯାଜପୁରରୋଡ୍ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ସାଇଣ୍ଟିଫିକ ଟିମ ସହାୟତାରେ ଘଟଣାର ତଦନ୍ତ କରିଥିଲା। ସୁରଜ ବୁଧବାର କଳିଙ୍ଗନଗରସ୍ଥିତ ଜିନ୍ଦଲ କାରଖାନାରୁ ଡ୍ୟୁଟି ସାରି ରାତିରେ ଘରକୁ ଫେରିଥିଲେ। ସେ କୌଣସି କାରଣକୁ ନେଇ ବିବ୍ରତ ଥିବା ଜଣାପଡ଼ିଛି।

# ପରିବା ଚାଷ ପ୍ରେମରେ ସସ୍ମିତା

## ଯୁବ ଗୋଷ୍ଠୀଙ୍କ ପାଇଁ ପାଲଟିଛନ୍ତି ଉଦାହରଣ





ପରିବା କ୍ଷେତ ପାଖରେ ମହିଳା ଚାଷୀ ସସ୍ମିତା ବେହେରା।

ବ୍ରହ୍ମବରଦା, ୧୨।୩
(ଯଯାତି କେଶରୀ ବେହେରା):

ଆଜିର ସମୟରେ ଲୋକେ ପାଠ ପଢ଼ି ଚାକିରି କରି ବେଶ ୨ ପଇସା ରୋଜଗାର କରିବା ପଛରେ ଦୌଡ଼ୁଥିବାବେଳେ ବ୍ରହ୍ମବରଦା ଅଞ୍ଚଳର ମହିଳା ସସ୍ମିତ ବେହେରା ଚାଷ ପ୍ରେମରେ ପଡ଼ିଛନ୍ତି। ସେ ଜଣେ ଗୃହିଣୀ ହେଲେବି କୌଣସି ଗୁଣରେ କମନୁହନ୍ତି। କମ୍ପ୍ୟୁଟର ଚଳାଇବା କ୍ଷେତ୍ରରେ ହେଉ ଅବା ପରିବାର ସୁପରିଚାଳନା କ୍ଷେତ୍ରରେ ହେଉ କିମ୍ବା ଚାଷ କ୍ଷେତ୍ରରେ ସବୁଥିରେ ସେ ପାରଙ୍ଗମ। ୩୮ ବର୍ଷୀୟା ସସ୍ମିତା ବ୍ରହ୍ମବରଦା ଡିଗ୍ରୀ ମହାବିଦ୍ୟାଳୟରୁ କଳାରେ ସ୍ନାତକ ଡିଗ୍ରୀ ହାସଲ କରିବାପରେ କମ୍ପ୍ୟୁଟର ଶିକ୍ଷା ଗ୍ରହଣ କରିଥିଲେ। ବିବାହ ପରେ ସ୍ୱାମୀ ବିଶ୍ୱଜିତ ବେହେରାଙ୍କ ଜନସେବା କେନ୍ଦ୍ରରେ ସହଯୋଗ କରୁଛନ୍ତି। କିନ୍ତୁ ସେ ଚାଷୀ ପରିବାରର ହୋଇଥିବାରୁ ଚାଷପ୍ରତି ତାଙ୍କର ଦୁର୍ବଳତା ରହିଆସିଥିଲା। ସ୍ୱାମୀଙ୍କୁ ବ୍ୟବସାୟରେ ସହଯୋଗ କରିବା ସହିତ ଆଦମ୍ୟ ଇଚ୍ଛାଶକ୍ତି ବଳରେ ସେ ନିଜ ବାଡ଼ିରେ ବିନା ରାସାୟନିକ ସାର ପ୍ରୟୋଗରେ ରଙ୍ଗିନି ଫୁଲକୋବି, ପତ୍ରକୋବି, ଗାଜର, ଝୁଡ଼ଙ୍ଗ, ବିମସ, ବାଇଗଣ, ଟମାଟୋ, ଶିମ୍ବ, ମଟର ଛୁଇଁ, ସଜନା ଛୁଇଁ, କଦଳୀ, ବରକୋଳି, ଆଳୁ, ସାରୁ, ମକା, ରସୁଣ, ହଳଦୀ, ଅଦା, ଧନିଆପତ୍ର, ପୋଦିନାପତ୍ର, କୋଶଳା ଶାଗ ଓ ଲେଉଟିଆ ଶାଗ ଚାଷ କରିଛନ୍ତି। ନାରୀ ଶକ୍ତିର ପରିଚୟ ଦେଇ ଯୁବ ଗୋଷ୍ଠୀଙ୍କ ପାଇଁ ସେ ଉଦାହରଣ ପାଲଟିଛନ୍ତି। ଦୁଇ ଦେଶୀ ଗାଈର ଗୋବର ନିଜ ଚାଷଜମିରେ ବ୍ୟବ୍ୟହାର କରୁଛନ୍ତି। ଗାଈ ଦୁଗ୍ଧକୁ ନିକଟ ଦୁଗ୍ଧକେନ୍ଦ୍ରର ବିକ୍ରର କରି ବେଶ ଦୁଇପଇସା ରୋଜଗାର କରିପାରିଛନ୍ତି। ସେହିପରି ଉତ୍ପାଦିତ ଦ୍ରବ୍ୟକୁ ନିଜେ ବ୍ୟବହାର କରିବା ସହିତ ଅବଶିଷ୍ଟାଂଶ ଦ୍ରବ୍ୟକୁ ବ୍ୟବସାୟୀଙ୍କୁ ବିକ୍ରି କରି ପରିବାର ପ୍ରତିପୋଷଣ କରିବାରେ ସସ୍ମିତା ସ୍ୱାମୀଙ୍କୁ ସହଯୋଗ କରୁଥିବା କହିଛନ୍ତି।

# ଅବଧି ଶେଷ ପରେ ବି ସରୁନି ନିର୍ମାଣ କାର୍ଯ୍ୟ

## ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥ

ଚଣ୍ଡିଖୋଲ, ୧୨।୩(ପ୍ରଦୀପ୍ତ କୁମାର ପୃଷ୍ଟି):

ଓଡ଼ିଶାର ପ୍ରଥମ ୮ ଲେନ ବିଶିଷ୍ଟ ଚଣ୍ଡିଖୋଲ-ପାରାଦୀପ ୫୩ନଂ. ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟ ଚାଲିଛି। ଏହି ରାସ୍ତା ନିର୍ମାଣ ୨୦୨୫ ଡିସେମ୍ବର ସୁଦ୍ଧା ଶେଷ ହେବ ବୋଲି ଚୁକ୍ତି ହୋଇଥିଲେ ମଧ୍ୟ ସରି ପାରୁନାହିଁ। ନିର୍ମାଣ କାର୍ଯ୍ୟ ଅଧା ପନ୍ତରିଆ ଅବସ୍ଥାରେ ପଡ଼ିଥିବା ହେତୁ ବାରମ୍ବାର ଦୁର୍ଘଟଣା ଘଟୁଛି। ଏହି ଜାତୀୟ ରାଜପଥର ଚଣ୍ଡିଖୋଲଠାରୁ ପାରାଦୀପ ଯିବା ରାସ୍ତାର ବେଣାପୁର, ନାନପୁର ଓ କଟିକଟା ଛକ ନିକଟରେ ରାସ୍ତା ନିର୍ମାଣ କାର୍ଯ୍ୟ ସରୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ଚଣ୍ଡିଖୋଲଠାରୁ ପାରାଦୀପ ପର୍ଯ୍ୟନ୍ତ ୭୬.୬୦୦ କି.ମି. ରାସ୍ତା ୮ ଲେନ ବିଶିଷ୍ଟ କରାଯାଉଛି। ଏହାକୁ ୪ ଠିକା ସଂସ୍ଥା ନେଇ କାର୍ଯ୍ୟ କରୁଛନ୍ତି। ଏଥିପାଇଁ ପ୍ରାଥମିକ ପର୍ଯ୍ୟାୟରେ ୨୦୨୩ ଡିସେମ୍ବରରେ ଟେଣ୍ଡର ସରିଥିଲା। ରାସ୍ତା ନିର୍ମାଣ କାର୍ଯ୍ୟ ୨ ବର୍ଷ ଅର୍ଥାତ ୨୦୨୫ ନଭେମ୍ବର ସୁଦ୍ଧା ଶେଷ ହେବ ବୋଲି ଚୁକ୍ତି ହୋଇଥିଲା। ୨୦୨୪ ମାର୍ଚ୍ଚ ୫ରେ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି ଏହାର ଶିଳାନ୍ୟାସ କରିଥିଲେ।

ଚଣ୍ଡିଖୋଲଠାରୁ ୧୮ କି.ମି. ଦୂର ରାସ୍ତା ଅଗ୍ରୱାଲ ଇନଫା ଷ୍ଟ୍ରକଚର ଲିମିଟେଡ ନାମକ ଠିକା ସଂସ୍ଥା ଟେଣ୍ଡର ନେଇଥିବା ବେଳେ ୧୮ କି.ମି.ରୁ ୩୯କି.ମି. ପର୍ଯ୍ୟନ୍ତ ପିଏସକେ ଇନଫା ଷ୍ଟ୍ରକଚର ଲିମିଟେଡ ନାମକ ଠିକା ସଂସ୍ଥା କାର୍ଯ୍ୟ କରୁଛି। ୩୯କି.ମି.ରୁ ୬୦ କି.ମି. ପର୍ଯ୍ୟନ୍ତ ୨୧ କିଲୋମିଟର ପର୍ଯ୍ୟନ୍ତ ରାଜବୀର କନଷ୍ଟ୍ରକସନ କମ୍ପାନୀ କାମ କରୁଛି। ସେହିଭଳି ୬୦ରୁ ୭୬.୬୦୦ କି.ମି. ପର୍ଯ୍ୟନ୍ତ ଆରଭିଏନଏଲ୍ କାର୍ଯ୍ୟ କରୁଛି। ଏହି ରାସ୍ତା ପାଇଁ ପ୍ରାରମ୍ଭିକ ପର୍ଯ୍ୟାୟରେ ୩ ହଜାର କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ ଏହାପରେ ଅଟକଳ ମୂଲ୍ୟ ବୃଦ୍ଧି ପାଇଛି। ବିଭିନ୍ନ ସ୍ଥାନରେ ଛୋଟ ଛୋଟ ଗଳି ପୋଲ ସଂଖ୍ୟା ନୂତନ ଭାବେ ତିଆରି ହେବା ଯୋଗୁ ଏହାର ଅଟକଳ ମୂଲ୍ୟରେ ପରିବର୍ତ୍ତନ ହୋଇଛି। ତେବେ ବହୁ ସ୍ଥାନରେ ରାସ୍ତା କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ କେତେକ ସ୍ଥାନରେ ସେତୁ ନିର୍ମାଣ କାର୍ଯ୍ୟରେ ବିଳମ୍ବ ଘଟିଛି। କିନ୍ତୁ ଠିକା ସଂସ୍ଥାଗୁଡ଼ିକର ମନମନି ଯୋଗୁ କିଛି ସ୍ଥାନରେ ରାସ୍ତା କାର୍ଯ୍ୟ ବିଳମ୍ବ ହେଉଛି। ଫଳରେ ରାସ୍ତା ଅବସ୍ଥା ଖରାପ ହୋଇଯାଇଛି। ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ କଟିକଟା ଛକର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ତୁରନ୍ତ ଏଠାରେ କାର୍ଯ୍ୟ ଶେଷ କରିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଜାତୀୟ ରାଜପଥ ପ୍ରକଳ୍ପ ନିର୍ଦ୍ଦେଶକ ଭାରତ ପ୍ରକାଶଙ୍କୁ ପଚାରିବାରୁ ସେ କହିଛନ୍ତି, ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥ ପ୍ରକଳ୍ପ କାର୍ଯ୍ୟ ଦ୍ରୁତଗତିରେ ଚାଲିଛି। ଖୁବ୍‌ଶୀଘ୍ର କାର୍ଯ୍ୟ ଶେଷ ହୋଇଯିବ। ଏବେ ଦେଖିବାକୁ ଅପେକ୍ଷା କେବେ ଏହି କାର୍ଯ୍ୟ ଶେଷ ହେଉଛି।



କଟିକଟା ଛକଠାରେ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଛି।

## ସଂକ୍ଷେପରେ

### ମୃତ ଗୃହରକ୍ଷୀଙ୍କ ପରିବାରକୁ ସଂଘର ଆର୍ଥିକ ସହାୟତା

ଚକାପାଦ,୧୨।୩ (ପ୍ରତାପ କିଶୋର ବେହେରା) ଟିକାବାଲି ଥାନାର କାର୍ଯ୍ୟରତ ଗୃହରକ୍ଷୀ ପ୍ରଜାପତି ପ୍ରଧାନଙ୍କ ୩ ତାରିଖରେ ଅକାଳ ବିୟୋଗ ଘଟିଛି। ସେ ୨୦୧୦ରେ ଚାକିରୀ ଯୋଗ ଦେଇଥିଲେ। ହଟାତ ତାଙ୍କର ବ୍ରେନ ଟିଉମର ହେବାରୁ ଭୁବନେଶ୍ୱର ଏମ୍ସ ମେଡିକାଲରେ ଚିକିତ୍ସିତ ହେଉଥିଲେ। ସେଠାରେ ତାଙ୍କର ଙ୍କ ଦେହାନ୍ତ ଘଟିଥିଲା। ବୁଧବାର ତାଙ୍କର ଦଶାହ କାର୍ଯ୍ୟରେ ଜିଲର ଗୃହରକ୍ଷୀସଘଂର ସଭାପତି ବିରାଜ ପ୍ରଧାନ, ସମ୍ପାଦକ ଅକ୍ଷୟ କୁମାର ରାଏ, ଟିକାବାଲି ଥାନାର ଏଏସ୍ଆଇ ପଞ୍ଚାନନ ମଲ୍ଲିକ, ହାବିଲଦାର ତାପସ ପ୍ରଧାନ, ପ୍ରସନ୍ନ କୁମାର ଦିଗାଲ, ସାମନ୍ତ ଦିଗାଲ ରବୀନ୍ଦ୍ର ସାହୁ ଦଶହରେ ଯୋଗ ଦେଇ ରାସନ ସାମଗ୍ରୀ ପ୍ରଦାନ କରିଥିଲେ। ଏହାସହ ତାଙ୍କ ପରିବାରକୁ ୩ଲକ୍ଷ ଟଙ୍କା ଦିଆଯିବ ବୋଲି ସଭାପତି କହିଛନ୍ତି।

### ଜଙ୍ଗଲ ନିଆଁକୁ ସଫଳତାର ସହ ନିୟନ୍ତ୍ରଣ କରାଯାଉଛି: ଡିଏଫ୍ଓ

ପାରଳାଖେମୁଣ୍ଡି,୧୨।୩(ଗିରିଧାରୀ ପରିଚ୍ଛା) ଗଜପତି ଜିଲା ସଦର ପାରଳାଖେମୁଣ୍ଡିସ୍ଥିତ ଡିଏଫଓଙ୍କ କାର୍ଯ୍ୟାଳୟ ପରିସରରେ ଜଙ୍ଗଲ ନିଆଁ ପ୍ରତିରୋଧ ନେଇ ବୁଧବାର ଖବରଦାତା ସମ୍ମିଳନୀ ହୋଇଛି। ଏଥିରେ ପାରଳାଖେମୁଣ୍ଡି ଡିଏଫଓ କେ.ନାଗାରାଜୁ ଜଙ୍ଗଲ ନିଆଁ ପ୍ରତିରୋଧ ଓ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ସୂଚନା ଦେଇଥିଲେ। ସେ କହିଥିଲେ, କ୍ଷେତ୍ର ସ୍ତରର ବନ କର୍ମଚାରୀଙ୍କୁ ବୈଜ୍ଞାନିକ ପଦ୍ଧତିରେ ଜଙ୍ଗଲ ନିଆଁ ନିବାରଣ ପ୍ରକ୍ରିୟା ଓ ଉପକରଣର ଠିକ ବ୍ୟବହାର ସମ୍ପର୍କରେ ପ୍ରଶିକ୍ଷଣ ଜାରି ରହିଛି। ଜାନୁୟାରୀ ମାସରୁ ମାର୍ଚ୍ଚ ମଧ୍ୟଭାଗ ମଧ୍ୟରେ ୪୫ଟି ଅଗ୍ନି ସ୍ଥଳ ରିପୋର୍ଟ ହୋଇଥିବା, ସମସ୍ତ ଜଙ୍ଗଲ ନିଆଁକୁ ବନ କର୍ମଚାରୀଙ୍କ ଦ୍ୱାରା ସଫଳତାର ସହିତ ନିବାରଣ କରାଯାଇଥିବା ସେ ସୂଚନା ଦେଇଥିଲେ। ଉପରୋକ୍ତ ସମୟ ମଧ୍ୟରେ ହେଉଥିବା ଜଙ୍ଗଲ ନିଆଁକୁ ରୋକିବା ଲାଗି ବିଭିନ୍ନ ଯୋଜନାରେ ୮୮୮ କି.ମି. ପର୍ଯ୍ୟନ୍ତ ଫାୟାର ଲାଇନ ସୃଷ୍ଟି ଲକ୍ଷ୍ୟ ରଖାଯାଇଛି। ଅଗ୍ନିକାଣ୍ଡ ସମୟରେ ଜରୁରୀ ସ୍ଥିତିକୁ ତ୍ୱରିତ ମୁକାବିଲା ପାଇଁ ଡିଭିଜନ କାର୍ଯ୍ୟାଳୟରେ ୨୪ ଘଣ୍ଟିଆ ଜଙ୍ଗଲ ଅଗ୍ନିକାଣ୍ଡ ନିୟନ୍ତ୍ରଣ କକ୍ଷ କାର୍ଯ୍ୟ କରୁଛି। ଡିଭିଜନର ସମସ୍ତ ୭ଟିଯାକ ରେଞ୍ଜରେ ଏହି କକ୍ଷ କାର୍ଯ୍ୟ କରୁଛି । ରେଞ୍ଜ କଣ୍ଟ୍ରୋଲ ରୁମ ନମ୍ବରଗୁଡ଼ିକ ମଧ୍ୟ ସାର୍ବଜନୀନ କରାଯାଇଛି। ସେହିପରି ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତା ବୃଦ୍ଧି ପାଇଁ ଉପରୋକ୍ତ ସମୟସୀମା ମଧ୍ୟରେ ୫୯୬ଟି ଜଙ୍ଗଲ ଆଗ୍ନି ସଚେତନତା ବୈଠକ ହୋଇଛି। ଚନ୍ଦ୍ରଗିରିରେ ୮୫ଟି, ଦେବଗିରି ୩୫, ମହେନ୍ଦ୍ରଗିରି ୫୫, ମୋହନା ୨୩୯, ଆର୍. ଉଦୟଗିରି ୭୯, କାଶୀନଗର ୩୨ଟି ଓ ରାମଗିରିରେ ୭୧ ଟି ବୈଠକ କରାଯାଇଛି। ଗ୍ରାମସଭା, ପଦଯାତ୍ରା, ଅଡିଓ-ଭିଜୁଆଲ କ୍ୟାମ୍ପେନ, ଆଦିବାସୀ ନାଟକ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ କ୍ରୀଡା ପ୍ରତିଯୋଗିତା ଦ୍ୱାରା ବିଭିନ୍ନ ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ ଚାଲିଛି ବୋଲି ଡିଏଫଓ କହିଥିଲେ। ସେନ୍ସିଟିଭ ରେଞ୍ଜଗୁଡ଼ିକରେ ୧୬ଟି ଅଗ୍ନିନିବାରଣ ଯାନ ନିୟୁକ୍ତ ହୋଇଛି। ୧୨୨ଟି ଫାୟାର କ୍ଲୋଅର ସହିତ ଫାୟାର ବିଟର, ରେକ, ଥମ୍ପର ଓ ଫାୟାର ଝାଡୁ ଭଳି ଅଗ୍ନିନିବାରଣ ଉପକରଣ ବ୍ୟବହାର କରାଯାଉଥିବା ଡିଏଫଓ ସୂଚନା ଦେଇଥିଲେ। ଖବରଦାତା ସମ୍ମିଳନୀରେ ଏସିଏଫ୍ ସାଇନିଶ୍ରୀ ଦାସ, ଦେବଗିରି ରେଞ୍ଜ ଅଧିକାରୀ ବ୍ରହ୍ମାନନ୍ଦ ସାହୁ ଉପସ୍ଥିତ ଥିଲେ।

# ଗ୍ୟାସ୍ ଅଭାବ: ଦୁଇଦିନ ହେଲା ଜଳଖିଆ ଦୋକାନ, ହୋଟେଲ ବନ୍ଦ




ପାରଳାଖେମୁଣ୍ଡି,୧୨।୩ (ଗିରିଧାରୀ ପରିଚ୍ଛା) ମଧ୍ୟପ୍ରାଚ୍ୟର ଯୁଦ୍ଧ ସବୁ କ୍ଷେତ୍ରରେ ପ୍ରଭାବ ପକାଇବା ଆରମ୍ଭ କରିଛି। ସେୟାର ବଜାରଠାରୁ ଆରମ୍ଭ କରି ଏବେ ଏହା ଲୋକଙ୍କ ଦୈନନ୍ଦିନ ଚଳଣି ଉପରେ ପ୍ରଭାବ ପକାଇଲାଣି। ଯୁଦ୍ଧର ପ୍ରଭାବ ହେତୁ ରନ୍ଧନ ଗ୍ୟାସର ଅଭାବ ସବୁଠି ଦେଖିବାକୁ ମିଳିଛି। କ୍ଷୁଦ୍ର ବ୍ୟବସାୟ କରି ଚଳୁଥିବା ବ୍ୟବସାୟୀଙ୍କ ଉପରେ ମଧ୍ୟ ଏହାର ପ୍ରଭାବ ପଡିଛି। ରନ୍ଧନ ଗ୍ୟାସର ଅଭାବ ଯୋଗୁ ଗତ ଦୁଇ ଦିନ ମଧ୍ୟରେ ଗଜପତି ଜିଲାରେ ଅନେକ ହୋଟେଲ ବନ୍ଦ ରହିଛି। ବର୍ତ୍ତମାନ ଜିଲାରେ ରନ୍ଧନ ଗ୍ୟାସ ବ୍ୟତୀତ ବ୍ୟବସାୟଭିତ୍ତିକ ଗ୍ୟାସ ମିଳୁନାହିଁ। ପାରଳାଖେମୁଣ୍ଡିରେ ଭାରତ ଗ୍ୟାସ ଏବଂ ହିନ୍ଦୁସ୍ଥାନ ପେଟ୍ରୋଲିୟମ ର ୨ଟି ଗ୍ୟାସ ଡିପୋ ରହିଛି। ଏହି ଦୁଇ ଡିପୋରୁ ଏବେ ବ୍ୟବସାୟଭିତ୍ତିକ ସିଲିଣ୍ଡର ଯୋଗାଣ ବନ୍ଦ ରହିଛି। ଘରୋଇ ରନ୍ଧନ ଗ୍ୟାସ ୨୫ ଦିନରେ ଗୋଟିଏ ମିଳୁଛି। ଏହା ପରିବାର ଲାଗି ବ୍ୟବହୃତ ହେଉଥିବା ବେଳେ ରାସ୍ତା କଡର ଠେଲା ହୋଟେଲ, ଫାଷ୍ଟଫୁଡ ଭଳି ଦୋକାନ ବିନା ଗ୍ୟାସରେ କିପରି ଚାଲିବ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୂର୍ବରୁ ସୁଲଭ ମୂଲ୍ୟରେ କିରୋସିନ ମିଳୁଥିଲା ତାହା ବର୍ତ୍ତମାନ ଆଉ ସାଧାରଣରେ ଉପଲବ୍ଧ ହେଉନାହିଁ। ଆଖପାଖ ଅଞ୍ଚଳର କ୍ଷୁଦ୍ର ବ୍ୟବସାୟୀମାନେ କାଠ ଚୁଲା କିମ୍ବା ତୁଷ ଚୁଲା ପୂର୍ବରୁ ବ୍ୟବହାର କରୁଥିଲେ। ବିଭିନ୍ନ ସମୟରେ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ଚଢ଼ାଉ କରିବାରୁ ଲୋକେ ତାହାର ବ୍ୟବହାର ଛାଡି ଦେଇଛନ୍ତି। ଦୁଇ ଦିନ ହେଲା ବ୍ୟବସାୟ କରି ନ ପାରି ଜିଲାର ବିଭିନ୍ନ ସ୍ଥାନର କ୍ଷୁଦ୍ର ବ୍ୟବସାୟୀମାନେ ଜାଳେଣି ସନ୍ଧାନରେ ଦୋକାନ ବନ୍ଦ କରି ବୁଲୁଛନ୍ତି। ଆଗକୁ ଯଦି ବ୍ୟବସାୟକଭିତ୍ତିକ ଗ୍ୟାସ ନ ମିଳେ ତେବେ ବ୍ୟବସାୟ ବନ୍ଦ କରିବାକୁ ସେମାନେ ବାଧ୍ୟ ହେବେ, ନ ହେଲେ କାଠ ଚୁଲା ଏବଂ ତୁଷ ଚୁଲା ବ୍ୟବହାର କରିବେ ବୋଲି ବ୍ୟବସାୟ ସୀମାଦ୍ରୀ, ସାଇ ରଞ୍ଜନ ପାତ୍ର, ନିହାର ସାହୁ କହିଛନ୍ତି। ସରକାର କ୍ଷୁଦ୍ର ବ୍ୟବସାୟୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କୌଣସି ବିକଳ୍ପ ବ୍ୟବସ୍ଥା ବାହାର କରିବାକୁ ସାଧାରଣରେ ମତ ପ୍ରକାଶ ପାଉଛି। ଅନ୍ୟପକ୍ଷରେ ସହରରେ ଗ୍ୟାସ ମିଳୁ ନ ଥିବାରୁ ଲୋକେ ଘରୋଇ ବ୍ୟବହାର ପାଇଁ ଇଣ୍ଡକ୍ସନ ଚୁଲା କିଣିବା ପାଇଁ ବିଭିନ୍ନ ଇଲେକ୍ଟ୍ରୋନିକ୍ସ ଦୋକାନ ଭିଡ ଲଗାଉଥିବା ଦେଖିବାକୁ ମିଳୁଛି।

## ଜନ୍ମମାଟିରେ ପହଞ୍ଚିଲା ଶ୍ରମିକଙ୍କ ମୃତଦେହ



ଶୋକାକୁଳ ମହିଳା ।

ଖଲ୍ଲିକୋଟ/ରମ୍ଭା,୧୨।୩(ପ୍ରଶାନ୍ତ କୁମାର ମିଶ୍ର/ବନବାସୀ ସେଠୀ) ଖଲ୍ଲିକୋଟ ବ୍ଲକ୍ ନାଇକାଣିପଲ୍ଲୀ ଗ୍ରାମର କୁନା ଖୁଣ୍ଟିଆଙ୍କ କାତାର ଦୋହା ସହରରେ ମାର୍ଚ୍ଚ ୭ରେ ମୃତ୍ୟୁ ହୋଇଛି। ଯୁଦ୍ଧ ଯୋଗୁ ବିମାନ ଚଳାଚଳ ବନ୍ଦ ଥିବାରୁ ଜନ୍ମମାଟିରେ ମୃତଦେହ ପହଞ୍ଚିବା ନେଇ ସନ୍ଦେହ ସୃଷ୍ଟି ହୋଇଥିଲା। ତେବେ ୯ତାରିଖରେ କତାର ଓ ଭାରତ ମଧ୍ୟରେ ବିମାନ ଚଳାଚଳ ସ୍ୱାଭାବିକ ହେବାରୁ ଗୁରୁବାର ତାଙ୍କ ମୃତଦେହ ଗାଁରେ ପହଞ୍ଚିଛି। କୁନା ପରିବାର ପ୍ରତିପୋଷଣ ପାଇଁ ଗତ ୪ ମାସ ତଳେ କାତାର ଦୋହା ସହରରେ ଏକ ଘରୋଇ କମ୍ପାନୀରେ ଶ୍ରମିକ ଭାବେ କାମ କରୁଥିଲେ। ତାଙ୍କ ରୋଜଗାରରେ ପରିବାର ଚଳୁଥିଲା। କୁନା କମ୍ପାନୀରୁ କାମ ସାରି ସେ ରହୁଥିବା ଆର୍ଜେଣ୍ଟିନା କ୍ୟାମ୍ପକୁ ଫେରିଥିଲେ। ରାତିରେ ଖାଇ ସାରି ଶୋଇଥିବା ବେଳେ ସକାଳୁ ଆଉ ଉଠି ନ ଥିଲେ। ରୁମରେ ରହୁଥିବା ସାଥି ଶ୍ରମିକମାନେ ତାଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ମେଡିକାଲକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଏହି ଦୁଃଖଦ ଖବର ପହଞ୍ଚିବା ପରେ ଗ୍ରାମରେ ଏକ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ବ୍ଲକ୍ ଅନ୍ତର୍ଗତ ଲକ୍ଷଣପୁର ଗ୍ରାମରେ ଆଉ ଏକ ଦାଦନ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ଖବର ଗୁରୁବାର ପହଞ୍ଚିଛି। ଏହି ଗ୍ରାମର ସଉରି ବେହେରାଙ୍କ ମସ୍କଟଠାରେ ମୃତ୍ୟୁ ହୋଇଥିବା ଖବର ପହଞ୍ଚିଲା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ପାଠିକା, ସହାୟିକାଙ୍କ ବିଇଓଙ୍କୁ ଦାବିପତ୍ର

### ୧୬ରେ ବିଧାନସଭା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବେ

ଧରାକୋଟ,୧୨।୩(ବିଷ୍ଣୁ କେଶରୀ ଆଚାର୍ଯ୍ୟ) ଆସନ୍ତା ୧୬ ତାରିଖରେ ବିଧାନସଭା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ପାଇଁ ଗଞ୍ଜାମ ଜିଲା ଧରାକୋଟ ବ୍ଲକ ପାଚିକା ଓ ସହାୟିକାଙ୍କ ପକ୍ଷରୁ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏନେଇ ପାଚିକା ଓ ସହାୟିକାମାନେ ବିଇଓ ରମେଶ ଚନ୍ଦ୍ର ସାହୁଙ୍କୁ ଦାବିପତ୍ର ଦେଇଛନ୍ତି। ପାଚିକା ଓ ସହାୟିକା ମାନଙ୍କୁ ସରକାରୀ କର୍ମଚାରୀର ମାନ୍ୟତା, ସର୍ବନିମ୍ନ ମଜୁରୀ ବୃଦ୍ଧି, ପ୍ରତି ମାସରେ ଦରମା ପ୍ରଦାନ ଆଦି ଦାବି ପୂରଣ ଦିଗରେ ସରକାର ଟାଳୁଟୁଳୁ ନୀତି ଅବଲମ୍ବନ କରୁଥିବାରୁ ଏହାର ପ୍ରତିବାଦରେ ଆସନ୍ତା ୧୬ ତାରିଖରେ ବିଧାନସଭା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ପାଇଁ ରାଜ୍ୟ ସଂଘ ନିଷ୍ପତ୍ତି ନେଇଛି। ଏଥିରେ ପାଚିକା ଓ ସହାୟିକାମାନେ ସାମିଲ ହେବାକୁ ଅବଗତ କରାଇ ବିଇଓ ସାହୁଙ୍କୁ ଦେଇଛନ୍ତି। ଫଳରେ ଧରାକୋଟ ବ୍ଲକର ବିଦ୍ୟାଳୟଗୁଡିକରେ ମଧ୍ୟାହ୍ନ ଭୋଜନ ରୋଷେଇରେ ବାଧା ସୃଷ୍ଟି ହେବା ଆଶଙ୍କା ପ୍ରକାଶ ପାଇଛି।

## ରନ୍ଧନ ଗ୍ୟାସ୍ ସମସ୍ୟା, ମଧ୍ୟାହ୍ନ ଭୋଜନ ପ୍ରଭାବିତ ଆଶଙ୍କା

ଧରାକୋଟ,୧୨।୩(ବିଷ୍ଣୁ କେଶରୀ ଆଚାର୍ଯ୍ୟ) ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧର ପ୍ରଭାବ ଗଞ୍ଜାମ ଜିଲାରେ ପଡିଛି। ତୈଳ ସହ ଗ୍ୟାସ ସଙ୍କଟ ଧୀରେଧୀରେ ଦେଖା ଦେଉଛି। ଫଳରେ ଅଗାମୀ ଦିନରେ ଧରାକୋଟ ବ୍ଲକର ୧୨୫ଟି ବିଦ୍ୟାଳୟରେ ୧୫୧୦୮ ଛାତ୍ରୀଛାତ୍ରଙ୍କ ମଧ୍ୟାହ୍ନ ଭୋଜନ ରୋଷେଇ ପ୍ରଭାବିତ ହେବାର ଆଶଙ୍କା ପ୍ରକାଶ ପାଇଛି। ଗ୍ୟାସ ସିଲିଣ୍ଡର ସହାୟତାରେ ବିଦ୍ୟାଳୟଗୁଡିକରେ ହେଉଥିବା ଏହି ରୋଷେଇ ପାଇଁ ଗ୍ୟାସ ସିଲିଣ୍ଡରର ଅଭାବ ଦେଖାଦେଲାଣି। ଯଦି ପରିସ୍ଥିତି ନ ସୁଧରେ ତେବେ ଆଗାମୀ ଦିନରେ ବିଦ୍ୟାଳୟଗୁଡିକରେ ମଧ୍ୟାହ୍ନ ଭୋଜନ ରୋଷେଇ ପ୍ରଭାବିତ ହେବ। ବ୍ଲକର ୧୧୮ ବିଦ୍ୟାଳୟରେ ଗ୍ୟାସ ସଂଯୋଗ ରହିଥିବାରୁ ମଧ୍ୟାହ୍ନ ଭୋଜନ ରୋଷେଇରେ ଯେପରି ସମସ୍ୟା ନ ଉପୁଜେ ସେଥିପାଇଁ ରାଜ୍ୟ ନୋଡାଲ ଅଧିକାରୀ ବିଇଓମାନଙ୍କୁ ବ୍ଲକର ସବୁ ବିଦ୍ୟାଳୟ ପାଇଁ ପ୍ରତି ମାସରେ କେତୋଟି ସିଲିଣ୍ଡର ଆବଶ୍ୟକ ଜଣାଇବାକୁ ଚିଠି ଲେଖିଛନ୍ତି । ଏ ସମ୍ପର୍କରେ ବିଇଓ ରମେଶ ଚନ୍ଦ୍ର ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, ଗ୍ୟାସର ଅଭାବ ସମ୍ପର୍କରେ ଆମେ ଏଯାଏ କେଉଁଠୁ ଅଭିଯୋଗ ପାଇନାହୁଁ। କୌଣସି ପରିସ୍ଥିତିରେ ମଧ୍ୟ ମଧ୍ୟାହ୍ନ ଭୋଜନ ରୋଷେଇ ବନ୍ଦ ହେବନାହିଁ ବୋଲି ସେ କହିଛନ୍ତି।

## ବାଦପୁର ଭାଗବତ ସପ୍ତାହରେ ମହନ୍ତ ସମ୍ମିଳନୀ



ସମ୍ମାନିତ ହୋଇଥିବା ବିଭିନ୍ନ ଅଞ୍ଚଳର ମହନ୍ତମାନେ।

ପାତ୍ରପୁର,୧୨।୩(ଉମା ଚରଣ ନେପାକ) ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ ବାଦପୁରଠାରେ ଭାଗବତ ସପ୍ତାହ ପାଳନ ଅବସରରେ ମହନ୍ତ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଭାଗବତ ସପ୍ତାହ ପାଇଁ କଳସ ଯାତ୍ରା ଓ ଅଧିବାସ ପରେ ଗୁରୁବାର ଭାଗବତ ପାରାୟଣ ଆରମ୍ଭ ହୋଇଛି। ପ୍ରଥମେ ମହନ୍ତ ସମ୍ମିଳନୀ କରାଯାଇ ମହନ୍ତମାନଙ୍କୁ ସମ୍ମାନିତ କରାଯାଇଥିଲା। ଟିକିଟି ମହନ୍ତ ପ୍ରେମାନନ୍ଦ ଦାସ, ନବୀନ ଚନ୍ଦ୍ର ଦାସ, ରାମ ପ୍ରସାଦ ଦାସ, କାଞ୍ଚିଲି (ଆନ୍ଧ୍ର ପ୍ରଦେଶ) ମହନ୍ତ ଜାନକୀରାମ ଦାସ, କୋଳିଗାଁ ମହନ୍ତ କୃଷ୍ଣ ଚନ୍ଦ୍ର ଦାସ, ପାତ୍ରପୁର ମହନ୍ତ ଜୟରାମ ରାମାନୁଜ ଦାସ, ବଡ଼ବରଙ୍ଗା ମହନ୍ତ ସୀତାରାମ ଦାସ, ମନ୍ଦରଡ଼ା ମହନ୍ତ ରାମ କିଶୋର ଦାସ, ମୈଶାନପୁର ମହନ୍ତ ସନ୍ଥ ସନାତନ ଦାସ ଓ ତ୍ରିବିକ୍ରମ ଦାସ, ପଦାଦିଗି ମହନ୍ତ ରଘୁନାଥ ଦାସ, ନୁଆପେଣ୍ଠ ମହନ୍ତ ନରୋତ୍ତମ ରାମାନୁଜ ଦାସ ସମ୍ମାନିତ ହୋଇଥିଲେ। ଭାଗବତ ସପ୍ତାହର ଗୁରୁ ଓ ତାତ୍ପର୍ଯ୍ୟ ସମ୍ପର୍କରେ ମହନ୍ତମାନେ ଆଲୋକପାତ କରିଥିଲେ। ପାତ୍ରପୁରର ଭାଗବତ ଟୁଙ୍ଗୀ ପୁନର୍ଦ୍ଧାର ଓ ସଂରକ୍ଷଣ ସଂଘ ସଭାପତି ଦିବାକର ପ୍ରଧାନ ଓ ସମ୍ପାଦକ ମାଧବ ବାଡତ୍ୟାଙ୍କୁ ମଧ୍ୟ ଏହି ଅବସରରେ ସମ୍ମାନିତ କରାଯାଇଥିଲା। ଛତ୍ରପୁରର ପ୍ରବଚକ ଜଗନ୍ନାଥ ପଣ୍ଡା ପ୍ରବଚନ ଦେଇଥିଲେ। ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମୂରଲୀ ପଣ୍ଡା, ମାଧବ ପ୍ରଧାନ, ସରପଞ୍ଚ ଶଶାଙ୍କ ପାଣିଗ୍ରାହୀ, ପୂର୍ବତନ ସରପଞ୍ଚ ବିଜୟ ପ୍ରଧାନ ଓ ଗ୍ରାମବାସୀ ସହଯୋଗ କରିଥିଲେ।

## ଶ୍ରମିକ, କୃଷକ ସଂଘର୍ଷ ସମିତିର ବିକ୍ଷୋଭ




ବିକ୍ଷୋଭରେ ସାମିଲ ହୋଇଥିବା ଲୋକେ।

ଫୁଲବାଣୀ, ୧୨।୩(ରାକେଶ କୁମାର ରାଉତ) ଦେଶର ପ୍ରଥମ ଶିକ୍ଷୟିତ୍ରୀ ସାବିତ୍ରୀ ବାଈ ଫୁଲେଙ୍କ ମହାପ୍ରୟାଣ ଦିବସରେ ଜିଲା ଶ୍ରମିକ ଓ କୃଷକ ସଂଘର୍ଷ ସମିତି ପକ୍ଷରୁ ବିଭିନ୍ନ ଦାବିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଆବାହକ ଜନବାଦୀ ଗୌଣଙ୍କ ନେତୃତ୍ୱରେ ଶ୍ରମିକ, କୃଷକମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହାପରେ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା। ଜାତି ଭିତ୍ତିକ ଗଣନା ଠିକ୍ ଭାବେ କରିବା, ବିଧବା, ବାର୍ଦ୍ଧକ୍ୟ ଆଦି ଭତା ୩ ହଜାର ପ୍ରଦାନ, ପ୍ରତ୍ୟେକଙ୍କୁ ମାସିକ ୩୦୦ ୟୁନିଟ ବିଦ୍ୟୁତ୍ ମାଗଣା ଦେବା, ଖାଉଟି କାର୍ଡରେ ନ ଥିବା ହିତାଧିକାରୀଙ୍କ ନାମ ତୁରନ୍ତ ସାମିଲ କରିବା, ମାସିକ ୧୫ କେଜି ଚାଉଳ ପ୍ରଦାନ, ପେସା ଆଇନ କାର୍ଯ୍ୟକାରୀ କରିବା, ପ୍ରତ୍ୟେକ ଗ୍ରାମକୁ ପକ୍କା ରାସ୍ତା ନିର୍ମାଣ, ଭୂମିହୀନଙ୍କୁ ପଟ୍ଟା ଓ ପକ୍କା ଘର ପ୍ରଦାନ, ଜମିକୁ ଜଳ ସେଚନ, ଓବିସିଙ୍କୁ ୨୭ ପ୍ରତିଶତ ସଂରକ୍ଷଣ ପ୍ରଦାନ, କୃଷି ଋଣ ଛାଡ କରିବା ଆଦି ଦାବିପତ୍ରରେ ଉଲ୍ଲେଖ ରହିଛି। ଏହି କାର୍ଯ୍ୟକ୍ରମରେ ବିଜୁଳି କହଁର, ନଇତି କହଁର, ମାଳତୀ କହଁର, ଗୋଲାପି କହଁର, କୁଳମଣୀ କହଁର, ଲେମାରୀ ବିନ୍ଧାଣୀ, ତ୍ରିପୁରା ରଣାଙ୍କ ସମେତ ଅନ୍ୟମାନେ ସାମିଲ ଥିଲେ।

## ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ସରିଲା

ଭଞ୍ଜନଗର,୧୨।୩(ବାବୁଲା ପ୍ରଧାନ): ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ୮ ଦିନ ବ୍ୟାପୀ ଚାଲିଥିବା ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ବୁଧବାର ଉଦ୍ଯାପିତ ହୋଇଯାଇଛି। ଉଦ୍ଯାପନୀରେ ଭଞ୍ଜନଗର ବିଡିଓ ଭାରତୀ ଦେବୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ଛାତ୍ରୀମାନେ ଶାରୀରିକ ଓ ମାନସିକ ସ୍ତରରେ ସୁଦୃଢ଼ ହେବାକୁ ପଡିବ ବୋଲି କହିଥିଲେ। ଅଧ୍ୟକ୍ଷ ବିଭାସ ଦାସ ସଭାରେ ଅଧ୍ୟକ୍ଷତା କରିବା ସହ ସଭାକୁ ସଂଯୋଜନା କରିଥିଲେ । ଇତିହାସ ବିଭାଗ ମୁଖ୍ୟ ଅଧ୍ୟାପକ ଡ. ରବିନ୍ଦ୍ର କୁମାର ମିଶ୍ର, ଫିଜିକ୍ସ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ପ୍ରଶାନ୍ତ କୁମାର ରଥ, ଅଧ୍ୟାପିକା ସସ୍ମିତା କୁମାରୀ ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଶିବିର ସଂଯୋଜିକା ସ୍ମରଣିକା ପାଢ଼ୀ ଧନ୍ୟବାଦ ପ୍ରଦାନ କରିଥିଲେ। ସ୍ମୃତିମୟୀ ପାତ୍ର, ପୂଜାରାଣି ସାଇଁ ତାଲିମଦାତା ଭାବେ ଯୋଗ ଦେଇଥିଲେ।

## କଳା ସାଂସ୍କୃତିକ ମଞ୍ଚ କଳାକାରଙ୍କ ବନ୍ଧୁମିଳନ

ଗଞ୍ଜାମ,୧୨।୩ (ବିଦ୍ୟାଧର ସାହୁ) ଗଞ୍ଜାମ କଳାକାର ମଞ୍ଚ ପକ୍ଷରୁ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ତମ୍ପରା ହ୍ରଦ ନିକଟରେ ଅନୁଷ୍ଠିତ ହୋଇଛି। ସଭାପତି ଶବର ତରାଇଙ୍କ ତତ୍ୱବାଧାନରେ ଆୟୋଜିତ କାର୍ଯ୍ୟକ୍ରମରରେ ମଞ୍ଚର ସମସ୍ତ କର୍ମକର୍ତ୍ତା, ସଦସ୍ୟ ଓ କଳାକାରମାନେ ଯୋଗ ଦେଇଥିଲେ। ଗତ ଜାନୁଆରୀ ୨୬ ସ୍ୱାଧୀନତା ଦିବସରେ ପରିବେଷଣ ହୋଇଥିବା ୨ଟି ସାମାଜିକ ନାଟକର ନିର୍ଦ୍ଦେଶକ ଦ୍ୱୟ ଡ.ଗୌରୀ ଶଙ୍କର ଶତପଥୀ ଓ ପ୍ରଦୀପ ପଣ୍ଡାଙ୍କୁ ସମ୍ମାନିତ କରାଯାଇଛି। ଗତ ବର୍ଷ ହୋଇଥିବା ନାଟକର ସଫଳତା ସମ୍ପର୍କରେ ଆଲୋଚନା କରିବା ସହ ଆଗାମୀ ବର୍ଷ ପରିବେଷଣ ନାଟକ କିଭଳି ଭଲ ହୋଇପାରିବ ସେ ନେଇ ମତ ପ୍ରକାଶ ପାଇଥିଲା। ଉପଦେଷ୍ଟା ସୁଧିର ପାଢ଼ୀ, ଉମାକାନ୍ତ ବେହେରା, ସମ୍ପାଦକ ଅକ୍ଷୟ ସ୍ୱାଇଁ, ନିରଞ୍ଜନ ପରିଡ଼ା, ମନୋଜ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଅବ୍ୟବସ୍ଥାରେ ଗଞ୍ଜାମ ବ୍ଲକର ୩ ପଞ୍ଚାୟତ କାର୍ଯ୍ୟାଳୟ

### ଖଣ୍ଡିଦେଉଳି, ସନ୍ତୋଷପୁର, ୟୁଡିଏସପୁର ପଞ୍ଚାୟତ ଅଫିସରେ ତାଲା ଝୁଲୁଛି



ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଝୁଲୁଛି ତାଲା ।

ରମ୍ଭା,୧୨।୩(ବନବାସୀ ସେଠୀ) ପ୍ରାଥମିକ ଶିକ୍ଷା, ରାସ୍ତାଘାଟ ନିର୍ମାଣ,ରକ୍ଷଣାବେକ୍ଷଣ, ସ୍ୱାସ୍ଥ୍ୟସେବା, ପରିଷ୍କାର ପରିଚ୍ଛନ୍ନତା, ପାନୀୟ ଜଳଯୋଗାଣ ପାଇଁ କୂପ, ନଳକୂପ ଓ ପୁଷ୍କରିଣୀ ଖନନ, ଜନ୍ମ ମୃତ୍ୟୁ ତାଲିକା ପ୍ରସ୍ତୁତି, ମେଳା ଓ ଯାତ୍ରା ନିୟନ୍ତ୍ରଣ, ସଂକ୍ରାମକ ରୋଗର ପ୍ରତିଷେଧକ ବ୍ୟବସ୍ଥା, କୃଷିର ଉନ୍ନତି, ଗୋଚର ଭୂମିର ସଂରକ୍ଷଣ, ସମବାୟ ସମିତି ଗଠନ, ପାଠାଗାର ସ୍ଥାପନ, ଶିଶୁ ଓ ମାତୃମଙ୍ଗଳ କେନ୍ଦ୍ର ସ୍ଥାପନ, ଚାରାରୋପଣ, କଦଳୀ ଚାଷ ମାଛ ଚାଷ, କୁକୁଡ଼ା ପାଳନ କ୍ଷେତ୍ରରେ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସମସ୍ତ କାର୍ଯ୍ୟ ପରିଚାଳନା ଓ ଟିକସ ଆଦାୟ ପାଇଁ ଜଣେ ବେତନପ୍ରାପ୍ତ ସମ୍ପାଦକ ତଥା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ନିଯୁକ୍ତ ହୋଇଥାଆନ୍ତି। ପଞ୍ଚାୟତର ସମସ୍ତ ଦାୟିତ୍ୱ ପିଇଓଙ୍କ ଅଧୀନରେ ଥାଏ। ଲୋକମାନେ ନିଜ ବ୍ୟକ୍ତିଗତ ସମସ୍ୟା ସମାଧାନ କିମ୍ବା ସରକାରୀ ଯୋଜନାରେ ସାମିଲ ପାଇଁ ସରପଞ୍ଚ ଏବଂ ପିଇଓଙ୍କ ନିକଟରେ ଅଭିଯୋଗ କରିଥାନ୍ତି। ଜିଆରଏସ ମଧ୍ୟ ପଞ୍ଚାୟତର ଅନେକ କାର୍ଯ୍ୟ ତଦାରଖ କରିଥାନ୍ତି। ଏଥିପାଇଁ ସରକାର ପ୍ରତ୍ୟେକ ପଞ୍ଚାୟତ ଅଫିସରେ ପିଇଓ, ଜିଆରଏସ ଓ ପିଅନ ନିଯୁକ୍ତି କରିଥାନ୍ତି। ମାତ୍ର ଗଞ୍ଜାମ ବ୍ଲକର ଅଧିକାଂଶ ପଞ୍ଚାୟତରେ ତାଲା ଝୁଲୁଥିବା ଅଭିଯୋଗ ହୋଇଛି। ଗଞ୍ଜାମ ବ୍ଲକର ଖଣ୍ଡିଦେଉଳି, ସନ୍ତୋଷପୁର ଓ ଉମୁରି ଧର୍ମଶରଣପୁର ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ଝୁଲୁଥିବା ଦେଖିବାକୁ ମିଳୁଛି। ହିତାଧିକାରୀମାନେ ପଞ୍ଚାୟତ ଅଫିସ ଖୋଲା ନ ଥିବାରୁ ନିରାଶ ହୋଇ ଫେରୁଛନ୍ତି। ପଞ୍ଚାୟତର ସରପଞ୍ଚ, ପିଇଓ, ଜିଆରଏସ ଓ ପିଅନଙ୍କୁ କାହାକୁ ଦେଖିବାକୁ ମିଳୁନାହିଁ। ସ୍ଥାନୀୟ ଲୋକେ ପିଇଓଙ୍କୁ ଫୋନ କଲେ ବ୍ଲକ କାର୍ଯ୍ୟାଳୟରେ ଅଛି ବୋଲି କହୁଛନ୍ତି। ସେ ଯଦି ବ୍ଲକରେ ଅଛନ୍ତି ତେବେ ଅନ୍ୟମାନେ କୁଆଡେ ଯାଇଛନ୍ତି, ଯାହାଦ୍ୱାରା ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପଡୁଛି ବୋଲି ପ୍ରଶ୍ନ ଉଠୁଛି। ଏସମ୍ପର୍କରେ ଖଣ୍ଡିଦେଉଳି ପଞ୍ଚାୟତ ପିଇଓ ନୀଳମଣି ବେହେରାଙ୍କୁ ପଚାରିଲେ ସେ ପରେ ଫୋନ କରିବେ କହି ଫୋନ କାଟି ଦେଇଥିଲେ। ସନ୍ତୋଷପୁର ପଞ୍ଚାୟତର ପିଇଓଙ୍କୁ ପଚାରିଲେ ସମସ୍ତଙ୍କ ଟ୍ରେନିଂ ଚାଲିଥିଲା ବୋଲି କହି ଏଡେଇ ଯାଇଛନ୍ତି। ଗଞ୍ଜାମ ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ପାନୀୟ ଜଳ ସମସ୍ୟା ସମାଧାନରେ ବାଧକ ସାଜିଛି ରାସ୍ତା

ଧରାକୋଟ,୧୨।୩ (ବିଷ୍ଣୁ କେଶରୀ ଆଚାର୍ଯ୍ୟ) ଗଞ୍ଜାମ ଜିଲା ଧରାକୋଟ ବ୍ଲକର ଉପାନ୍ତ ଅଞ୍ଚଳ ସାବା ଓ ବଳରାମପୁର ପଞ୍ଚାୟତର କେତେକ ଗ୍ରାମରେ ପାନୀୟ ଜଳ ସମସ୍ୟା ଦେଖା ଦେଇଛି। ଗ୍ରାମଗୁଡିକୁ ନିତିଦିନିଆ ରାସ୍ତା ନ ଥିବାରୁ ପିଇବା ପାଣି ସମସ୍ୟା ସମାଧାନ ହୋଇପାରୁନାହିଁ। ବଳରାମପୁର ପଞ୍ଚାୟତର ଗୁଡୁରୁଗୁମା, ଝିରଝିରା ଓ ସାବା ପଞ୍ଚାୟତର କଞ୍ଜିଆମ୍ବ, ତୋରାଣିପାଣି, ନାକିଆମ୍ବ, ଖଜୁରିଝୋଲା, ପିଲିପଦର, ଗୋଛାଗୁଡା, ବେତବଣ ଆଦି ଗାଁକୁ ନିତିଦିନିଆ ରାସ୍ତା ନାହିଁ। ପାନୀୟ ଜଳ ସମସ୍ୟା ସମାଧାନ ପାଇଁ ସେହିସବୁ ଗାଁଗୁଡିକରେ ବୋର ୱେଲ ଖୋଳିବା ପାଇଁ ଗାଡି ପହଞ୍ଚିପାରୁ ନାହିଁ । ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ କେତେକ ପଡା ଗ୍ରାମରେ ସାନିଟାରି ୱାଲ କରାଯାଇଥିଲେ ମଧ୍ୟ ଏହା ଆବଶ୍ୟକ ପରିମାଣର ଜଳ ଯୋଗାଣ କରିପାରୁନାହିଁ । ଫଳରେ ଲୋକେ ଝରଣା ପାଣିକୁ ଗାଧୁଆ, ରୋଷେଇ, ଲୁଗା ସଫା ଓ ଚାଷ ପାଇଁ ବ୍ୟବହାର କରୁଛନ୍ତି । ପ୍ରତିବର୍ଷ ଗ୍ରୀଷ୍ମ



ଦୁର୍ଗମ ଅଞ୍ଚଳର ଏକ ଗ୍ରାମରେ ଥିବା କୂଅ।

ଋତୁ ଆରମ୍ଭରୁ ସାବା ଓ ବଳରାମପୁର ପଞ୍ଚାୟତର ପଡା ଗ୍ରାମଗୁଡିକୁ ରାସ୍ତା ନ ଥିବାରୁ ସେଠାରେ ବାସ କରୁଥିବା ଲୋକେ ପାନୀୟ ଜଳ ସମସ୍ୟା ଭୋଗିଥାନ୍ତି। ଗ୍ରାମ୍ୟ ଜଳ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ ଇ. ଦୀପ୍ତାଂଶୁ ପରିଡା ଏବଂ ସହକାରୀ ଯନ୍ତ୍ରୀ ଇ. ଚିନ୍ମୟୀ ରାଉତଙ୍କୁ ପଚାରିବାରୁ ବିଭାଗ ପକ୍ଷରୁ ବ୍ଲକର ଘାଟି ଅଞ୍ଚଳର ଗାଁ ଗୁଡିକ ପାଇଁ ୧୭ଟି ସୋଲାର ପମ୍ପ ପ୍ରକଳ୍ପ ପାଇଁ ପ୍ରସ୍ତାବ ଉପରିସ୍ଥ ଅଧିକାରୀଙ୍କ ନିକଟକୁ ପଠାଯାଇଛି। କେତେକ ଗ୍ରାମକୁ ରାସ୍ତା ନ ଥିବାରୁ ଗାଡି ଯାଇପାରୁନି। ଫଳରେ ଗ୍ରାମରେ ବୋର ୱେଲ ଖୋଳିବାରେ ଅସୁବିଧା ହେଉଛି ବୋଲି ଉଭୟେ କହିଛନ୍ତି । ଗଞ୍ଜାମ ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଦାବି ହେଉଛି।

